ଅଭିଷେକ-ତିଲକ ଫ୍ଲପ୍ : କମ୍‌ବ୍ୟାକ୍ କରିବେ ସଞ୍ଜୁ ସାମସନ!



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
32 YEARS
ସମ୍ବାଦ କଳିକା
The Sambad Kalika
TM
E-mail : sambadkalikanews@gmail.com
e-paper www.sambadkalika.in
ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper
NS-EN ISO 9001:2008
କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ
୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages, ₹2.00

● ବର୍ଷ–୩୩ ● ସଂଖ୍ୟା–୨୭ ● ୨୪ ଫେବୃଆରୀ ୨୦୨୬, ମଙ୍ଗଳବାର ● ଭୁବନେଶ୍ୱର ● Vol -33 ● Issue-27 ● 24th February 2026, Tuesday ● Bhubaneswar | RNI Regd.No. : 52640/94 Postal Regd.No. : BN-60/25-27

## ବାଚସ୍ପତିଙ୍କ ସର୍ବଦଳୀୟ ବୈଠକ ସତ୍ତ୍ୱେ ଜାରି ରହିଲା ବିରୋଧୀଙ୍କ ନାରାବାଜି

# ହଙ୍ଗାମା ଭିତରେ ବଜେଟ୍ ଉପରେ ସାଧାରଣ ଆଲୋଚନା ଆରମ୍ଭ

**ଭୁବନେଶ୍ୱର, ୨୨।୨**
**ନ୍ୟୁଜ୍ ବ୍ୟୁରୋ**

ସୋମବାର ବିଧାନସଭା ବୈଠକ ଆରମ୍ଭରୁ ମୁଖ୍ୟ ବିରୋଧୀ ଦଳ ବିଜେଡ଼ି ଏବଂ ସହଯୋଗୀ କଂଗ୍ରେସର ବିଧାୟକମାନେ ଚାଷୀ ସମସ୍ୟାକୁ ନେଇ ହାତରେ ପ୍ଲାକାର୍ଡ, ପୋଷ୍ଟର, ବ୍ୟାନର ଧରି ଗୃହର ମଧଭାଗକୁ ଆସି ସରକାର ବିରୋଧୀ ନାରାବାଜି ଚଳାଇବାରୁ ଏକ ଅଭାବନୀୟ ପରିସ୍ଥିତି ସୃଷ୍ଟି ହୋଇଥିଲା। ଏହା ସତ୍ତ୍ୱେ ବାଚସ୍ପତି ଶ୍ରୀମତୀ ସୁରମା ପାଢୀ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଚଳାଇବାକୁ ଚାହିଁଥିଲେ ଏବଂ ଏକ ପ୍ରଶ୍ନର ଉତ୍ତର ରଖିବାକୁ ମୁଖ୍ୟମନ୍ତ୍ରୀଙ୍କ ତରଫରୁ ଆଇନ୍‌ମନ୍ତ୍ରୀଙ୍କୁ ଡାକିଥିଲେ। ଆଇନ୍‌ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ତାଙ୍କର ପ୍ରାରମ୍ଭିକ ଲିଖିତ ଉତ୍ତର ପଢୁଥିବା ବେଳେ ବିରୋଧୀଙ୍କ ହୋହଲ୍ଲା ଓ ନାରାବାଜି ଜୋର



ଧରିବାରୁ ବାଚସ୍ପତି ଗୃହର ଅଚଳାବସ୍ଥା ଏଡାଇବା ପାଇଁ ୧୧ଟା ୩୦ ପର୍ଯ୍ୟନ୍ତ ବୈଠକକୁ ମୁଲତବୀ କରିଥିଲେ।

ଦ୍ୱିତୀୟବାର ୧୧ଟା ୩୦ରେ ପୁନର୍ବାର ଗୃହକାର୍ଯ୍ୟ ଆରମ୍ଭ ହୋଇଥିଲେ ହେଁ ପୂର୍ବ ଭଳି ବିରୋଧୀ ଦଳ ଉଭୟ ବିଜେଡ଼ି ଏବଂ କଂଗ୍ରେସର ବିଧାୟକମାନେ ଗୃହ ମଝିରେ ସେମାନଙ୍କର ଦାବି ଉପରେ ସ୍ଲୋଗାନ ଜାରି ରଖିଥିଲେ। ସେମାନେ ଯୋଗାଣ ମନ୍ତ୍ରୀଙ୍କ ଇସ୍ତଫା ଏବଂ ପ୍ରଧାନମନ୍ତ୍ରୀଙ୍କ ଇସ୍ତଫା ଦାବି କରିବା ସହ ଚାଷୀମାରଣ ନୀତି ଚଳିବ ନାହିଁ ବୋଲି ନାରାବାଜି ଦେଇ ପ୍ଲାକାର୍ଡ ପ୍ରଦର୍ଶନ କରିଥିଲେ। ବାଚସ୍ପତିଙ୍କ ଅନୁମତିକ୍ରମେ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ ବକ୍ତବ୍ୟ ରଖିବାର ସୁଯୋଗ ପାଇଥିଲେ। ଶ୍ରୀ କାଡାମ ଅଷ୍ଟିନ୍ ଫାଇଲ୍ ପ୍ରସଙ୍ଗ ଉଠାଇ ନୈତିକତା ଦୃଷ୍ଟିରୁ ପ୍ରଧାନମନ୍ତ୍ରୀଙ୍କ ଇସ୍ତଫା ଦାବି କରିଥିଲେ ଏବଂ ଲୋକସଭାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ ପ୍ରତି ଅପଶବ୍ଦ ବ୍ୟବହାର କରାଯାଇଥିବା ନେଇ ବିଜେପି ସରକାରଙ୍କୁ କଡା ସମାଲୋଚନା କରିଥିଲେ। କଂଗ୍ରେସ ଦଳର ଅନ୍ୟ ସଦସ୍ୟମାନେ ମଧ ଏହି ପ୍ରସଙ୍ଗରେ ସରକାରଙ୍କୁ ଘେରିଥିଲେ। ତେବେ ଗୃହରେ ଉପସ୍ଥିତ ଥିବା ବିଜେଡ଼ି ବିଧାୟକମାନେ ବାଚସ୍ପତିଙ୍କ ପୋଡିୟମ ସମ୍ମୁଖରେ ପ୍ଲାକାର୍ଡ, ବ୍ୟାନର ପ୍ରଦର୍ଶନ *(ପୃଷ୍ଠା ୭ରେ)*

# ଭାରତୀୟଙ୍କୁ ଇରାନ୍ ଛାଡିବାକୁ ପରାମର୍ଶ

**ତେହେରାନ, ୨୨।୨**

ଇରାନ ଉପରେ ଆମେରିକାର ଆକ୍ରମଣର ସମ୍ଭାବନା ବୃଦ୍ଧି ପାଉଥିବା ପରିପ୍ରେକ୍ଷୀରେ ତେହେରାନରେ ଥିବା ଭାରତୀୟ ଦୂତାବାସ ପକ୍ଷରୁ ଏହାର ନାଗରିକମାନଙ୍କୁ ଯେକୌଣସି ପରିସ୍ଥିତିରେ ତୁରନ୍ତ ଇରାନ ଛାଡିବାକୁ ପରାମର୍ଶ ଦିଆଯାଇଛି।ଭାରତୀୟ ଦୂତାବାସ ପକ୍ଷରୁ ଏ ସମ୍ପର୍କରେ ଏକ ପରାମର୍ଶ ଜାରି କରାଯାଇଛି। ଏଥିରେ ଭାରତୀୟମାନଙ୍କୁ ଯେକୌଣସି ପରିସ୍ଥିତିରେ ଇରାନ ଛାଡିବାକୁ କୁହାଯାଇଛି। ଭାରତର ଏହି ପରାମର୍ଶ ପରେ, ଇରାନ ଉପରେ ଆମେରିକାର ଆକ୍ରମଣର ସମ୍ଭାବନା ଆହୁରି ବୃଦ୍ଧି ପାଇଛି। ସୋମବାର ଜାରି ହୋଇଥିବା ଏକ ସତର୍କ ସୂଚନାରେ ଭାରତୀୟ



ଦୂତାବାସ କୁହାଯାଇଛି ଯେ ଜାନୁଆରୀ ୫, ୨୦୨୬ରେ ଭାରତ ସରକାରଙ୍କ ଦ୍ୱାରା ଜାରି କରାଯାଇଥିବା ପରାମର୍ଶକୁ ଜାରି ରଖି ଏବଂ ଇରାନର ବର୍ତ୍ତମାନର ପରିସ୍ଥିତିକୁ ଦୃଷ୍ଟିରେ ରଖି, ଇରାନରେ ଉପସ୍ଥିତ ଥିବା ଭାରତୀୟ ନାଗରିକ (ଛାତ୍ର, ତୀର୍ଥଯାତ୍ରୀ, ବ୍ୟବସାୟୀ ଏବଂ ପର୍ଯ୍ୟଟକ)ଙ୍କୁ ତତ୍କାଳ ଇରାନ ଛାଡ଼ିବାକୁ ପରାମର୍ଶ ଦିଆଯାଇଛି।

ଜାନୁଆରୀ ୧୪, ୨୦୨୬ରେ ଜାରି ହୋଇଥିବା ପରାମର୍ଶକୁ ପୁନରାବୃତ୍ତି କରି ଦୂତାବାସ ପକ୍ଷରୁ କୁହାଯାଇଛି ଯେ ସମସ୍ତ ଭାରତୀୟ ନାଗରିକ ଏବଂ ଭାରତୀୟ ବଂଶୋଦ୍ଭବ ବ୍ୟକ୍ତି ଉପଯୁକ୍ତ ସତର୍କତା ଅବଲମ୍ବନ କରିବା ଉଚିତ। ଇରାନରେ ଥିବା ସମସ୍ତ ଭାରତୀୟ ନାଗରିକଙ୍କୁ ସେମାନଙ୍କର ପାସପୋର୍ଟ ଏବଂ ପରିଚୟପତ୍ର ସମେତ ଯାତ୍ରା ଏବଂ ଡକ୍ୟୁମେଣ୍ଟଗୁଡ଼ିକୁ ସର୍ବଦା ପ୍ରସ୍ତୁତ ରଖିବାକୁ ପରାମର୍ଶ ଦିଆଯାଇଛି। ଏହି ସମ୍ପର୍କରେ ଯେକୌଣସି ସହାୟତା ପାଇଁ ସେମାନେ ଭାରତୀୟ ଦୂତାବାସ ସହିତ ଯୋଗାଯୋଗ କରିବାକୁ ମଧ କୁହାଯାଇଛି।

# ଖାଲି ପଡିଛି ୯୪ହଜାର ପଦବୀ

**ଭୁବନେଶ୍ୱର, ୨୨।୨**
**ନ୍ୟୁଜ୍ ବ୍ୟୁରୋ**

ଚଳିତ ଫେବୃଆରୀ ମାସ ୧୨ ତାରିଖ ସୁଦ୍ଧା ରାଜ୍ୟରେ ବିଭିନ୍ନ ବିଭାଗରେ ୯୪ହଜାର ୪୮୫ପଦବୀ ଖାଲି ପଡିଛି । ଏଥି ମଧ୍ୟରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗରେ ସର୍ବାଧିକ ୨୦ହଜାର ୨୮୯ ପଦବୀ ଖାଲି ପଡିଛି। ସୋମବାର ବିଧାନସଭାରେ ବିଧାୟକ ଚକ୍ରମଣି କହଁରଙ୍କ ଏ ସମ୍ପର୍କିତ ପ୍ରଶ୍ନର ଲିଖିତ ଉତ୍ତରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ସୂଚନା ଦେଇଛନ୍ତି। ସେ ତାଙ୍କ ଉତ୍ତରରେ ଦର୍ଶାଇଛନ୍ତି ଗୃହ ବିଭାଗରେ ୧୬ହଜାର ୩୨, ସ୍ୱାସ୍ଥ୍ୟ ବିଭାଗରେ ୧୦ହଜାର ୪୫୭ ପଦବୀ ଖାଲି ପଡିଥିବା ବେଳେ ୨୦୨୪ ଅପ୍ରେଲ ୧୨ ତାରିଖ ଠାରୁ ୨୦୨୬ ଫେବୃଆରୀ ୧୨



ତାରିଖ ମଧ୍ୟରେ ୩୯ହଜାର ୫୦୫ ନିଯୁକ୍ତି ଶେଷ ହୋଇଛି।

ବିଧାନସଭାରେ ବିଜେଡ଼ି ବିଧାୟକ ପ୍ରଦୀପ ଦିଶାରୀଙ୍କ ଅନ୍ୟଏକ ପ୍ରଶ୍ନରେ ମୁଖ୍ୟମନ୍ତ୍ରୀଙ୍କ ଉତ୍ତରରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି ଯେ ରାଜ୍ୟରେ ୪୨ ଆଇଏଏସ ଏବଂ ୬୭ ଆଇପିଏସ ପଦବୀ ଖାଲି ପଡିଛି। ସେହିଭଳି ୬୬ ଆଇଏଫଏସ ପଦବୀ ଖାଲି ପଡ଼ିଥିବା ବେଳେ ୩୩୦ ଓଏଏସ ଏବଂ ୧୪୬ ଓପିଏସ ପଦବୀ ଖାଲି ପଡିଛି। ଏହା ବ୍ୟତୀତ ୪୭୩ ଓଡିଶା ବନ ସେବା ପଦବୀ ଖାଲି ପଡିଥିବା ମୁଖ୍ୟମନ୍ତ୍ରୀ ତାଙ୍କ ଲିଖିତ ଉତ୍ତରରେ ଦର୍ଶାଇଛନ୍ତି।

ଡାକ୍ତର ପଦବୀ ଖାଲି ପଡିଥିବା ସମ୍ପର୍କରେ ଅନ୍ୟ ଏକ ପ୍ରଶ୍ନର ଉତ୍ତରରେ ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ଦର୍ଶାଇଛନ୍ତି ରାଜ୍ୟରେ ୫ ହଜାର ୯୬୭ ଡାକ୍ତର ପଦବୀ ଖାଲି ପଡିଛି।

ରାଜ୍ୟରେ ମୋଟ ୯ ହଜାର ୮୨୬ ଡାକ୍ତର କାର୍ଯ୍ୟରତ ଥିବା ବେଳେ ଖାଲି ଥିବା ସ୍ଥାନରେ ୧୨୨୪ ଜଣଙ୍କୁ ଚୁକ୍ତି ଭିତ୍ତିକ, ୧୧୩ ଜଣଙ୍କୁ ଡ଼ିଏମଏଫ, ୧୯ ଜଣଙ୍କୁ ଆଡ଼ ହକ, ୪ ଜଣଙ୍କୁ କର୍ପସ ଫଣ୍ଡ ଜରିଆରେ ନିଯୁକ୍ତି ଦିଆଯାଇଛି । ହଜାରେ ଲୋକଙ୍କୁ ଜଣେ ଡାକ୍ତର ରହିବା ନିୟମାବଳୀ ଅନୁସାରେ ରାଜ୍ୟରେ ୧୨୬୫ ଜଣରେ ଜଣେ ଡାକ୍ତର ରହିଛନ୍ତି ।

## ସୁନା ଦର

| | |
|---|---|
| ୨୪ କ୍ୟାରେଟ ସୁନା – ପ୍ରତି ଗ୍ରାମ | ୧୬,୧୩୫ (+୨୦୭) |
| ୨୨ କ୍ୟାରେଟ ସୁନା – ପ୍ରତି ଗ୍ରାମ | ୧୪,୭୯୦ (+୧୯୦) |
| ୧୮ କ୍ୟାରେଟ ସୁନା – ପ୍ରତି ଗ୍ରାମ | ୧୨, ୧୦୧ (+୧୫୫) |

## ରୁପା ଦର

ରୂପା – ପ୍ରତି ଗ୍ରାମ୍ ୩୦୦ (+୧୦)

# ରାଜ୍ୟରେ ୪୦ ମାଓବାଦୀ ସକ୍ରିୟ ଅଛନ୍ତି

**ଭୁବନେଶ୍ୱର, ୨୨।୨**
**ନ୍ୟୁଜ୍ ବ୍ୟୁରୋ**

ଏବେ ରାଜ୍ୟରେ ପ୍ରାୟ ୪୦ଜଣ ସକ୍ରିୟ ମାଓବାଦୀ କଳାହାଣ୍ଡି, ରାୟଗଡା, କନ୍ଧମାଳ, ବୌଦ୍ଧ, ବଲାଙ୍ଗିର ଏବଂ ବରଗଡ ଜିଲ୍ଲାର କିଛି ଅଞ୍ଚଳରେ ଛୋଟ ଛୋଟ ଦଳରେ ବିଭକ୍ତ ହୋଇ କାର୍ଯ୍ୟ କରୁଛନ୍ତି। ସୋମବାର ବିଧାନସଭାରେ ଏ ସମ୍ପର୍କିତ ଏକ ପ୍ରଶ୍ନର ଲିଖିତ ଉତ୍ତରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ସୂଚନା ଦେଇଛନ୍ତି।

ମୁଖ୍ୟମନ୍ତ୍ରୀ ତାଙ୍କ ଲିଖିତ ଉତ୍ତର ଦର୍ଶାଇଛନ୍ତି ରାଜ୍ୟରେ ମାଓବାଦୀ ସମସ୍ୟା ଜନିତ ସ୍ଥିତିରେ କ୍ରମାଗତ ଭାବରେ ଉନ୍ନତି ପରିଲକ୍ଷିତ ହୋଇଅଛି । ସାଂପ୍ରତିକ ସ୍ଥିତିରେ କେନ୍ଦ୍ର ସରକାରଙ୍କ *(ପୃଷ୍ଠା ୭ରେ)*



32 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୨୪ ଫେବୃୟାରୀ ୨୦୨୬ ମଙ୍ଗଳବାର





# ଜାରକା ପ୍ରତି ପ୍ରଶାସନିକ ଅବିଚାର:ଅସନ୍ତୋଷ ବଢ଼ୁଛି




**ଧର୍ମଶାଳା, ନ୍ୟୁଜ୍ ବ୍ୟୁରୋ**

ସରକାର ପରିବର୍ତ୍ତନ ପରେ ଧର୍ମଶାଳାର ବିକାଶ କାର୍ଯ୍ୟ ବନ୍ଦ ହେବାକୁ ବସିଲାଣି। ଧର୍ମଶାଳା ନିର୍ବାଚନ ମଣ୍ଡଳୀର କେନ୍ଦ୍ରସ୍ଥଳ ଜାରକାକୁ ସମ୍ପୂର୍ଣ୍ଣ ଅଣଦେଖା କରାଯାଉଛି। ଦୀର୍ଘ ଦିନର ଦାବି ପୋଲିସ ଏସ୍‌ଡିପିଓ କାର୍ଯ୍ୟାଳୟ, ଏନ୍‌ଏସି ଘୋଷଣା, ସବ୍ ଡିଭିଜନ୍ ଘୋଷଣା, ସିଭିଲ୍‌କୋର୍ଟ ଖୋଲିବା, ଜାରକା ସହର ଅଞ୍ଚଳରୁ ଜବରଦଖଲ ଉଚ୍ଛେଦ ଓ ୩ଟି ୪ ଥାକିଆ ରାସ୍ତା କାର୍ଯ୍ୟ ଟେଣ୍ଡର ହୋଇଥିଲେ ବି ବନ୍ଦ ରହିବା ଘଟଣା କ୍ରମଶଃ ଲୋକଙ୍କ ମଧ୍ୟରେ ଏହି ଅସନ୍ତୋଷ ବଢ଼ୁଥିବା ଦେଖାଦେଇଛି। ଜାରକାରେ ବହୁ ଜିଲ୍ଲା ଓ ସବ୍‌ଡିଭିଜନ୍ ସ୍ତରୀୟ କାର୍ଯ୍ୟାଳୟ କାର୍ଯ୍ୟ କରୁଛି। ଏଠାରେ ସରକାରୀ ଅଫିସ୍ ପାଇଁ ଶହ ଶହ ଏକର ସରକାରୀ ଜମି ରହିଛି। ସର୍ବପୁରାତନ ଧର୍ମଶାଳା ଥାନା ଅଧିନରେ ପୂର୍ବରୁ ଧର୍ମଶାଳା, ସୁକିନ୍ଦା, ବଡ଼ଚଣା ନିର୍ବାଚନ ମଣ୍ଡଳୀ ଥିଲା। ଧର୍ମଶାଳା କେନ୍ଦ୍ରସ୍ଥଳ ଥିଲା। ଧର୍ମଶାଳାକୁ (ଜାରକା)କୁ ଏନ୍‌ଏସି କରିବା, ସବ୍‌ଡିଭିଜନ୍ କରିବା ପାଇଁ ରାଜ୍ୟ ସରକାରଙ୍କ ପାଖରେ ୪୦ ବର୍ଷ ଧରି ଦାବି ହୋଇଆସୁଛି। ସମାଜସେବୀ ସ୍ୱର୍ଗତ ବୈରାଗୀଚରଣ ବିଶ୍ୱାଳ ପୂର୍ବତନ ବିଧାୟକ ରବିଲାବଣ୍ୟ, କାଙ୍ଗାଳିଚରଣ ପଣ୍ଡା ବାରମ୍ବାର ଦାବି କରିଥିଲେ। ବହୁଥର ଆନ୍ଦୋଳନ ଓ ଧାରଣ ଦିଆଯାଇ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ୧୯୮୯ ମସିହାରେ ସବ୍‌ଡିଭିଜନ୍ ଓ ଏନ୍‌ଏସି ପାଇଁ ସରକାରୀ ବିଜ୍ଞପ୍ତି ବାହାରିଥିଲା। ୧ ବର୍ଷ ପୂର୍ବରୁ ଧର୍ମଶାଳାରେ କୋର୍ଟ ଖୋଲିବା ପାଇଁ ସରକାରୀ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ନିଷ୍ପତି ପରେ ପ୍ରଶାସନ କିମ୍ବା ରାଜନୈତିକ ସ୍ତରରେ କୌଣସି ଉଦ୍ୟମ ହେଉନାହିଁ। ଧର୍ମଶାଳା ଅଗ୍ନିଶ୍ରମ କାର୍ଯ୍ୟାଳୟକୁ ଜେନାପୁର ଥାନା ଚଢେଇଧର ଅଞ୍ଚଳରେ କାର୍ଯ୍ୟ କରୁଛି। ଧର୍ମଶାଳା ଥାନା ଅଧିନରେ ଜାରକା ଠାରେ ଦମକଳ କେନ୍ଦ୍ର ଖୋଲିବା, ଜାରକାରେ ନୂତନ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର କରିବା ପାଇଁ ଦାବି ହୋଇଆସୁଛି। ଜାରକା ପ୍ରତି ଅନ୍ୟାୟ ହେଉଥିବା ବେଳେ ବିଭିନ୍ନ ଦଳୀୟ ନେତା ଓ କର୍ମୀ ପ୍ରତିବାଦ କରିବା ପାଇଁ ଅଣ୍ଟା ଭିଡ଼ିଲେଣି। ରାଜ୍ୟ ସରକାର ତୁରନ୍ତ ସ୍ଥାନୀୟ ସମସ୍ୟା ପ୍ରତି ଦୃଷ୍ଟି ଦେବାକୁ ବୁଦ୍ଧିଜୀବୀମାନେ ଦାବି କରିଛନ୍ତି।



# ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ରାତି ୧୧ଟା ବେଳେ ଅଚାନକ୍ ପହଞ୍ଚିଲେ ଜିଲ୍ଲାପାଳ

**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**

ରାତି ୧୧ଟାରେ ସୁବର୍ଣ୍ଣପୁର ଜିଲ୍ଲାପାଳ ଡ଼. ନୃପରାଜ ସାହୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଅଚାନକ୍ ପରିଦର୍ଶନରେ ଯାଇ ସମସ୍ତ ବିଭାଗକୁ ବୁଲି ଡିଉଟିରେ ଥିବା ସମସ୍ତ ଡ଼ାକ୍ତର କର୍ମଚାରୀଙ୍କ କାର୍ଯ୍ୟ ତଦାରଖ କରିଛନ୍ତି । ଡ. ସାହୁ ଏହି ପରିଦର୍ଶନ ବେଳେ ନାଲିବତି ଗାଡ଼ିରେ ନଯାଇ ହଠାତ୍ ଜଣେ ସାଧାରଣ ଲୋକଙ୍କ ଭଳି ମେଡିକାଲ୍‌ରେ ପହଞ୍ଚି ସ୍ୱଚ୍ଛତା, ରୋଗୀ ସେବା ଓ ସୁରକ୍ଷା ବିଭିନ୍ନ ଦିଗ ଉପରେ ଅନୁଧ୍ୟାନ କରିବା ସହ ରୋଗୀ ସେବାରେ ଅବହେଳା ନକରିବାକୁ ଡାକ୍ତର ଓ କର୍ମଚାରୀଙ୍କ ସହ ଆଲୋଚନା କରିଥିଲେ । ଜିଲ୍ଲାପାଳ କାର୍ଯ୍ୟରେ ଯୋଗଦେବା ପରେ ସ୍ୱାସ୍ଥ୍ୟ ବିଭାଗକୁ ବାରମ୍ବାର ପରିଦର୍ଶନ କରୁଥିବାରୁ ବିଭାଗର ଅନେକ ସମସ୍ୟାର ଆସ୍ତେ ଆସ୍ତେ ସୁଧାର ଆସିଛି। ସେ ହଠାତ୍ କେତେବେଳେ ଦୂରରେ ଗାଡି ରଖି ଚାଲି ଚାଲି ମେଡିକାଲ୍ ପହଞ୍ଚିଯାଆନ୍ତି ତ ବେଳେ ବେଳେ ସ୍କୁଟିରେ ବି ପହଞ୍ଚିଯାଆନ୍ତି । ଜିଲ୍ଲାପାଳଙ୍କ ଏଭଳି ରାତି ଅଧିଆ ଅଚାନକ୍ ପରିଦର୍ଶନ ଘଟଣାରେ ସ୍ୱାସ୍ଥ୍ୟ ବିଭାଗ ସମେତ ବିଭିନ୍ନ ବିଭାଗର କର୍ମଚାରୀ ଛାନିଆ ହୋଇଯାଇଥିବା ଜଣାପଡ଼ିଛି ।

# ବିଶ୍ୱବିଦ୍ୟାଳୟ ମାନ୍ୟତା ଦାବିରେ ରାସ୍ତାକୁ ଓହ୍ଲାଇଲେ ଶୈଳବାଳା କଲେଜ୍ ଛାତ୍ରୀ

**କଟକ, ନ୍ୟୁଜ୍ ବ୍ୟୁରୋ**




ବିଶ୍ୱବିଦ୍ୟାଳୟ ମାନ୍ୟତା ଦାବିରେ ରାସ୍ତାରେ ଛାତ୍ରୀ। 'ଶୈଳବାଳା କଲେଜ୍'କୁ ବିଶ୍ୱବିଦ୍ୟାଳୟ ମାନ୍ୟତା ଦାବିରେ ଛାତ୍ରୀଙ୍କ ପ୍ରତିବାଦ। ୧୧୩ ବର୍ଷ ପୁରୁଣା କଲେଜକୁ କାହିଁକି ବିଶ୍ୱ ବିଦ୍ୟାଳୟ ମାନ୍ୟତା ମିଳୁନି ବୋଲି ପ୍ରଶ୍ନ କରୁଛନ୍ତି ଛାତ୍ରୀ ? ଏଣୁ 'ଶୈଳବାଳା କଲେଜ୍'କୁ ବିଶ୍ୱବିଦ୍ୟାଳୟ ମାନ୍ୟତା ଦାବିରେ କଲେଜ୍ ସମ୍ମୁଖକୁ ଆସି ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଗଲା ୨୮ ଦିନ ଧରି ଧାରଣାରେ ବସିଛନ୍ତି ପିଲାଏ ହେଲେ ରାଜ୍ୟ ବଜେଟ୍‌ରେ ରାଜ୍ୟର ୪ଟି ଜିଲ୍ଲାରେ ବିଶ୍ୱ ବିଦ୍ୟାଳୟ ସ୍ଥାପନ ପାଇଁ ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। କିନ୍ତୁ ବର୍ତ୍ତମାନ୍ ପର୍ଯ୍ୟନ୍ତ ରାଜ୍ୟର ପ୍ରଥମ ମହିଳା ମହାବିଦ୍ୟାଳୟ କଟକର ଶୈଳବାଳା କଲେଜ୍‌କୁ ବିଶ୍ୱବିଦ୍ୟାଳୟ ମାନ୍ୟତାରୁ ବଞ୍ଚିତ ରଖାଯାଇଛି । ଯାହାକୁ ନେଇ କଟକବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି । ୧୧୩ ବର୍ଷର ଏହି ପୁରାତନ ଐତିହାସିକ କଲେଜକୁ ବିଶ୍ୱ ବିଦ୍ୟାଳୟରେ ପରିଣତ କରିବା ପାଇଁ ବର୍ଷ ବର୍ଷ ଧରି ବୁଦ୍ଧିଜୀବୀ ଓ ଛାତ୍ରୀମାନେ ଦାବି କରିଆସୁଛନ୍ତି । ଯାହାକୁ ନେଇ ଛାତ୍ରୀମାନେ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ଏବଂ ଦାବି ପୂରଣ ନହେଲେ ଆଗକୁ ଆନ୍ଦୋଳନ ଆହୁରି ତୀବ୍ରତର ହେବ ବୋଲି ଚେତାବନୀ ଦେଇଛନ୍ତି ।

# ବିଶ୍ୱ ପ୍ରସିଦ୍ଧ ବରଗଡ଼ ଧନୁଯାତ୍ରାର ସଫଳ ଆୟୋଜକମାନଙ୍କୁ ବରିଷ୍ଠ ନାଗରିକ ସେବା ସମ୍ମାନ ପ୍ରଦାନ




**ବରଗଡ଼, ନ୍ୟୁଜ୍ ବ୍ୟୁରୋ**

ଜିଲ୍ଲା ବରିଷ୍ଠ ନାଗରିକ ସଂଘ ସମ୍ମିଳନୀ କକ୍ଷ ଠାରେ ଗତ ୭୮ତମ ବିଶ୍ୱ ପ୍ରସିଦ୍ଧ ବରଗଡ଼ ଧନୁଯାତ୍ରା ମହୋତ୍ସବର ସଫଳ ଆୟୋଜନରେ ଉଲ୍ଲେଖନୀୟ ଅବଦାନ ରଖିଥିବା ସକ୍ରିୟ କର୍ମୀ ଓ ଅଧିକାରୀମାନଙ୍କୁ ସମ୍ମାନିତ କରିବା ଉଦ୍ଦେଶ୍ୟରେ ଏକ ସମ୍ମାନ ସମାରୋହ ଆୟୋଜିତ ହୋଇଥିଲା। ଏହି ସମାରୋହରେ ଧନୁଯାତ୍ରା ସମୟରେ ପ୍ରଶାସନିକ ସମନ୍ୱୟ, ଶୃଙ୍ଖଳାବଦ୍ଧ ପରିଚାଳନା ଓ ପ୍ରଚାର ପ୍ରସାର, ସାଂସ୍କୃତିକ କାର୍ଯ୍ୟକ୍ରମର ସଫଳ ଆୟୋଜନ, ଜନସାଧାରଣଙ୍କ ସୁବିଧା ସୁନିଶ୍ଚିତକରଣ ଏବଂ ପରମ୍ପରା ସୁରକ୍ଷାରେ ଯେଉଁମାନେ ନିଷ୍ଠାର ସହିତ କାର୍ଯ୍ୟ କରିଥିଲେ, ସେମାନଙ୍କୁ ସଂଘ ତରଫରୁ କୃତଜ୍ଞତା ଜଣାଇବା ସହ ବରିଷ୍ଠ ନାଗରିକ ସେବା ସମ୍ମାନରେ ସମ୍ମାନିତ କରାଯାଇଥିଲା । ସମାରୋହରେ ସମ୍ମାନିତ ହୋଇଥିବା ଅଧିକାରୀମାନଙ୍କ ମଧ୍ୟରେ ବରଗଡ଼ ଉପଜିଲ୍ଲାପାଳ ତଥା ଗୋପପୁର କମିଟିର ଆବାହକ ପ୍ରସନ୍ନ କୁମାର ପାଣ୍ଡେ, ସହ-ଆବାହକ ତଥା ବରଗଡ଼ ପୌରପରିଷଦ କାର୍ଯ୍ୟ ନିର୍ବାହୀ ଅଧିକାରୀ ଦେବାନନ୍ଦ ସାହୁ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ତଥା ପ୍ରଚାର ପ୍ରସାର କମିଟିର ଆବାହକ ପ୍ରହଲ୍ଲାଦ ଖୋସଲା, ବାଲ ଧନୁଯାତ୍ରାର ଆୟୋଜନ ପାଇଁ ତଥା ଜିଲ୍ଲା ଶିକ୍ଷା ଅଧିକାରୀ ଜ୍ୟୋତିକାନ୍ତ ସାହୁ ଏବଂ ଜିଲ୍ଲା ସମାଜିକ ସୁରକ୍ଷା ଓ ସଂସ୍କୃତି ଅଧିକାରୀ ତାହିର ହୁସେନ୍, ବରିଷ୍ଠ କଳାକାର ଶଙ୍କର ପଟ୍ଟନାୟକଙ୍କ ସମେତ ନିୟନ୍ତ୍ରିତ ବଜାର କମିଟି ସମ୍ପାଦକ ଗୋବିନ୍ଦ ନାଗ ସେବା ସମ୍ମାନ ସ୍ମୃତିଚିହ୍ନ ଗ୍ରହଣ କରିବା ସହ ଆଗାମୀ ଦିନରେ ମଧ୍ୟ ବରଗଡ଼ ଧନୁଯାତ୍ରାର ଗୌରବମୟ ପରମ୍ପରାକୁ ସୁରକ୍ଷିତ ଓ ସୁଦୃଢ଼ କରିବା ପାଇଁ ସମସ୍ତଙ୍କ ସାମୂହିକ ପ୍ରୟାସ ଜାରି ରଖିବାର ସଙ୍କଳ୍ପ ନେଇଥିଲେ। ସଭାପତି କେଦାର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମ୍ମାନ ସମାରୋହରେ ସମ୍ପାଦକ ଗୋବିନ୍ଦ ଦାଶ ସଂଘର ସମାଜ ସେବାରେ ବିଶେଷ ଭୂମିକା ବିଷୟରେ ଆଲୋକପାତ କରିଥିବା ବେଳେ ସର୍ଦ୍ଦାର ପ୍ରିତମ ସିଂ ସଭାକାର୍ଯ୍ୟ ପରିଚାଳନା କରିଥିଲେ ଏବଂ ଉପସଭାପତି ନିର୍ମଳ କିଶୋର କର ଅତିଥି ପରିଚୟ ପ୍ରଦାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସର୍ବଶ୍ରୀ ନବକିଶୋର ସାହୁ, ଚନ୍ଦ୍ରଶେଖର ସାହୁ, ଜଗଦୀଶ ସାହୁ, ଅମୂଲ୍ୟ ପତି, ଗୌରଚନ୍ଦ୍ର କର, ମଙ୍ଗଳୁ ବିଶ୍ୱାଳ, ନବକିଶୋର ସାହୁ, ବଳରାମ ବାବୁ, ପ୍ରସନ୍ନ କୁମାର ପ୍ରଧାନ, ସୁଶୀଲ ମହାପାତ୍ର, କେଦାର ଚରଣ ଦାଶ, ସତ୍ୟନାରାୟଣ ପଣ୍ଡା, ବାଳ ମୁକୁନ୍ଦ ଦାଶ, ଦେବୀ ପଟ୍ଟନାୟକ, କୃଷ୍ଣ ପଟ୍ଟନାୟକ ଆଦି ଶତାଧିକ ସଭ୍ୟ ଯୋଗଦେଇଥିବା ବେଳେ ସମସ୍ତଙ୍କୁ ଡ଼ ଦୋଳାମଣି ଶତପଥି ଧନ୍ୟବାଦ ଅର୍ପଣ କରିଥିଲେ ।

# ବାଣ କାରଖାନାରେ ଚଢ଼ଉ:ବିପୁଳ କଞ୍ଚାମାଲ୍ ଜବତ, ଜଣେ ଗିରଫ

**ବାରଙ୍ଗ, ନ୍ୟୁଜ୍ ବ୍ୟୁରୋ**

ବେଆଇନ୍ ବାଣ ତିଆରି କରିବା ଅଭିଯୋଗରେ ବାରଙ୍ଗ ଥାନା ବେଲଗଛିଆ ଗ୍ରାମରେ ଚଢ଼ଉ କରି ବହୁ ବାଣ ତିଆରି ସାମଗ୍ରୀ ଜବତ କରିଥିଲା। ତେବେ ପୁଣି ସନ୍ଧ୍ୟାରେ ବାରଙ୍ଗ ଥାନା ପୋଲିସ ବାଣ ପାଇଁ ବ୍ୟବହୃତ ବିଭିନ୍ନ ସାମଗ୍ରୀକୁ ଜବତ କରିଛି। ବେଲଗଛିଆ ଗ୍ରାମରେ ବେଆଇନ୍ ଭାବେ ବାଣ ତିଆରି ହେଉଥିବାର ଅଭିଯୋଗ ପୋଲିସ ପାଖରେ ପହଞ୍ଚିଥିଲା। ଖବର ପାଇ ଶନିବାର ରାତିରେ ବାରଙ୍ଗ ଥାନା ପୋଲିସ ସଦଳବଳେ ବେଲଗଛିଆ ଗ୍ରାମର କରୁଣାକର ମଲ୍ଲିକ ଓ ନନ୍ଦ ମଲ୍ଲିକଙ୍କ ଘରେ ଚଢ଼ଉ କରିଥିଲେ। କୌଣସି ସୂତ୍ରରୁ ଚଢ଼ଉର ସୂଚନା ପାଇ ପୂର୍ବରୁ ଦୁଇ ଜଣ ଫେରାର୍ ହୋଇଯାଇଥିବା ବେଳେ କରୁଣା ମଲ୍ଲିକଙ୍କ ସମେତ ୪ ଜଣଙ୍କୁ ପୋଲିସ ଘଟଣାସ୍ଥଳରୁ ଧରି ଥାନାକୁ ଆଣି ଅଟକ ରଖିଥିଲା। ପରବର୍ତ୍ତୀ ସମୟରେ ପୋଲିସ ସମସ୍ତଙ୍କୁ ନୋଟିସ୍‌ରେ ଛାଡି ଦେଇଛି। ସନ୍ଧ୍ୟାରେ ପୁନର୍ବାର ବେଲଗଛିଆ ଗ୍ରାମରେ ଚଢ଼ଉ କରି ଘଟଣାସ୍ଥଳରୁ ବାଣ ତିଆରି ପାଇଁ ପାଇପ୍, କାଗଜ, ବାରୁଦ, ସୁତୁଲି ଆଦି ବ୍ୟବହୃତ ସାମଗ୍ରୀ ଜବତ କରିଛି। ସେପଟେ ଅଟକ ଥିବା ବ୍ୟକ୍ତିଙ୍କୁ ନୋଟିସ୍ ଦେଇ ଛାଡ଼ି ଦେଇଛି।

# ଧାମନଗରରେ ସାଇବର ଜାଲିଆତି:ଅପରାଧୀମାନେ ସୃଷ୍ଟି କରୁଛନ୍ତି ବିପଦ

**ଧାମନଗର, ନ୍ୟୁଜ୍ ବ୍ୟୁରୋ**



ଆଧୁନିକ ଯୁଗରେ ସ୍ମାର୍ଟଫୋନ୍ ଏବଂ ଇଣ୍ଟରନେଟ୍ ଯେତିକି ସୁବିଧା ଆଣିଛି, ସାଇବର ଅପରାଧୀମାନେ ତା'ଠାରୁ ଅଧିକ ବିପଦ ସୃଷ୍ଟି କଲେଣି। ଆପଣଙ୍କର ଗୋଟିଏ ଭୁଲ୍ ବା ଆପଣଙ୍କ ପରିଚୟ ପତ୍ରର ଅପବ୍ୟବହାର ଆପଣଙ୍କୁ କିଭଳି କାଙ୍ଗାଳ କରିପାରେ କିମ୍ବା ଆଇନ୍‌ଗତ ଅସୁବିଧାରେ ପକାଇପାରେ, ତାହାର ଏକ ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଛି ଭଦ୍ରକ ଜିଲ୍ଲା ଧାମନଗର ଥାନା ଅଞ୍ଚଳରେ। ଆନନ୍ଦପୁର ପଞ୍ଚାୟତ ଉତ୍ତେଇପୁର ଗାଁର ପ୍ରତାପ କୁମାର ବାରିକ ନାମକ ଜଣେ ବ୍ୟକ୍ତି ଏବେ ଏକ ସଂଗଠିତ ସାଇବର ରାକେଟ୍‌ର ଶିକାର ହୋଇଥିବା ଅଭିଯୋଗ କରିଛନ୍ତି। ପ୍ରତାପ ପେଶାରେ ଜଣେ ଠିକାଦାର। ନିଜର ବ୍ୟବସାୟିକ କାରବାର ପାଇଁ ସେ ବ୍ୟାଙ୍କ ସହ ନିୟମିତ ସମ୍ପର୍କରେ ଥାଆନ୍ତି। ମାତ୍ର ସେତେବେଳେ ସେ ଆଶ୍ଚର୍ଯ୍ୟ ହୋଇଥିଲେ, ଯେତେବେଳେ ଜାଣିବାକୁ ପାଇଲେ ଯେ 'ଧନୀ' ନାମକ ଏକ ତୁରନ୍ତ ଋଣ ପ୍ରଦାନକାରୀ ଆପ୍ଲିକେସନ୍‌ରୁ ତାଙ୍କ ନାଁରେ ଋଣ ନିଆଯାଇଛି, ଯାହା ବିଷୟରେ ସେ କିଛି ବି ଜାଣିନାହାନ୍ତି। ପ୍ରତାପଙ୍କ ଅଭିଯୋଗ ଅନୁଯାୟୀ, କେହି ଜଣେ ଦୁର୍ବୃତ୍ତ ନିଜର ଆଧାର କାର୍ଡରେ ପ୍ରତାପଙ୍କ ନାମ ଏବଂ ପାନ୍ କାର୍ଡରେ ପ୍ରତାପଙ୍କ ମୋବାଇଲ୍ ନମ୍ବରକୁ ଅତି ଚତୁରତାର ସହ ଅନ୍ୟ ଜଣକ ପରିଚୟ ପତ୍ର ସହ ଯୋଡ଼ି ଏହି ଋଣ ହାସଲ କରିଛି। ଏନେଇ ୧୧ ଡିସେମ୍ବର ୨୦୨୧ରେ ମାତ୍ର ୧୫୦୦ ଟଙ୍କାର ଋଣ ନିଆଯାଇଛି। ଜାଲିଆତି କରିଥିବା ବ୍ୟକ୍ତିଜଣକ ସୁଧ ବାବଦକୁ ପ୍ରାୟ ୩୩,୪୮୨ ଟଙ୍କା ପୈଠ କରିସାରିଥିବା ସଂସ୍ଥାର କଷ୍ଟମର କେୟାର ପକ୍ଷରୁ କୁହାଯାଇଛି। ଯଦିଓ ଋଣ ଟଙ୍କାର ପରିମାଣ କମ୍ ଥିଲା, କିନ୍ତୁ ଏହି ଜାଲିଆତି ଯୋଗୁଁ ପ୍ରତାପଙ୍କ ଆର୍ଥିକ ସ୍ୱଚ୍ଛତା ଉପରେ ଆଞ୍ଚ ଆସିଛି। ଋଣ ଆକାଉଣ୍ଟଟି 'ଓଭରଡ୍ୟୁ' (Overdue) ଦେଖାଉଥିବାରୁ ତାଙ୍କର ସିବିଲ୍ ସ୍କୋର୍ ସମ୍ପୂର୍ଣ୍ଣ ଖରାପ୍ ହୋଇଯାଇଛି। ଜଣେ ଠିକାଦାର ଭାବେ ବ୍ୟାଙ୍କରୁ ବଡ଼ ଧରଣର ଋଣ ନେବା ସମୟରେ ଏବେ ସେ ଅନେକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ପ୍ରତାପ ଏନେଇ ଧାମନଗର ଥାନାରେ ଏକ ଲିଖିତ ଏତଲା ଦେଇଛନ୍ତି। ପୋଲିସ କେଶ୍ ନଂ ୧୬୨/୨୦୨୫ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଏହା ପଛରେ ଏକ ବଡ଼ ଧରଣର ଆନ୍ତଃରାଜ୍ୟ ସାଇବର ରାକେଟ୍ କାମ କରୁଥିବା ସନ୍ଦେହ କରାଯାଉଛି। ଧାମନଗର ପୋଲିସ ସାଇବର ସେଲ୍ ସହାୟତାରେ ଅପରାଧୀଙ୍କ ନିକଟରେ ପହଞ୍ଚିବାକୁ ଚେଷ୍ଟା କରୁଛି। ତେବେ ଏହି ଘଟଣାଟି ପ୍ରମାଣ କରୁଛି ଯେ ଆପଣଙ୍କର ବ୍ୟକ୍ତିଗତ ତଥ୍ୟ କେତେ ମୂଲ୍ୟବାନ। ଏଭଳି ଠକେଇରୁ ବଞ୍ଚିବା ପାଇଁ ମାସକୁ ଅନ୍ତତଃ ଥରେ ନିଜର ସିବିଲ୍ ସ୍କୋର୍ ଚେକ୍ କରନ୍ତୁ। ଯଦି ଆପଣ ନେଇନଥିବା କୌଣସି ଋଣ ସେଠାରେ ଦେଖାଉଛି, ତେବେ ତୁରନ୍ତ ବ୍ୟାଙ୍କ କିମ୍ବା ପୋଲିସକୁ ଜଣାନ୍ତୁ। ଆଧାର କାର୍ଡ କିମ୍ବା ପାନ୍ କାର୍ଡର ଫଟୋକପି ଯେକୌଣସି ସ୍ଥାନରେ ଦିଅନ୍ତୁ ନାହିଁ। ଦେବା ସମୟରେ ସେଥିରେ ଉଦ୍ଦେଶ୍ୟ ଲେଖି ଦସ୍ତଖତ କରନ୍ତୁ। ପ୍ଲେ-ଷ୍ଟୋର୍‌ରେ ଥିବା ଅନେକ ଅଜଣା 'ଇନ୍‌ଷ୍ଟାଣ୍ଟ ଲୋନ୍ ଆପ୍' ଆପଣଙ୍କ ଗ୍ୟାଲେରୀ ଏବଂ କଣ୍ଟାକ୍ଟ ଲିଷ୍ଟର ଆକ୍ସେସ୍ ନେଇଥାନ୍ତି। ଏହା ବିପଦଜନକ ହୋଇପାରେ।



# ଖବରକାଗଜ ବିତରକ ରଞ୍ଜନ ରାଉତଙ୍କ ଶ୍ରଦ୍ଧାଞ୍ଜଳି ସଭା

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ନ୍ୟୁଜ୍ ପେପର ସପ୍ଲାୟରସ୍ ଆସୋସିଏସନ୍ ମାଷ୍ଟର କ୍ୟାଣ୍ଟିନ୍ ବିତରଣ କେନ୍ଦ୍ରରେ ବିତରକ ଭାବେ କାର୍ଯ୍ୟ କରୁଥିବା ରଞ୍ଜନ କୁମାର ରାଉତଙ୍କ ଦେହାନ୍ତ ହୋଇଯାଇଛି। କ୍ୟାନ୍ସର ରୋଗରେ ପୀଡ଼ିତ ହୋଇ ଚିକିତ୍ସିତ ହେଉଥିଲେ । ଗତ ୨୦ ତାରିଖ ରାତିରେ ତାଙ୍କର ମୃତ୍ୟୁ ହୋଇଥିଲା। ତାଙ୍କ ଅକାଳ ବିୟୋଗରେ ମାଷ୍ଟର୍ କ୍ୟାଣ୍ଟିନ ପଏଣ୍ଟର ସମସ୍ତ ବିତରକ ରଞ୍ଜନଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜଣାଇବା ସହ ନିରବ ପ୍ରାର୍ଥନା କରିଥିଲେ । ଶ୍ରଦ୍ଧାଞ୍ଜଳି ସଭାରେ ୩ ଶହରୁ ଅଧିକ ବିତରକ ବନ୍ଧୁ ଉପସ୍ଥିତ ରହିଥିଲେ।

# ଓଡ଼ିଆ ଭାଷାରେ ସରକାରୀ କାର୍ଯ୍ୟ ଉପରେ ଗୁରୁତ୍ୱ

**କେନ୍ଦୁଝର, ନ୍ୟୁଜ୍**



କେନ୍ଦୁଝର ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରସ୍ଥ ଦରବାର ହଲ୍ ଠାରେ ଅତିରିକ୍ତ ଜିଲ୍ଲାପାଳ ମନ୍ଦରଧର ମହାଳିକ (ସାଧାରଣ)ଙ୍କ ଅଧ୍ୟକ୍ଷତାରେ ଏକ ଗୁରୁତ୍ୱପୂର୍ଣ୍ଣ ମାସିକ କର୍ମଚାରୀ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଜିଲ୍ଲା ପ୍ରଶାସନର କାର୍ଯ୍ୟଦକ୍ଷତା ବୃଦ୍ଧି ଏବଂ ଦୈନନ୍ଦିନ କାର୍ଯ୍ୟରେ ରହୁଥିବା ବାଧାବିଘ୍ନ ଦୂର କରିବା ପାଇଁ ବିସ୍ତୃତ ଆଲୋଚନା କରାଯାଇଛି । ବୈଠକର ମୁଖ୍ୟ ଆଲୋଚ୍ୟ ବିଷୟ ଓସ୍ୱାସ ମାଧ୍ୟମରେ ଫାଇଲ୍ ପରିଚାଳନା ସରକାରୀ ଫାଇଲ୍‌ଗୁଡ଼ିକର କାର୍ଯ୍ୟକାରିତାକୁ ଅଧିକ ତ୍ୱରାନ୍ୱିତ କରିବା ପାଇଁ ଓସ୍ୱାସ୍ ପୋର୍ଟାଲ୍‌ର ସଠିକ୍ ବ୍ୟବହାର ଉପରେ ଗୁରୁତ୍ୱ ଦିଆଯାଇଛି। ସମସ୍ତ ଫାଇଲ୍ ମୁଭ୍‌ମେଣ୍ଟ ଯେପରି ଅନ୍‌ଲାଇନ୍ ମାଧ୍ୟମରେ ସୁରୁଖୁରୁରେ ହେବ, ସେଥିପାଇଁ ଅଧିକାରୀଙ୍କ ସହଯୋଗ ଲୋଡ଼ାଯାଇଛି। କର୍ମଚାରୀମାନଙ୍କୁ ଇ-ଡେସ୍‌ପାଚ୍ ସମ୍ବନ୍ଧରେ ଅଧିକ ଦକ୍ଷ କରିବା ପାଇଁ ସ୍ୱତନ୍ତ୍ର ପ୍ରଶିକ୍ଷଣ ପ୍ରଦାନ କରିବାକୁ ନିଷ୍ପତ୍ତି ନିଆଯାଇଛି। ପେଣ୍ଡିଂ ରହୁଥିବା ଅଭିଯୋଗଗୁଡ଼ିକୁ ତୁରନ୍ତ ଯାଞ୍ଚ କରି ଶୀଘ୍ର ସମାଧାନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ରାଜ୍ୟ ସରକାରଙ୍କ ନିଷ୍ପତ୍ତି ଅନୁଯାୟୀ, ଇଂରାଜୀ ପରିବର୍ତ୍ତେ ଓଡ଼ିଆ ଭାଷାରେ କିଭଳି ସରକାରୀ ଚିଠିପତ୍ର ଓ ଡ୍ରାଫ୍ଟ ପ୍ରସ୍ତୁତ କରାଯିବ, ସେ ସମ୍ପର୍କରେ କର୍ମଚାରୀମାନଙ୍କୁ ତାଲିମ୍ ଦିଆଯିବା ନେଇ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ମହାଳିକ (ସାଧାରଣ) ଏହି ବୈଠକରେ ଉପସ୍ଥାପନା କରିଥିଲେ। ପ୍ରଶାସନିକ କାର୍ଯ୍ୟରେ ଉନ୍ନତି ଆଣିବା ପାଇଁ ଏଣିକି ପ୍ରତି ମାସରେ ଏହିଭଳି ସମୀକ୍ଷା ବୈଠକ କରାଯାଇ କାର୍ଯ୍ୟର ଅଗ୍ରଗତି ଯାଞ୍ଚ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି। ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ରବିନ୍ଦ୍ର କୁମାର ପ୍ରଧାନ (ରାଜସ୍ୱ) ଯୋଗଦେଇ ସମସ୍ତ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ବିଶେଷ କରି ଓସ୍ୱାସ୍ ମାଧ୍ୟମରେ ଫାଇଲ୍ ପରିଚାଳନା ସମୟରେ କର୍ମଚାରୀମାନେ ସମ୍ମୁଖୀନ ହେଉଥିବା ବିଭିନ୍ନ ବୈଷୟିକ ସମସ୍ୟା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ଡିଜିଟାଲ୍ ଫାଇଲ୍ ମୁଭ୍‌ମେଣ୍ଟରେ ଯେପରି କୌଣସି ବାଧା ଉପୁଜିବ ନାହିଁ ଏବଂ ବୈଷୟିକ ତ୍ରୁଟି ଯୋଗୁଁ କାର୍ଯ୍ୟ ଯେପରି ବିଳମ୍ବ ନହେବ, ସେଥିପାଇଁ ତୁରନ୍ତ ପଦକ୍ଷେପ ନେବାକୁ ସେ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ ଏବଂ ନୂତନ ଭାବେ ଯୋଗଦେଇଥିବା ଅଧିକାରୀମାନେ ଯେପରି ଓସ୍ୱାସ୍ ପ୍ରକ୍ରିୟାକୁ ସହଜରେ ବୁଝିପାରିବେ, ସେଥିପାଇଁ ସେମାନଙ୍କୁ ସମ୍ୟକ୍ ଜ୍ଞାନ ଓ ପ୍ରଶିକ୍ଷଣ ଦେବାକୁ କୁହାଯାଇଛି। ଏହି ସମୀକ୍ଷା ବୈଠକ ବିଭିନ୍ନ ବିଭାଗର ଉପରିସ୍ଥ ଅଧିକାରୀ ଏବଂ ସେକ୍ସନ୍ ଅଫିସରମାନେ ଉପସ୍ଥିତ ରହି ନିଜ ନିଜ ବିଭାଗର କାର୍ଯ୍ୟଧାରା ସମ୍ପର୍କରେ ମତାମତ ରଖିଥିଲେ। ପ୍ରଶାସନିକ ସ୍ତରରେ ସ୍ୱଚ୍ଛତା ଓ ସମୟାନୁବର୍ତ୍ତିତା ବଜାୟ ରଖିବା ପାଇଁ ଏହି ମାସିକ ବୈଠକ ଏକ ମୁଖ୍ୟ ମାଧ୍ୟମ ହେବ ବୋଲି ଆଶା କରାଯାଉଛି।

# ସାଂସଦ ବୈଜୟନ୍ତଙ୍କୁ କୃତଜ୍ଞତା ଜଣାଇଲେ ବିଜେପି ନେତ୍ରୀ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

ଜିଲ୍ଲାର ବରିଷ୍ଠ ବିଜେପି ନେତ୍ରୀ ତଥା ଦିଶା କମିଟି ସଦସ୍ୟା ଡ଼ଃ ଜ୍ୟୋସ୍ନାରାଣୀ ଜେନା ବିଜେପି ରାଷ୍ଟ୍ରୀୟ ଉପାଧ୍ୟକ୍ଷ ତଥା କେନ୍ଦ୍ରାପଡା ସାଂସଦ ବୈଜୟନ୍ତ ପଣ୍ଡାଙ୍କୁ କୃତଜ୍ଞତା ଜଣାଇଛନ୍ତି । ସାଂସଦ ଶ୍ରୀ ପଣ୍ଡାଙ୍କ ନିରନ୍ତର ଉଦ୍ୟମରେ କେନ୍ଦ୍ରାପଡାରେ ଏକ ୧୦୦ ଶଯ୍ୟା ବିଶିଷ୍ଟ ସୁପର୍ ମଲ୍‌ଟି ସ୍ପେସିଆଲ୍ ଦାତବ୍ୟ ଚିକିତ୍ସାଳୟ ସ୍ଥାପିତ ହେବାକୁ ଯାଉଛି । ବିଶିଷ୍ଟ ଆଧ୍ୟାତ୍ମିକ ଗୁରୁ ଶ୍ରୀ ସତ୍ୟସାଇ ସେବା ସଂସ୍ଥା ପକ୍ଷରୁ କେନ୍ଦ୍ରାପଡା ଜିଲ୍ଲାର ଡେରାବିଶ ବ୍ଲକ ଅଧିନ ଦାନପୁର ପଞ୍ଚାୟତ ରଜାଙ୍ଗ ଠାରେ ସୋମବାର ଏହି ଚିକିତ୍ସାଳୟର ଶିଳାନ୍ୟାସ ଆୟୋଜିତ ହେବ । ଏହି କାର୍ଯ୍ୟକ୍ରମରେ ସାଂସଦ ଶ୍ରୀ ପଣ୍ଡା ସତ୍ୟସାଇ ସେବା ସଂସ୍ଥାର ମୁଖ୍ୟ ସ୍ୱାମୀଜୀ ମଧୁସୂଦନ ସାଇ ପ୍ରମୁଖଙ୍କ କର କମଳରେ ଏହି ଚିକିତ୍ସାଳୟର ଭୂମି ପୂଜନ କରାଯିବ । ଏଥିପାଇଁ ପ୍ରାୟ ୧୦୦ କୋଟି ଟଙ୍କାର ପ୍ରାରମ୍ଭିକ ବ୍ୟୟ ଅଟକଳ ଧାର୍ଯ୍ୟ କରାଯାଇଛି । ଏଥିରେ ସମସ୍ତ ପ୍ରକାର ଆଧୁନିକ ଓ ଉନ୍ନତ ଧରଣର ଚିକିତ୍ସା ସରଞ୍ଜାମ ସହ ବହୁ ବିଶିଷ୍ଟ ବିଶେଷଜ୍ଞ ଚିକିତ୍ସକମାନେ ଉପଲବ୍ଧ ହେବେ । ସମସ୍ତ ପ୍ରକାର ଉନ୍ନତ ଚିକିତ୍ସା ସୁବିଧା ସମ୍ପୂର୍ଣ୍ଣ ମାଗଣାରେ ଉପଲବ୍ଧ ହେବ । ଜିଲ୍ଲାବାସୀଙ୍କ ବହୁଦିନର ସ୍ୱପ୍ନ ପୂରଣ ହେବାକୁ ଯାଉଥିବାରୁ ବରିଷ୍ଠ ବିଜେପି ନେତ୍ରୀ ଡ଼ଃ ଶ୍ରୀମତୀ ଜେନା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଓ ସାଂସଦ ଶ୍ରୀ ପଣ୍ଡାଙ୍କୁ ଗଭୀର କୃତଜ୍ଞତା ଜଣାଇବା ସହ ଜିଲ୍ଲାର ବିକାଶ ମୂଳକ କାର୍ଯ୍ୟରେ ସାଂସଦଙ୍କ ଉଦ୍ୟମକୁ ଭୁରି ଭୁରି ପ୍ରଶଂସା କରିଛନ୍ତି ।

# ପ୍ରଧାନଶିକ୍ଷକ ନିଖୋଜ, ଥାନାରେ ଏତଲା

**ଝରିଗାଁ, ନ୍ୟୁଜ୍ ବ୍ୟୁରୋ**



ନିଖୋଜ ହେବାର ଦୁଇଦିନରୁ ଅଧିକ ହେଲାଣି ହେଲେ ଜଣେ ଯୁବ ପ୍ରଧାନଶିକ୍ଷକଙ୍କ ପତ୍ତା ମିଳୁନାହିଁ। ନବରଙ୍ଗପୁର ଜିଲ୍ଲା ଝରିଗାଁ ବ୍ଲକ ଅନ୍ତର୍ଗତ ରତାଖଣ୍ଡିଗୁଡ଼ା ଗ୍ରାମରେ ଥିବା ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଅଲେଖ ଚରଣ ଭକ୍ତ (୩୨) ଗତ ଶନିବାର ଅପରାହ୍ନରୁ ନିଖୋଜ ଥିବା ନେଇ ପରିବାର ପକ୍ଷରୁ ରବିବାର ଝରିଗାଁ ଥାନାରେ ଏତଲା ଦିଆଯାଇଛି। ପ୍ରଧାନଶିକ୍ଷକ ଅଲେଖଙ୍କ ଘର ଉମରକୋଟ ସହର ନିକଟସ୍ଥ ବଡ଼ଭରଣ୍ଡି ଗ୍ରାମରେ । ତାଙ୍କୁ ଚଳିତ ବର୍ଷ ଦଶମ ପରୀକ୍ଷା ପାଇଁ ଝରିଗାଁ ବ୍ଲକ ଅନ୍ତର୍ଗତ କଲେଗାଁ ସରକାରୀ ଉଚ୍ଚ ବିଦ୍ୟାଳୟ ଠାରେ ପର୍ଯ୍ୟବେକ୍ଷକ ଭାବେ ଦାୟିତ୍ୱ ପ୍ରଦାନ କରାଯାଇଥିଲା। ତେବେ ପ୍ରଧାନଶିକ୍ଷକ ନିଜ ଦାୟିତ୍ୱ ସମ୍ପନ୍ନ କରି ଗତ ଶନିବାର ମଧ୍ୟାହ୍ନ ୧୨ଟା୧୫ରେ କଲେଗାଁ ସ୍କୁଲରୁ ବାହାରିଥିଲେ। ତେବେ ପ୍ରାୟ ୪ଟା ପରେ ଅଲେଖ ଚରଣ ଭକ୍ତ। ମଧ୍ୟ ସେ ନିଜ ଘର ବଡ଼ଭରଣ୍ଡି ଗ୍ରାମରେ ପହଞ୍ଚିନଥିଲେ। ତେବେ ବର୍ତ୍ତମାନ ସୁଦ୍ଧା ଘରକୁ ଫେରିନଥିବାରୁ ପରିବାର ଲୋକେ ଝରିଗାଁ ଥାନାରେ ଏତଲା ଦେଇଛନ୍ତି। ଏନେଇ ଥାନାରେ କେସ୍ ନମ୍ବର ୭/୨୬ରେ ଏକ ନିଖୋଜ ମାମଲା ରୁଜୁ କରାଯାଇଛି। ପୋଲିସ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରି ପ୍ରଧାନଶିକ୍ଷକଙ୍କୁ ଖୋଜିବା ଆରମ୍ଭ କରିଛି ହେଲେ ବର୍ତ୍ତମାନ ସୁଦ୍ଧା କୌଣସି ଖବର ମିଳିନଥିବା ଜଣାପଡ଼ିଛି।



# ଦୈନନ୍ଦିନ ଜୀବନରେ ମାତୃଭାଷାର ପ୍ରଭାବ

**ଗୁଣପୁର, ନ୍ୟୁଜ୍ ବ୍ୟୁରୋ**

ଶନିବାର ଦିନ ଏସ୍‌ପି ମାଙ୍ଗାଇ ଆଶ୍ରମ ଏଙ୍ଗେର୍ବା ଠାରେ ଅନ୍ତର୍ଜାତୀୟ ମାତୃଭାଷା ଦିବସ ପାଳନ କରାଯାଇଛି। ଏସ୍‌ପି ମାଙ୍ଗାଇ ଆଶ୍ରମରେ ବହୁଭାଷୀ ଶିକ୍ଷା ଯୋଜନା (MLE PROGRAM) ଚାଲୁ ରହିଥିବାରୁ ଏବଂ ସୌରା ଭାଷାରେ ଶିକ୍ଷା ଦେବା ଅନ୍ୟ ଏକ ମାଧ୍ୟମ ହୋଇଥିବା ଦୃଷ୍ଟିରୁ ଆନ୍ତର୍ଜାତୀୟ ମାତୃଭାଷା ଦିବସ ପାଳନ ଉପଲକ୍ଷେ ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ସମସ୍ତ କାର୍ଯ୍ୟକ୍ରମ ଯଥା ସମ୍ବିଧାନର ପ୍ରିଏମ୍ବୁଲ ବା ପ୍ରସ୍ତାବନା ପଠନ, ଦୈନନ୍ଦିନ ଜୀବନରେ ମାତୃଭାଷାର ବ୍ୟବହାର ଓ ପ୍ରଚାର ପ୍ରସାର ପାଇଁ ଶପଥ ପାଠ, ନିଜ ମାତୃଭାଷାରେ ସ୍ୱଲିଖିତ ଗଳ୍ପ, କବିତା ଆବୃତି, ପ୍ରବନ୍ଧ ଲିଖନ ପ୍ରତିଯୋଗିତା, ବହିରେ ଲିଖିତ ଗଳ୍ପ ଓ କବିତା ପାଠ କରିବା ଇତ୍ୟାଦି ସୌରା ଭାଷାରେ ହିଁ ସମ୍ପନ୍ନ ହୋଇଥିଲା। କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରିବା ସହିତ ପିଲାମାନଙ୍କୁ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା। ଏସ୍‌ପି ମାଙ୍ଗାଇ ଆଶ୍ରମ ପରିଚାଳନା କମିଟିର ସଭାପତି ରତ୍ନାକର ଶବରଙ୍କ ସମେତ ସମସ୍ତ ସଦସ୍ୟ, ଅଭିଭାବକ ଓ ଅଭିଭାବିକା ଏବଂ ଆଶ୍ରମର କୁନି କୁନି ପିଲାମାନେ ତଥା ଶିକ୍ଷୟିତ୍ରୀମାନେ ଉପସ୍ଥିତ ରହି ମାତୃଭାଷା ଦିବସକୁ ସଫଳ ରୂପାୟନ ଦେବାରେ ସହାୟକ ସାଜିଥିଲେ। ଆଶ୍ରମର ପ୍ରଧାନ ଶିକ୍ଷୟିତ୍ରୀ ସୁଶ୍ରୀ ଇନ୍ଦୁପ୍ରଭା ଶବର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶବର ସାଂସ୍କୃତିକ ସଂଘ ପକ୍ଷରୁ ସଭାପତି ଚକ୍ରପାଣି ଶବର ଓ ସମ୍ପାଦକ ବଳରାମ ଶବର ଉପସ୍ଥିତ ରହି ସହଯୋଗ କରିଥିଲେ।

## //////////////// ୪ ଜିମ୍‌ରେ ୪୦ କର୍ମଚାରୀଙ୍କୁ ପ୍ରଶିକ୍ଷଣ ////////////////

# ୮୮ କିମି ଫାୟାର୍ ଲାଇନ୍, ୩୫ ବ୍ଲୋୟର ପ୍ରସ୍ତୁତ

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ଗ୍ରୀଷ୍ମ ଋତୁ ଆସୁଛି । ଏବେଠୁ ଖରା ବଢ଼ିବାରେ ଲାଗିଛି । ଗ୍ରୀଷ୍ମ ପ୍ରବାହ ସମୟରେ ଜଙ୍ଗଲ ନିଆଁ ଆୟତ ବନ ବିଭାଗ ପାଇଁ ବଡ଼ ଚ୍ୟାଲେଞ୍ଜ ହୋଇଥାଏ । ଏଥିରେ ରୋକ୍ ଲଗାଇବା ପାଇଁ ସବୁଠି ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ପ୍ରାକ୍ ପ୍ରସ୍ତୁତି ଜାରି ରଖିଛି । ଏନେଇ ଘଞ୍ଚ ଜଙ୍ଗଲରେ ଫରେଷ୍ଟ ଫାୟାର ଲାଇନ୍ ପ୍ରସ୍ତୁତି ଠାରୁ ଆରମ୍ଭ କରି ଅନେକ ଲୋକକଳା ଓ ବୈଠକ ମାଧ୍ୟମରେ ସଚେତନତା ଜାରି ରଖିଛି । ବ୍ରହ୍ମପୁର ବନଖଣ୍ଡ ଅଧିକାରୀ ସନ୍ନ ଖୋଖର କହିଛନ୍ତି ବ୍ରହ୍ମପୁର ବନ ମଣ୍ଡଳରେ ସବୁଠାରୁ କମ୍ ଫାୟାର ପଏଣ୍ଟ ଆମ ବନଖଣ୍ଡରେ ଦେଖାଦେଇଥାଏ । ଦୁଇ ମାସ ପୂର୍ବରୁ ପ୍ରାକ୍ ପ୍ରସ୍ତୁତି ଓ ସଚେତନତା ସଫଳତା ଦେଇଥାଏ । ଚଳିତ ଥର ୮୮ କିଲୋମିଟର ଫାୟାର୍ ଲାଇନ୍ କରାଯାଇଛି । ୪ ବନାଞ୍ଚଳରେ କର୍ମଚାରୀଙ୍କ ସହ ୩୫ଟି ବ୍ଲୋୟର୍ ପ୍ରସ୍ତୁତ ହୋଇରହିଛି । ଏଥିଲାଗି ସମସ୍ତ ବନଖଣ୍ଡ କର୍ମଚାରୀଙ୍କୁ ପ୍ରଶିକ୍ଷଣ ଦିଆଯାଇଛି । ପ୍ରତିବର୍ଷ ଫେବୃୟାରୀ ମାସରୁ ଜଙ୍ଗଲରେ ନିଆଁ ଲାଗିବା ଆରମ୍ଭ ହୁଏ । ବର୍ଷା ଆରମ୍ଭ ପର୍ଯ୍ୟନ୍ତ ଏହା ଲାଗି ରହିଥାଏ । ଜଙ୍ଗଲ ନିଆଁ ଜାଳିବାରେ କର୍ମଚାରୀଙ୍କୁ ଫରେଷ୍ଟ ସର୍ଭେ ଅଫ୍ ଇଣ୍ଡିଆ ଦ୍ୱାରା ପ୍ରସ୍ତୁତ ଫାୟାର୍ ଆଲର୍ଟ ସିଷ୍ଟମ୍ ବେଶ୍ ସହଯୋଗ ହେଉଛି । ବନଖଣ୍ଡ ପକ୍ଷରୁ ଘଞ୍ଚ ଜଙ୍ଗଲରେ ଏହିପରି ୮୮ କିଲୋମିଟର ଫରେଷ୍ଟ ଫାୟାର୍ ଲାଇନ୍ ତିଆରି କରାଯାଇଛି । ଗତ ବର୍ଷ ବନଖଣ୍ଡରେ ୩୦୦ କିଲୋମିଟର ଫାୟାର୍ ଲାଇନ୍ ହୋଇଥିଲା । ସମସ୍ତ ବନ ସୁରକ୍ଷା ସମିତିକୁ ନେଇ ସଚେତନତା ସଭା କରାଯାଉଛି । ଲୋକକଳାକୁ ପ୍ରୋତ୍ସାହିତ କରିବା ସହ ଦାସକାଠିଆ ଓ ପାଲା କଳାକାର ବନାଗ୍ନୀ ରୋକିବାକୁ ସଚେତନତା ବାର୍ତ୍ତା ଦେଉଛନ୍ତି । ବନଖଣ୍ଡରେ ୪ଟି ସ୍ୱତନ୍ତ୍ର ଫାୟାର୍ ସ୍କ୍ୱାର୍ଡ଼ ଗଠନ ହୋଇଛି । ୪ଟି ସ୍ୱତନ୍ତ୍ର ଗାଡ଼ି ସମେତ ୪୦ କର୍ମଚାରୀ, ୩୫ଟି ବ୍ଲୋୟର୍ ପ୍ରସ୍ତୁତ ହୋଇ ରହିଛି । ଏହି ଟିମ୍ ନିରନ୍ତର କାର୍ଯ୍ୟ କରିବେ । ଡ଼ିଷ୍ଟ୍ରିକ୍ଟ ଫାୟାର୍ ପ୍ଲାନ୍ ଅନୁଯାୟୀ ସମସ୍ତ କାର୍ଯ୍ୟ ଜାରି ରହିଛି । ବିଭାଗୀୟ ତଥ୍ୟ ଅନୁଯାୟୀ ୨୦୨୪ରେ ବ୍ରହ୍ମପୁର ବନ ମଣ୍ଡଳରେ ମୋଟ୍ ୪୬୭୪ ଫାୟର୍ ପଏଣ୍ଟ୍ ଦେଖାଦେଇଥିବା ବେଳେ ସର୍ବାଧିକ ବାଲିଗୁଡ଼ା ବନଖଣ୍ଡରେ ୨୫୩୦, ବ୍ରହ୍ମପୁରରେ ସବୁଠୁ କମ୍ ୧୬୯ଟି ଫାୟର୍ ପଏଣ୍ଟ୍ ଦେଖାଦେଇଥିଲା । ସେହିପରି ବୌଦ୍ଧରେ ୧୮୪, ଘୁମୁସର ଉତ୍ତର ୧୮୯, ଘୁମୁସର ଦକ୍ଷିଣ ୨୮୧, ଫୁଲବାଣୀରେ ୪୦୦ ଓ ପାରଳାଖେମୁଣ୍ଡିରେ ୯୨୧ଟି ଫାୟର ପଏଣ୍ଟ ଦେଖାଦେଇଥିଲା । ୨୦୨୫ରେ ବ୍ରହ୍ମପୁର ବନ ମଣ୍ଡଳରେ ପାଖାପାଖି ଦୁଇଗୁଣା ୭୧୫୭ ଫାୟର ପଏଣ୍ଟ ଦେଖାଦେଇଥିବା ବେଳେ ଫାୟାର ପଏଣ୍ଟ ଦେଖାଦେଇଥିଲା । ସର୍ବାଧିକ ବାଲିଗୁଡ଼ା ବନଖଣ୍ଡରେ ୧୯୨୧, ବ୍ରହ୍ମପୁରରେ ସବୁଠୁ କମ୍ ୧୨୪ଟି ଫାୟର ପଏଣ୍ଟ ଦେଖାଦେଇଥିଲା । ସେହିପରି ବୌଦ୍ଧରେ ୧୧୬୬, ଘୁମୁସର ଉତ୍ତର ୨୫୭, ଘୁମୁସର ଦକ୍ଷିଣ ୬୬୫, ଫୁଲବାଣୀରେ ୧୮୧୧ ଓ ପାରଳାଖେମୁଣ୍ଡିରେ ୧୨୧୩ଟି ଫାୟାର ପଏଣ୍ଟ ଦେଖାଦେଇଥିଲା । ବ୍ରହ୍ମପୁର ବନଖଣ୍ଡରେ ବନାଗ୍ନି ରୋକିବା ପାଇଁ ଦୁଇ ମାସ ଆଗରୁ ପ୍ରସ୍ତୁତି ଆରମ୍ଭ ହୋଇଛି । ନିଆଁକୁ ଆୟତ କରିବା ପାଇଁ ଏକ ରାସ୍ତା ତିଆରି କରାଯାଇଛି । ଶୁଖିଲା ପତ୍ର ସମେତ ନିଆଁର ବାହାକ ସାଜିଥିବା ସମସ୍ତ ଜିନିଷକୁ ସେଠାରୁ ବାହାର କରାଯାଇ ଫରେଷ୍ଟ ଫାୟର୍ ଲାଇନ୍ ତିଆରି କରାଯାଇଛି । ବନ କର୍ମଚାରୀ ଓ ବନ ସୁରକ୍ଷା ସମିତି ସଦସ୍ୟ ଏଥିରେ ପ୍ରମୁଖ ଭୂମିକା ଗ୍ରହଣ କରୁଛନ୍ତି । ଅଗ୍ନିଶମ କର୍ମଚାରୀଙ୍କୁ ନେଇ ବନାଞ୍ଚଳରେ ପ୍ରସ୍ତୁତି ଓ ପ୍ରଶିକ୍ଷଣ ଶିବିର ହୋଇଛି । ନିଆଁକୁ ଆୟତ, ସୁରକ୍ଷିତ ପୋଷାକ ପରିଧାନ, ବ୍ଲୋୟର୍ ଫାୟର୍ ବଲ୍‌ର ବ୍ୟବହାର ଆଦି ପ୍ରଶିକ୍ଷଣ କର୍ମଚାରୀ ନେଇଛନ୍ତି ।

32 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୨୪ ଫେବୃୟାରୀ ୨୦୨୬ ମଙ୍ଗଳବାର





# ବିଶ୍ୱର ସବୁଠୁ ବଡ଼ କ୍ଷୀର ଉତ୍ପାଦକ ଭାରତରେ ଗମ୍ଭୀର ହେଉଛି ଅପମିଶ୍ରଣ

**ନୂଆଦିଲ୍ଲୀ, ନ୍ୟୁଜ୍ ବ୍ୟୁରୋ**

ଜୀବନ ରକ୍ଷାକାରୀ କ୍ଷୀର ମୃତ୍ୟୁର କାରଣ ପାଲଟିପାରେ । ପୁଷ୍ଟି ଯୋଗାଇବା ପରିବର୍ତ୍ତେ ମନୁଷ୍ୟକୁ ରୋଗଗ୍ରସ୍ତ କରିଦେଇପାରେ। କାରଣ ଅମୃତ କୁହାଯାଉଥିବା କ୍ଷୀର ଆଉ ବିଶୁଦ୍ଧ ହୋଇନାହିଁ । ଅଧିକ ଲାଭ ଆଶାରେ ମୁନାଫାଖୋର୍ ବ୍ୟବସାୟୀ କ୍ଷୀରରେ ଅପମିଶ୍ରଣ କରୁଛନ୍ତି। ଏହା ନାନା ବିପଦକୁ ଡାକିଦେଉଛି। ବିଶ୍ୱର ସବୁଠାରୁ ବଡ଼ କ୍ଷୀର ଉତ୍ପାଦକ ଭାରତରେ ଏହି ଅପମିଶ୍ରଣ ଗମ୍ଭୀର ହେବାରେ ଲାଗିଛି । ମଣିଷ ଆଧୁନିକ ହୋଇଥିଲେ ମଧ୍ୟ ଅପମିଶ୍ରଣକୁ ରୋକିବାର ସକ୍ଷମ ହୋଇପାରୁନାହିଁ। ଏଥିପାଇଁ ବଜାରରେ ଅପମିଶ୍ରିତ କ୍ଷୀରର ବନ୍ୟା ଆସିଛି। ଏଥିରେ ଭାରତ ଆଗରେ ରହିଛି। ନିକଟରେ ସାରା ଦେଶରେ ଯାଞ୍ଚ କରାଯାଇଥିବା କ୍ଷୀର ନମୁନାରୁ ସାଂଘାତିକ ତଥ୍ୟ ସାମ୍ନାକୁ ଆସିଛି। ପ୍ରତି ତିନୋଟିରୁ ଗୋଟିଏ କ୍ଷୀର ନମୁନା ଗୁଣବତା ଯାଞ୍ଚରେ ବିଫଳ ହୋଇଛି। ଭାରତୀୟ ଖାଦ୍ୟ ସୁରକ୍ଷା ଏବଂ ମାନକ ନିୟନ୍ତ୍ରଣ କର୍ତ୍ତୃପକ୍ଷ (ଏଫ୍‌ଏସ୍‌ଏସ୍‌ଆଇ)ର ଯାଞ୍ଚରୁ ଗତ ବର୍ଷ ୩୮ ପ୍ରତିଶତ ନମୁନା ଅପମିଶ୍ରିତ ଥିଲା ବୋଲି ଜଣାପଡ଼ିଛି । ଏଫ୍‌ଏସ୍‌ଏସ୍‌ଆଇ ରିପୋର୍ଟ ଅନୁଯାୟୀ, ୨୦୧୫ ଏବଂ ୨୦୧୮ ମଧ୍ୟରେ କ୍ଷୀର ଅପମିଶ୍ରଣ ନମୁନା ସଂଖ୍ୟା ୧୬.୭୪ ପ୍ରତିଶତ ବୃଦ୍ଧି ପାଇଛି । ୨୦୨୨ରେ ୭୮୯ ନମୁନାରୁ ଅଧା ଅପମିଶ୍ରିତ ଥିବା ଜଣାପଡ଼ିଥିଲା। ୨୦୧୫ ପରେ ଏହା ସର୍ବାଧିକ ସ୍ତର ଥିଲା । ଗତ ସପ୍ତାହରେ 'ଟ୍ରଷ୍ଟିଫାଏଡ' ନାମକ ଏକ ସ୍ୱତନ୍ତ୍ର ରେଟିଂ ଏଜେନ୍ସି ପ୍ଲାଟଫର୍ମ ଦାବି କରିଥିଲା ଯେ ଦେଶର ବଡ଼ ବଡ଼ ବ୍ରାଣ୍ଡର ପ୍ୟାକେଟ୍ କ୍ଷୀରରେ କୋଲିଫର୍ମ ନାମକ ବିପଜ୍ଜନକ ଜୀବାଣୁର ସଂଖ୍ୟା ଧାର୍ଯ୍ୟ ସୀମାଠାରୁ ୯୮ ଗୁଣ ଅଧିକ ରହିଛି । ଏହି ରିପୋର୍ଟରେ ପ୍ୟାକେଟ୍ ଖାଦ୍ୟର ସୁରକ୍ଷାକୁ ନେଇ ଚିନ୍ତା ବଢ଼ାଇ ଦେଇଛି। ଭାରତରେ କୋହଳ ଆଇନ୍ ଅପମିଶ୍ରଣକାରୀଙ୍କୁ ସୁହାଉଛି । ତେଣୁ ସେମାନେ ବେଧଡ଼କ ଭାବେ ଅପମିଶ୍ରଣ କରି ଲୋକଙ୍କ ଜୀବନ ଏବଂ ସ୍ୱାସ୍ଥ୍ୟ ସହ ଖେଳୁଛନ୍ତି। କିଛି ଦିନ ତଳେ 'ଇଣ୍ଡିଆନ୍ ଜର୍ଣ୍ଣାଲ୍ ଅଫ୍ କମ୍ୟୁନିଟି ମେଡିସିନ୍' ଦ୍ୱାରା କ୍ଷୀର ନମୁନା ଯାଞ୍ଚ କରାଯାଇଥିଲା। ଏଥିରେ ୩୩୦ କ୍ଷୀରରୁ ୨୩୩ ତଥା ୭୦.୬ ପ୍ରତିଶତର ନମୁନାରେ ଏକାଧିକ ଅପମିଶ୍ରଣ ହୋଇଥିବା ଜଣାପଡ଼ିଥିଲା । ୧୯୩ ନମୁନାରେ ପାଣି, ୨୩.୯ ପ୍ରତିଶତରେ ଡିଟରଜେଣ୍ଟ ଏବଂ ୯.୧ ପ୍ରତିଶତରେ ୟୁରିଆ ମିଶିଥିଲା। ଆଉ କିଛି ନମୁନାରେ ନ୍ୟୁଟ୍ରାଲାଇଜର୍, ଆରାରୋଟ୍ ଭଳି ପଦାର୍ଥ ଥିବା ଜଣାପଡ଼ିଥିଲା । ଏଫ୍‌ଏସ୍‌ଏସ୍‌ଆଇ ରିପୋର୍ଟରେ କୁହାଯାଇଛି ଯେ ଉତ୍ତର ଭାରତୀୟ ରାଜ୍ୟରେ ପ୍ରାୟ ୪୭ ପ୍ରତିଶତ ନମୁନା ଖରାପ ରହିଥିଲା। ଦକ୍ଷିଣ ଭାରତରେ ଏହା ୧୮ ପ୍ରତିଶତ ଥିଲା । ସେହିପରି ପଶ୍ଚିମ ଭାରତରେ ୨୩ ପ୍ରତିଶତ ଏବଂ ପୂର୍ବ ଭାରତରେ ୧୩ ପ୍ରତିଶତ କ୍ଷୀର ନମୁନା ଅପମିଶ୍ରିତ ଥିବା ପ୍ରମାଣିତ ହୋଇଥିଲା ।

# ଏମ୍‌କେସିଜିରେ ରୋଗୀଙ୍କୁ ମିଳୁନି ଫାକ୍ଟର-୯ ଇଞ୍ଜେକ୍‌ସନ୍

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ଏମ୍‌କେସିଜି ମେଡ଼ିକାଲ୍ କଲେଜର ଡ଼େ-କେୟାର ସେଣ୍ଟରକୁ ଆସୁଥିବା ରୋଗୀଙ୍କୁ ଏଫ୍-୯ ଇଞ୍ଜେକ୍‌ସନ୍ ମିଳୁନାହିଁ । ହେମୋଫିଲିଆରେ ପୀଡ଼ିତ ରୋଗୀଙ୍କୁ ଏହା ମାଗଣାରେ ପ୍ରଦାନ କରାଯିବାକଥା । ହେଲେ ଏମ୍‌କେସିଜି କର୍ତ୍ତୃପକ୍ଷଙ୍କ ଅବହେଳାରୁ ରୋଗୀ ଏହି ଇଞ୍ଜେକ୍‌ସନ୍ ପାଇବାରୁ ବଞ୍ଚିତ ହେଉଛନ୍ତି । କିଛି ରୋଗୀ କଟକ ଏସ୍‌ସିବି ମେଡ଼ିକାଲ୍‌କୁ ଯାଇ ଇଞ୍ଜେକ୍‌ସନ୍ ନେଉଥିବା ଜଣାପଡ଼ିଛି । ହେମୋଫିଲିଆ ରୋଗରେ ଆକ୍ରାନ୍ତ ରୋଗୀଙ୍କ ଶରୀରର ବିଭିନ୍ନ ସ୍ଥାନ ଫୁଲିବା ସହ ଆଘାତ ହେଲେ ରକ୍ତସ୍ରାବ ନିୟମିତ ଜାରି ରହିଥାଏ । ଡ଼ାକ୍ତରଙ୍କ ପରାମର୍ଶକ୍ରମେ ସେଭଳି ରୋଗୀଙ୍କ ଇନ୍‌ଭେଟର୍ ପରୀକ୍ଷା କରାଯିବା ପରେ ଏମ୍‌କେସିଜିରେ ଥିବା ଡ଼େ-କେୟାର ୟୁନିଟ୍‌ରେ ଏଫ୍-୯ ଇଞ୍ଜେକ୍‌ସନ୍ ପ୍ରଦାନ କରାଯାଇଥାଏ । ଏଭଳି ରୋଗୀଙ୍କୁ ସ୍ୱତନ୍ତ୍ର ପ୍ରକାର ଫାକ୍ଟର-୮ ଓ ଫାକ୍ଟର-୯ ଇଞ୍ଜେକ୍‌ସନ୍ ପ୍ରଦାନ କରାଯାଏ । ରୋଗୀଙ୍କ ସ୍ୱାସ୍ଥ୍ୟବସ୍ଥାକୁ ନିରୀକ୍ଷଣ ପରେ ଡ଼ାକ୍ତରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହା ମିଳିଥାଏ । ହେଲେ କିଛି ମାସ ହେବ ଏମ୍‌କେସିଜିରେ ଏହି ଔଷଧ ଅଭାବ ପରିଲକ୍ଷିତ ହୋଇଛି । ଡ଼େ କେୟାର ୟୁନିଟ୍‌ରେ ରୋଗୀଙ୍କୁ ଏହି ଇଞ୍ଜେକ୍‌ସନ୍ ମିଳୁନାହିଁ । ଫଳରେ ରୋଗୀ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏମ୍‌କେସିଜିରେ ଏଭଳି ୧୫୦ରୁ ଅଧିକ ରୋଗୀ ପଞ୍ଜିକରଣ କରିଛନ୍ତି । ସେମାନଙ୍କୁ କିଛି ଦିନ ବ୍ୟବଧାନରେ ଏହି ଇଞ୍ଜେକ୍‌ସନ୍ ନେବାକୁ ପଡ଼ିଥାଏ । ହେଲେ ଏମ୍‌କେସିଜି କର୍ତ୍ତୃପକ୍ଷ ରୋଗୀଙ୍କ ସ୍ୱାସ୍ଥ୍ୟ ପ୍ରତି ଅବହେଳା କରୁଥିବା ଅଭିଯୋଗ ହେଉଛି । ଜଣେ ରୋଗୀ ଇଞ୍ଜେକ୍‌ସନ୍ ପାଇବା ଆଶାରେ ଏମ୍‌କେସିଜିକୁ ଆସିଥିଲେ । ହେଲେ ଇଞ୍ଜେକ୍‌ସନ୍ ଉପଲବ୍ଧ ନଥିବା କାରଣରୁ ନିରାଶ ହୋଇ ଫେରିଥିଲେ । ଏହା ପୂର୍ବରୁ ସେ ଏକାଧିକ ଥର ଏମ୍‌କେସିଜିକୁ ଆସି ଫେରି ସାରିଛନ୍ତି । ଏମ୍‌କେସିଜିକୁ ଆସିବା ପାଇଁ ସେ ଖର୍ଚ୍ଚାନ୍ତ ହେଉଥିଲେ ମଧ୍ୟ ତାଙ୍କୁ ଇଞ୍ଜେକ୍‌ସନ୍ ମିଳୁନାହିଁ । ଏଭଳି ଅନେକ ରୋଗୀ ଏମ୍‌କେସିଜିକୁ ଆସି ଇଞ୍ଜେକ୍‌ସନ୍ ନପାଇ ଫେରୁଥିବା ଅଭିଯୋଗ ହେଉଛି । ଏହି ଇଞ୍ଜେକ୍‌ସନ୍ ଅଭାବ ଦେଖାଦେଉଥିବାରୁ ବର୍ତ୍ତମାନ ବାର୍ଷିକ ଆବଶ୍ୟକତା ଅନୁଯାୟୀ ବରାଦ କରାଯାଇଛି ବୋଲି ଏମ୍‌କେସିଜି ପକ୍ଷରୁ ସୂଚନା ଦିଆଯାଇଛି ।

# ନିର୍ମାଣ ବେଳେ ଭୁସୁଡ଼ିଲା ବିଜୁ ସେତୁ:ଅଳ୍ପକେ ବର୍ତ୍ତିଲେ ଶ୍ରମିକ

**ବାରଙ୍ଗ, ନ୍ୟୁଜ୍ ବ୍ୟୁରୋ**



ବାରଙ୍ଗ ବ୍ଲକ ଅନ୍ତର୍ଗତ ବେଲଗଛିଆ ପଞ୍ଚାୟତରୁ ଦାଡାପାଟଣା ପଞ୍ଚାୟତକୁ ସଂଯୋଗ କରିବା ପାଇଁ ନିର୍ମାଣାଧୀନ ବିଜୁ ସେତୁ ଭୁଶୁଡ଼ି ପଡ଼ିଛି। ନୟାପାଟଣା, ଆମ୍ବବରେଇ ଓ ମଧୁସୂଦନପୁର ଗ୍ରାମକୁ ସଂଯୋଗ କରିବ ଏହି ସେତୁ। ସେଥିପାଇଁ ପୂର୍ବ ସରକାର ଅମଳରେ ଏହି ସେତୁ କାର୍ଯ୍ୟ ଆରମ୍ଭ ହୋଇଥିଲା। ହେଲେ କାର୍ଯ୍ୟ ସମାପ୍ତିର ଅବଧି ଶେଷ ହୋଇଯାଇଥିଲେ ମଧ୍ୟ ସେତୁ ନିର୍ମାଣ କାର୍ଯ୍ୟ ଏଯାଏ ଶେଷ ହୋଇନାହିଁ। ସେପଟେ ନିମ୍ନମାନର କାର୍ଯ୍ୟ ପାଇଁ ଏପରି ଘଟିଥିବା ଗ୍ରାମବାସୀ କହିଛନ୍ତି। ଅପରାହ୍ନରେ ସେତୁ ଉପରେ ଢଳାଇ ପଡୁଥିବା ବେଳେ ସେତୁର ଗୋଟିଏ ପାର୍ଶ୍ୱରେ ଥିବା ଲୁହା ବାଡ଼ ସମେତ ଲୁହା ଛଡ଼ ଭୁଶୁଡ଼ି ପଡ଼ିଥିଲା। କାର୍ଯ୍ୟରତ ଶ୍ରମିକ ଭୟଭୀତ ହୋଇ ସେତୁ ଉପରୁ ଓହ୍ଲାଇ ଆସିଥିଲେ। ସୌଭାଗ୍ୟ ବଶତଃ କାହାର କୌଣସି କ୍ଷତି ହୋଇନଥିବା ବେଳେ ନିମ୍ନମାନର କାର୍ଯ୍ୟ ଯୋଗୁଁ ଏପରି ହୋଇଥିବ ଗ୍ରାମବାସୀ କହିଛନ୍ତି। ସୂଚନା ଅନୁସାରେ ୨୦୨୩ ମସିହା ଜୁନ୍ ୧୧ ତାରିଖରେ ଏହି ସେତୁର ଶୁଭ ଦିଆଯାଇଥିଲା। ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ପୁରୀ ମୁଖ୍ୟ କେନାଲ୍ ଉପରେ ୫ କୋଟି ୭ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଏହି ନୂତନ ବିଜୁ ସେତୁକୁ ୧୫ ମାସ ମଧ୍ୟରେ ଶେଷ କରିବା ପାଇଁ ସମୟ ଧାର୍ଯ୍ୟ କରାଯାଇଥିଲା। ସେତୁ ନିର୍ମାଣର ୩୨ ମାସ ବିତିଯାଇଥିଲେ ମଧ୍ୟ ଏଯାବତ୍ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇପାରିନାହିଁ। ଫଳରେ ଯାତାୟାତରେ ବହୁ ସମସ୍ୟା ସୃଷ୍ଟି ହେଉଛି। ଅନେକ ଗ୍ରାମର ଚାଷ ଜମି ସବୁ ପୁରୀ ମୁଖ୍ୟ କେନାଲ୍ ଅପରପାର୍ଶ୍ୱରେ ରହିଥିବାରୁ ଗ୍ରାମବାସୀ ମାନେ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ନେଇ ଗ୍ରାମ୍ୟ ଉନ୍ନୟନ ବିଭାଗ କନିଷ୍ଠଯନ୍ତ୍ରୀ ଜଗନ୍ନାଥ ସୁବୁଦ୍ଧି କହିଛନ୍ତି ଯେ, ଲୁହା ବାଡ଼ ବନ୍ଧା ଯାଇଥିଲା ଏବଂ ସେତୁ ଉପରେ ଢ଼ଳାଇ ପଡୁଥିବା ବେଳେ ପାର୍ଶ୍ୱରେ ରହିଥିବା ଏକ ଲୁହା ଖସିପଡ଼ିଥିଲା। ଫଳରେ କିଛି ସମୟ ଯାଏ କାର୍ଯ୍ୟ ବନ୍ଦ ରହିଥିଲା। ଏଥିରେ କାହାର କୌଣସି କ୍ଷୟକ୍ଷତି ହୋଇନାହିଁ। ପୁନଶ୍ଚ କାର୍ଯ୍ୟ ଚାଲୁ ରହିବ ବୋଲି କନିଷ୍ଠ ଯନ୍ତ୍ରୀ କହିଥିଲେ।

# ମିନି ଷ୍ଟାଡିୟମ୍‌ରେ ଅଧିକାଂଶ ଷ୍ଟ୍ରିଟ୍ ଲାଇଟ୍ ଜଳୁନି



**ଗଞ୍ଜାମ, ନ୍ୟୁଜ୍ ବ୍ୟୁରୋ**

କିଛି ମାସ ହେବ ଭାରତୀ ବିଦ୍ୟାପୀଠ ମିନି ଷ୍ଟାଡିୟମ୍‌ରେ ଅଧିକାଂଶ ଷ୍ଟ୍ରିଟ୍ ଲାଇଟ୍ ଜଳୁନଥିବା ଦେଖିବାକୁ ମିଳିଛି। ଏନ୍‌ଏସି ଅଧକ୍ଷାଙ୍କ ବାସଭବନ ସାଇଡ୍‌ରେ ଲାଗିଥିବା ବିଦ୍ୟୁତ୍ ଖୁଣ୍ଟରେ ଲାଇଟ୍ ଜଳୁଥିବା ବେଳେ ଭାରତୀ ବିଦ୍ୟାପୀଠ ସ୍କୁଲ ସାଇଡ୍ ଲାଇଟ୍ ଜଳୁନି । ବର୍ତ୍ତମାନ ମେଟ୍ରିକ୍ ପରୀକ୍ଷା ଚାଲିଥିବା ବେଳେ ବ୍ଲକ ଅଞ୍ଚଳର ସମସ୍ତ ହାଇସ୍କୁଲ୍ ସେଣ୍ଟର ଗୁଡିକର ବୋର୍ଡ ପରୀକ୍ଷା ଦେଉଥିବା ପିଲାଙ୍କ ପେପର ଭାରତୀ ବିଦ୍ୟାପୀଠ ହାଇସ୍କୁଲ୍ ଷ୍ଟ୍ରଙ୍ଗ ରୁମ୍‌ରେ ରହୁଛି । ସ୍କୁଲ୍ ପରିସର ଅନ୍ଧାର ଯୋଗୁଁ କେତେବେଳେ କଣ ଘଟିବ କହିହେବନି । ଅନ୍ୟପଟେ ଯାତ୍ରା ପୂର୍ବରୁ ମାର୍କେଟ୍ ଅଞ୍ଚଳରେ ନୂଆ ଷ୍ଟ୍ରିଟ୍ ଲାଗିବ ବୋଲି ଅଧକ୍ଷା ଯେଉଁ ପ୍ରତିଶୃତି ଦେଇଥିଲେ ତାହା ପାଣିରେ ଗାର ବୋଲି ସହରରେ ଆଲୋଚନା ହେଉଛି । ନୂଆ ଷ୍ଟ୍ରିଟ୍ ଲାଗିବା ପାଇଁ ସହରରେ ଥିବା ଡିଭାଇଡର୍ ସାଇଡ୍‌ରେ ବଡ଼ ବଡ଼ ଗାତ ଖୋଳାଗଲା କିନ୍ତୁ କୌଣସି କାରଣ ବଶତଃ ପୁଣି ଗାତକୁ ପୋତିଦିଆଗଲା । ବର୍ତ୍ତମାନ ଯାତ୍ରା ପୂର୍ବରୁ ଲାଇଟ୍ ଲାଗିବ କି ନାହିଁ ସନ୍ଦେହରେ ସହରବାସୀ । ଆଉ ଦିନ କେଇଟା ପରେ ସହରରେ ଦୋଳ ପୂର୍ଣ୍ଣମୀ ଯାତ୍ରା ଅନୁଷ୍ଠିତ ହେବାକୁ ଥିବାବେଳେ ସହର ଆଲୋକୀକରଣ ହେଉନାହିଁ । ମାତ୍ର କିଛି ସାହିର ବାରିପଟ ରୋଡ଼ରେ ନୂଆ ଷ୍ଟ୍ରିଟ୍ ଲାଇଟ୍ ବ୍ୟବସ୍ଥା ଚାଲିଥିବା ଦେଖିବାକୁ ମିଳିଛି । ବୁଦ୍ଧିଜୀବୀଙ୍କ କହିବା ଅନୁସାରେ ଅନ୍ଧାର ଯେଉଁଠି ଲାଗୁ ଆମେ ସ୍ୱାଗତ କରୁଛୁ କିନ୍ତୁ ଜନଗହଳିପୂର୍ଣ୍ଣ ମାର୍କେଟ୍‌ରେ କାହିଁକି ଲାଇଟ୍ ଲାଗୁନାହିଁ ତାହା ଆଲୋଚନାର ବିଷୟ ପାଲଟିଛି । ଜିଲ୍ଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି।

# ଗୁଟ୍‌ଖା କଟକଣାରେ ଖାଉଟି କ୍ଷତିଗ୍ରସ୍ତ:ବେପାରୀ ମାଲେମାଲ

**କେନ୍ଦୁଝର, ନ୍ୟୁଜ୍**



ପୂର୍ବ ସରକାର ସମୟରେ ଯେପରି ଗୁଟ୍‌ଖା ଓ ନିକୋଟିନ୍ ଯୁକ୍ତ ଦ୍ରବ୍ୟ ଉପରେ କଟକଣା କରାଯିବା ପରେ ଉକ୍ତ ଦ୍ରବ୍ୟ ଗୁଡିକର ଦରବୃଦ୍ଧି ଘଟିଥିଲା ସେହିଭଳି ଚଳିତ ସରକାର ମଧ୍ୟ ଗୁଟ୍‌ଖା ଓ ନିକୋଟିନ୍ ଯୁକ୍ତ ଦ୍ରବ୍ୟ ଉପରେ କଡା କଟକଣା ଜାରି କଲେ ହେଲେ କଠୋର କାର୍ଯ୍ୟାନୁଷ୍ଠାନ ଅଭାବରୁ ଗୁଟ୍‌ଖା ଓ ନିକୋଟିନ୍ ଯୁକ୍ତ ସାମଗ୍ରୀ ଗୁଡିକର ଅଭାବନୀୟ ପରିସ୍ଥିତି ସୃଷ୍ଟି କରି ଗୁଟ୍‌ଖା ଓ ପାନର ଦର ଅହେତୁକ ଭାବେ ବୃଦ୍ଧି ପାଇବାରେ ଲାଗିଛି । ଯାହାକି ଏଭଳି ଦର ବୃଦ୍ଧି ଖାଉଟି ମାନଙ୍କୁ କ୍ଷତି ଘଟଉଥିବାବେଳେ ବ୍ୟବସାୟୀମାନେ ଦ୍ୱିଗୁଣିତ ଲାଭ ପାଇ ମାଲେମାଲ୍ ହେଉଛନ୍ତି । ବଡ ବଡ ବ୍ୟବସାୟୀମାନେ ନିଜ ନିଜ ଗୋଦାମ୍‌ରେ ଗଚ୍ଛିତ କରି ରଖିଥିବା ଗୁଟ୍‌ଖା ୨/୩ ଥର ବୃଦ୍ଧି କରି ଗୁଟ୍‌ଖା ପ୍ୟାକେଟ୍ ୧୩୦ ଟଙ୍କାରୁ ବୃଦ୍ଧି କରି ବର୍ତ୍ତମାନ ପ୍ୟାକେଟ୍ ୧୯୦ ଟଙ୍କାରେ କୌଣସି ପ୍ରମାଣ ନରଖି ଖୁଚୁରା ବ୍ୟବସାୟୀଙ୍କୁ ବିକ୍ରି କରୁଥିବାବେଳେ ଖୁଚୁରା ବ୍ୟବସାୟୀମାନେ ଗୋଟେ ଗୁଟ୍‌ଖା ପ୍ୟାକେଟ୍‌ରେ ୩୦ ପିସ୍ ଥିବାରୁ ଆଗରୁ ଗୁଟ୍‌ଖା ପିସ ୫ ଟଙ୍କାରେ ବିକ୍ରି କରୁଥିବାବେଳେ ବର୍ତ୍ତମାନ ଗୋଟେ ଗୁଟ୍‌ଖା ପିସ୍‌କୁ ୮ ଟଙ୍କାରେ ବିକ୍ରି କରି ଗୋଟେ ପ୍ୟାକେଟ୍ ୨୪୦ ଟଙ୍କାରେ ବିକ୍ରି ବେଶ୍ ଲାଭବାନ୍ ହେଉଥିବା ବେଳେ ଖାଉଟି ଜଣକ ସେବନ ଅଭ୍ୟାସ ଯୋଗୁଁ ବାଧ୍ୟ ହୋଇ ବର୍ଦ୍ଧିତ ଦାମ୍ ଦେଇ କ୍ଷତି ସହୁଛନ୍ତି । ପୂର୍ବ ସରକାର ସମୟରେ ମଧ୍ୟ ଗୁଟ୍‌ଖା ପିସ୍ ଯେତେବେଳେ ମାତ୍ର ୨ ଟଙ୍କାରେ ବିକ୍ରି ହେଉଥିଲା ସେତେବେଳେ ମଧ୍ୟ ଗୁଟ୍‌ଖା ଓ ନିକୋଟିନ୍ ଯୁକ୍ତ ଦ୍ରବ୍ୟ ଉପରେ କଡା କଟକଣା ଯୋଗୁଁ କିଛି ମାସ ପାଇଁ ଦୋକାନ ମାନଙ୍କରେ ଗୁଟ୍‌ଖା ମାଳ ଉଭାନ୍ ହୋଇ ଲୁଚାଛୁପାରେ ଗୁଟ୍‌ଖା ପିସ୍ ୨ ଟଙ୍କା ବଦଳରେ ପିସ୍ ୫ ଟଙ୍କାରେ ବିକ୍ରି କଲେ ଓ ପରମୁହୂର୍ତ୍ତରେ ପୂର୍ବ ଭଳି ଖୁଲମ୍‌ଖୁଲା ସେହି ବର୍ଦ୍ଧିତ ଦରରେ ବିକ୍ରି କଲେ ଏବଂ ବର୍ତ୍ତମାନ ମଧ୍ୟ ସେହି ଅବସ୍ଥା । କଟକଣା ନାମରେ ଗୁଟ୍‌ଖା ଦରକୁ ବୃଦ୍ଧି କରାଯାଇ ଖାଉଟିମାନଙ୍କୁ ଶୋଷଣ କରାଯାଉଥିବାର ଅଭିଯୋଗ ହୋଇଛି । ତେଣୁ ଏଭଳି ପରିସ୍ଥିତିରେ ପ୍ରଥମେ ଗୁଟ୍‌ଖା ପ୍ରସ୍ତୁତି, ଆମଦାନୀ, ଗଚ୍ଛିତ ଓ ବିକ୍ରି ଉପରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲେ ସ୍ୱାସ୍ଥ୍ୟ ଅହିତକାରି ତଥା ଜୀବନ ନାଶକାରି ଗୁଟ୍‌ଖା ଓ ନିକୋଟିନ୍ ସାମଗ୍ରୀ ଗୁଡିକର ବ୍ୟବହାର, ଆମଦାନୀ ବିକ୍ରି ଉପରେ ଅଙ୍କୁଶ ଲାଗିପାରନ୍ତା ।

# ବ୍ରାଉନ୍‌ସୁଗାର ବେପାରୀ ଗିରଫ

**ପୁରୀ, ନ୍ୟୁଜ୍ ବ୍ୟୁରୋ**

ଅପରେସନ୍ ଚକ୍ର ଅଭିଯାନରେ ପୁଣି ଜଣେ ପେଷାଦାର ବ୍ରାଉନ୍‌ସୁଗାର ବେପାରୀକୁ ଟାଉନ୍ ଥାନା ପୋଲିସ ଗିରଫ କରିଛି। ସନ୍ଧ୍ୟାରେ ଲୁଚି ଛପି ବାରବାଟୀ ଜାଗାରେ ବ୍ରାଉନ୍‌ସୁଗାର ବିକିବା ପାଇଁ ନିଶାଗ୍ରସ୍ତ ଯୁବକ ମାନଙ୍କୁ ଅପେକ୍ଷା କରିଥିବା ବେଳେ ଟାଉନ୍ ଥାନା ପୋଲିସ ବିଶେଷ ସୂତ୍ରରୁ ଖବରପାଇ ଘଟଣାସ୍ଥଳରେ ଚଢଉ କରି ଅଭିଯୁକ୍ତକୁ ଗିରଫ କରିବା ସହିତ ତା'ଠାରୁ ୧୦.୪୦ ଗ୍ରାମ୍ ବ୍ରାଉନ୍ ସୁଗାର ଓ ଗୋଟିଏ ମୋବାଇଲ୍ ଫୋନ୍ ଜବତ କରିଛି । ସେମାନଙ୍କୁ ଜିଲ୍ଲା ଜଜ୍, ପୁରୀଙ୍କ କୋର୍ଟରେ ହାଜର କରାଯାଇଥିଲା। ମାତ୍ର ଜାମିନ୍ ନାମଞ୍ଜୁର ହେବାରୁ ତାକୁ ପୁରୀ ଜିଲ୍ଲା କାରାଗାରକୁ ପଠାଯାଇଛି । ଅଭିଯୁକ୍ତ ନାମରେ ପୂର୍ବରୁ ଏକ ଆକ୍ରମଣ ଓ ହତ୍ୟା ଉଦ୍ୟମ ପରି ସଙ୍ଗିନ୍ ମାମଲା ଟାଉନ୍ ଥାନାରେ ରହିଛି। ଟାଉନ୍ ଥାନା କେସ୍ ନମ୍ବର- ୧୨୧/୨୦୨୬, ଦଫା-୨୧(ଖ) ଏନ୍.ଡି.ପି.ଏସ୍. । ଗିରଫ ଅଭିଯୁକ୍ତ ହେଲେ ସୁଦାମ ଦାସ (୨୬), ପି- ବଟକୃଷ୍ଣ ଦାସ, ନୂଆସାହୀ, ବାରବାଟୀ ଜାଗା, ପୁରୀ । ଜବତ ସାମଗ୍ରୀ ବ୍ରାଉନ୍ ସୁଗାର-୧୦.୪୦ ଗ୍ରାମ୍ ଓ ଗୋଟିଏ ମୋବାଇଲ୍ ଫୋନ୍ ରହିଛି ।

# ୧୦୨୫ କିଲୋଗ୍ରାମ୍ ଗଞ୍ଜେଇ ଜବତ:ଜଣେ ଗିରଫ

**ମାଲକାନଗିରି, ନ୍ୟୁଜ୍ ବ୍ୟୁରୋ**

ସନ୍ଧ୍ୟା ସମୟରେ ଏମ୍‌ଭି ୭୯ ପୋଲିସ୍ ଟିମ୍ ପାଟ୍ରୋଲିଂ କରୁଥିବା ସମୟରେ, ବିଶ୍ୱସ୍ତ ସୂତ୍ରରୁ ସୂଚନା ପାଇ ୩୨୬ ନମ୍ବର ଜାତୀୟ ରାଜପଥର ଏମ୍‌ଭି ୯୬ ଛକରେ ଗୋଟିଏ ଗଞ୍ଜେଇ ଗାଡିକୁ ଧରିଥିଲେ । ସେଥିରେ ୪୧ଟି ପ୍ଲାଷ୍ଟିକ୍ ବସ୍ତାରେ ଥିବା ୧୦୨୫ କିଲୋଗ୍ରାମ ଚୋରା ଗଞ୍ଜେଇ ଜବତ କରିବା ସହ ଗୋଟିଏ ଅଶୋକ ଲିଲାଣ୍ଡ (କଂଟେନର୍) ମାଲ୍‌ବାହୀ ଟ୍ରକ୍ ଏବଂ ରାଜସ୍ଥାନ ରାଜ୍ୟର ଜଣେ ଅଭିଯୁକ୍ତ ଝାବର ସିଂହଙ୍କୁ ଗିରଫ କରିଥିଲେ। ତଦନ୍ତ ସମୟରେ ଏହା ଜଣାପଡ଼ିଛି ଯେ, ଅଭିଯୁକ୍ତ ଅଧିକ ଲାଭ ପାଇଁ ତେଲେଙ୍ଗାନା ରାଜ୍ୟକୁ ଉକ୍ତ ଗଞ୍ଜେଇ ଚାଲାଣ କରୁଥିଲା । ଏହି ଚୋରା ଚାଲାଣରେ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତମାନଙ୍କୁ ଚିହ୍ନଟ କରିବା ପାଇଁ ଅଧିକ ତଦନ୍ତ ଚାଲିଛି ବୋଲି ଏମ୍‌ଭି ୭୯ ଥାନା ଅଧିକାରୀ ପୂର୍ଣ୍ଣିମା ଟେଟେ ସୂଚନା ଦେଇଛନ୍ତି। ଏ ସମ୍ପର୍କରେ ଏମ୍‌ଭି - ୭୯ ଥାନା କେସ୍ ନଂ-୨୯/୨୦୨୬ ତାରିଖ ୨୧.୦୨.୨୦୨୬ ଅଣ୍ଡର ସେକ୍ସନ୍- ୨୦(ବି)(ଆଇଆଇ)(ସି)/ ୨୭-ଏ/୨୯ ଏନ୍‌ଡିପିଏସ୍‌ଆକ୍ଟରେ ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଛି।

# ବାରବାଟୀ-କଟକ ବିଜେଡ଼ିର ଆଜି ବିଧାନସଭା ଚାଲ ଡାକରା

**କଟକ, ନ୍ୟୁଜ୍ ବ୍ୟୁରୋ**



ବାରବାଟୀ ଷ୍ଟାଡିୟମ୍ ନିକଟରେ କଟକ ମେୟର ତଥା ବିଜୁ ଜନତା ଦଳର ରାଜ୍ୟ କୋଷାଧକ୍ଷ ସୁବାସ ସିଂହଙ୍କ ନେତୃତ୍ୱରେ ଫେବୃୟାରୀ ୨୪ ତାରିଖ ବିଧାନସଭା ଚାଲ..... ପରିପ୍ରେକ୍ଷୀରେ ବାରବାଟୀ-କଟକ ବିଜୁ ଜନତା ଦଳ ପକ୍ଷରୁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ରାଜ୍ୟରେ ଦରଦାମ୍ ବୃଦ୍ଧି, ମଣ୍ଡିରେ ଧାନ ପରି ରହିବା, କଟନି - ଛଟନି ନାମରେ ଗରିବ ଚାଷୀ ମାନଙ୍କୁ ଶୋଷଣ କରିବା, ରାଜ୍ୟରେ ଆଇନ୍‌ଶୃଙ୍ଖଳା ବ୍ୟବସ୍ଥା ବିପର୍ଯ୍ୟସ୍ତ ହେବା, ବିଭିନ୍ନ ପ୍ରକାର ନୂତନ ଭତ୍ତା କାର୍ଡ ସଂଖ୍ୟା ବୃଦ୍ଧି ନକରିବା ସହ ରାଜ୍ୟ ସରକାରଙ୍କ ମନମୁଖୀ କାର୍ଯ୍ୟ କରିବା ପ୍ରତିବାଦରେ ରାଜ୍ୟ ବିଜୁ ଜନତା ଦଳ ଆହ୍ୱାନ୍ କ୍ରମେ ବାରବାଟୀ - କଟକ ବିଜୁ ଜନତା ଦଳ ପକ୍ଷରୁ ଏକ ପ୍ରସ୍ତୁତି ସଭା ଅନୁଷ୍ଠିତ ହୋଇଯାଇଛି । ଏହି ସଭାରେ କଟକ ମେୟର ତଥା ବିଜୁ ଜନତା ଦଳର ରାଜ୍ୟ କୋଷାଧକ୍ଷ ସୁବାସ ସିଂହଙ୍କ ସହ କଟକ ଜିଲ୍ଲା ବିଜୁ ଜନତା ଦଳର ସଭାପତି ପ୍ରଫୁଲ୍ଲ ସିଂ, ଜିଲ୍ଲା ମହିଳା ସଭାପତି ଅନିତା ବେହେରା, କଟକ ଜିଲ୍ଲା କାର୍ଯ୍ୟକାରୀ ମହିଳା ସଭାପତି ପୂର୍ଣ୍ଣିମା ସିଂହ, ପୂର୍ବତନ କଟକ ସହର ବିଜୁ ଜନତା ଦଳ ସଭାପତି ମଧୁସୂଦନ ସାହୁ, ପ୍ରବାସୀ ଓଡ଼ିଆ ସଂଘ ଆବାହକ ନନ୍ଦଲାଲ ସିଂହ, ଏକରାମ ହୁସେନ, ରାଜ୍ୟ ବିଜୁ ଜନତା ଦଳ ଉପସଭାପତି ଜଗନ୍ନାଥ ସ୍ୱାଇଁ, ରମଜାନ ଖାନ, ପ୍ରଫୁଲ୍ଲ ବେହେରା, ଆଇନଜୀବୀ ସ୍ୱଦେଶ ଦାସ, ପ୍ରଫୁଲ୍ଲ ସାହୁ, ପ୍ରେମାଂଶୁ ଭୂଷଣ ବେହେରା, ଦେବେନ୍ଦ୍ର କାହାଳି, କର୍ପୋରେଟର ଏ ଶ୍ରୀଦେବୀ, ମୋନାଲିସା ଦାସ, ଦୀପ୍ତିମୟୀ ମୂଳିଆ, ପୁଷ୍ପିତା ମହାନ୍ତି, ଇତିଶ୍ରୀ ଦାସ, ବନଲତା ପ୍ରଧାନ, ଦୀପାଞ୍ଜଳି ସିଂହ, ଆରତୀ ସାହୁ, ନମିତା ବାରିକ, ପ୍ରିୟମ୍ୱଦା ମହାନ୍ତି, ଲକ୍ଷ୍ମୀପ୍ରିୟା ବେହେରା, କେ.ଜେଡ୍ ଆଫ୍ରିନ୍, ପ୍ରଦୀପ କୁମାର ରାଉତ, ବସନ୍ତ ବେହେରା, ଚନ୍ଦନ ଜେନା, ପ୍ରଦୀପ କୁମାର ସାହୁ, ଇଫତୀକାର୍ ଆଲାମ୍, ସତ୍ୟରାମ ସାହୁ, ଦେବେନ୍ଦ୍ର ପାଣିଗ୍ରାହୀ, ଅର୍ଦ୍ଧେନ୍ଦୁ ଶେଖର ମାଝୀ, ଦୀପ୍ତିରଞ୍ଜନ ରାୟ, ପରେଶନାଥ ଦାସ, ସରୋଜ ରଞ୍ଜନ କର, ନବଦ୍ୱୀପ ଦାସ, ପ୍ରଭାତ ଦାସ, ଦେବେନ୍ଦ୍ର ନାଥ ମିଶ୍ର, ଧୀରେନ୍ଦ୍ର ପ୍ରତାପ, ବିଶ୍ୱନାଥ ଧୀର, ସୌମ୍ୟଦର୍ଶନ ବେହେରା, ସୁଦାମ ପରିଡା, ବୀରେନ୍ଦ୍ର ବେହେରା, ବିଜ୍ଞାନ ମହାପାତ୍ର, ଜନସନ ମହାପାତ୍ର, ପୂର୍ଣ୍ଣିମା ସିଂହ, ସୀମରଣ ଜରିନ, ଶ୍ରୀମନ୍ଥନି ଶତପଥୀ, ସୌମେନ୍ଦ୍ର ସାହୁ, ଜନ ଆଶିଷ ବରାଳ, କାଳିଚରଣ ପାଣିଗ୍ରାହୀ, ପ୍ରଦୀପ ବାରିକ, ସୟଦ ଶେଖାୱତ୍ ଅଲି, ସେକ୍ ରିୟାଜ୍ ବାରବାଟୀ-କଟକ ବିଜୁ ଜନତା ଦଳର ଆଗଧାଡିର ନେତୃବୃନ୍ଦ, କର୍ମୀ ଯୁବକ, ମହିଳା, ଛାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ଏପଷ୍ଟିନ କଳା ସାମ୍ରାଜ୍ୟର ପର୍ଦ୍ଦାଫାସ

# ଯୌନ ଶୋଷଣରେ କୋଟିପତି ଓ ପ୍ରଭାବଶାଳୀ ବ୍ୟକ୍ତି

**ନୂଆଦିଲ୍ଲୀ, ନ୍ୟୁଜ୍ ବ୍ୟୁରୋ**

ଆମେରିକା କୁଖ୍ୟାତ ଯୌନ ଅପରାଧୀ ଜେଫ୍ରି ଏପଷ୍ଟିନ୍ ନିଜର ଅର୍ଥ ଓ ପ୍ରଭାବ ବଳରେ ଏକ ବିଶାଳ ରହସ୍ୟମୟ ତଥା କଳା ସାମ୍ରାଜ୍ୟ ଗଢ଼ିଥିଲା । ଏହା ପଛରେ ସେ ଏକ ଭୟଙ୍କର ଯୌନ ଶୋଷଣ ନେଟ୍‌ୱର୍କ ଚଳାଉଥିଲା । ୨୦୧୯ରେ ଜେଲ୍‌ରେ ଏପଷ୍ଟିନ୍‌ର ସନ୍ଦେହଜନକ ମୃତ୍ୟୁ ହୋଇଥିଲେ ମଧ୍ୟ ଏହି ମାମଲାର ପ୍ରଭାବ ଏବେବି ବିଶ୍ୱର ବଡ଼ ବଡ଼ ନେତା ଓ କୋଟିପତିଙ୍କ ଉପରେ ପଡୁଛି । ଏଥିରେ ବହୁ ପ୍ରଭାବଶାଳୀ ବ୍ୟକ୍ତିଙ୍କ ସମ୍ପୃକ୍ତି ରହିଥିଲା ବୋଲି ସମୟକ୍ରମେ ଜଣାପଡୁଛି । ଏପଷ୍ଟିନ୍ ସହ ବିଶ୍ୱର ବଡ଼ ବଡ଼ ରାଷ୍ଟ୍ରପତି, ରାଜକୁମାର ଓ ଶିଳ୍ପପତିଙ୍କ ସମ୍ପର୍କ ଥିଲା। ଏହି ବିଶିଷ୍ଟ ବ୍ୟକ୍ତିମାନେ ଦିନେ ଏପଷ୍ଟିନ୍‌ଙ୍କ ଦୁନିଆରେ ଅବାଧରେ ବିଚରଣ କରୁଥିଲେ। ଅତି ଚତୁରତାର ସହ ଏପଷ୍ଟିନ୍ ନିଜର ଏହି ବିଶାଳ ସାମ୍ରାଜ୍ୟ ଗଢ଼ିଥିଲା । ଯୌନ ଚାଲାଣରେ ନାମ ଆସିବା ପୂର୍ବରୁ ଏପଷ୍ଟିନ୍ ନିଜକୁ ଜଣେ ବୁଦ୍ଧିମାନ, କୋଟିପତି ଓ ପ୍ରଭାବଶାଳୀ ବ୍ୟକ୍ତିଭାବେ ଉପସ୍ଥାପନ କରିଥିଲା। ସେ ରାଷ୍ଟ୍ରପତି, ରାଜକୁମାର, ବଡ଼ ବଡ଼ ବ୍ୟକ୍ତି ଓ ନୋବେଲ ବିଜେତାଙ୍କ ଗହଣରେ ରହୁଥିଲା। ନ୍ୟୁୟର୍କ ଓ ପାମ୍ ବିଚ୍‌ରେ ତାର ବିଶାଳ ବାସଭବନ ସହ କାରିବିଆନ ସାଗରରେ ଏକ ଘରୋଇ ଦୀପ ମଧ୍ୟ ଥିଲା। ୧୯୫୩ରେ ବ୍ରୁକଲିନ୍‌ରେ ଜନ୍ମିତ ଏପଷ୍ଟିନ୍ କୌଣସି କଲେଜ ଡିଗ୍ରୀ ହାସଲ ନକରି ବି ଶିକ୍ଷକତା କରିଥିଲା ଏବଂ ପରେ ନିଜର ଏକ ଆର୍ଥିକ ପରିଚାଳନା ସଂସ୍ଥା ପ୍ରତିଷ୍ଠା କରି ବେଶ୍ ସଫଳତା ଲାଭ କରିଥିଲା । ତେବେ ତାଙ୍କର ଏହି ସଫଳତା ପଛରେ ଏକ ଅନ୍ଧକାରମୟ ଦୁନିଆ ରହିଥିଲା । ଯେଉଁଠାରେ ଅଳ୍ପ ବୟସର ଝିଅମାନଙ୍କୁ ଯୌନ ଶୋଷଣ କରାଯାଉଥିଲା । ଏପଷ୍ଟିନ୍‌ର ମୁଖ୍ୟ ସହଯୋଗୀ ଥିଲେ ବ୍ରିଟେନ୍‌ର ପୂର୍ବତନ ସମାଜସେବୀ ଘିସଲେନ୍ ନୋଏଲ୍ ମାରିଅନ୍ ମ୍ୟାକ୍ସୱେଲ । ସେ ଏପଷ୍ଟିନ୍‌ଙ୍କ ପାଇଁ ଅଳ୍ପ ବୟସର ଝିଅ ଖୋଜିବା ଏବଂ ସେମାନଙ୍କୁ ଶୋଷଣ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରୁଥିଲେ। ୨୦୨୧ରେ ମ୍ୟାକ୍ସୱେଲ୍ ଯୌନ ଶୋଷଣ ମାମଲାରେ ଦୋଷୀ ସାବ୍ୟସ୍ତ ହୋଇଥିଲେ ଓ ତାଙ୍କୁ ୨୦ ବର୍ଷ ଜେଲ୍ ଦଣ୍ଡାଦେଶ ହୋଇଥିଲା। ତଦନ୍ତକାରୀ ଅଧିକାରୀଙ୍କ ଅନୁଯାୟୀ, ଏପଷ୍ଟିନ୍‌ଙ୍କ ଏଭଳି ନେଟ୍‌ୱର୍କ ଏକ 'ପିରାମିଡ୍ ସ୍କିମ୍' ଭଳି କାର୍ଯ୍ୟ କରୁଥିଲା। ଅଳ୍ପ ବୟସର ଝିଅଙ୍କୁ ମସାଜ୍ ସେବା ବଦଳରେ ଅର୍ଥ ଦେବାର ଲୋଭ ଦେଖାଇ ଡକାଯାଉଥିଲା, ଯାହା ପରେ ଯୌନ ଶୋଷଣରେ ପରିଣତ ହେଉଥିଲା। ଅନ୍ୟ ଝିଅମାନଙ୍କୁ ଏହି କାମରେ ସାମିଲ୍ କରିବା ପାଇଁ ପୀଡିତାମାନଙ୍କୁ ଉତ୍ସାହିତ କରାଯାଉଥିଲା। ଫଳରେ ଏହି ନେଟ୍‌ୱର୍କ ବଢ଼ିବାରେ ଲାଗିଥିଲା । ସେ ବିଶେଷ କରି ସେହି ଝିଅମାନଙ୍କୁ ଟାର୍ଗେଟ୍ କରୁଥିଲେ ଯେଉଁମାନଙ୍କର ପାରିବାରିକ ଆର୍ଥିକ ଅବସ୍ଥା ଭଲ ନଥିଲା କିମ୍ବା ସେମାନେ ମାନସିକ ସ୍ତରରେ ଦୁର୍ବଳ ଥିଲେ। ସେମାନଙ୍କୁ ଭଲ ପାଠପଢ଼ା କିମ୍ବା କ୍ୟାରିୟର ଗଢ଼ିବାର ମିଥ୍ୟା ପ୍ରତିଶ୍ରୁତି ଦିଆଯାଉଥିଲା। ୨୦୧୯ରେ ଏପଷ୍ଟିନ୍ ଆତ୍ମହତ୍ୟା କରିଥିଲେ ମଧ୍ୟ ଏହି ମାମଲାର ତଦନ୍ତ ଏବେବି ଜାରି ରହିଛି। ନିକଟରେ ବ୍ରିଟେନ୍‌ର ପୂର୍ବତନ ରାଜକୁମାର ଆଣ୍ଡ୍ରୁ ମାଉଣ୍ଟବାଟେନ୍-ୱିଣ୍ଡସରଙ୍କୁ ଗିରଫ କରାଯାଇଛି । ଆଗାମୀ ଭବିଷ୍ୟତରେ ଆହୁରି କେତେକ ବିଶିଷ୍ଟ ବ୍ୟକ୍ତି ଏହି ମାମଲାରେ ଜଡ଼ିତ ହେବା କାରଣରୁ ବଳି ପଡିବେ ବୋଲି ଅନୁମାନ କରାଯାଉଛି। ଏହି ତାଲିକା ଯଥେଷ୍ଟ ଲମ୍ବା ରହିଛି।

## ଆଜିର ଭଲମନ୍ଦ



**ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ**
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଆ ପାଞ୍ଜି ଗଣନାକାର)
ମୋବାଇଲ-୯୩୩୭୬୯୩୦୨୨
csnastrology@gmail.com

**ଉଦୟକାଳୀନ ଗ୍ରହଚକ୍ର**




ସନ- ୧୪୩୩ ସାଲ, ଶକାବ୍ଦଃ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ-୧୪୪୭, କଳିଯୁଗାବ୍ଦଃ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୬୯ଙ୍କ

**ତା୨୪।୦୨।୨୦୨୬, ଫାଲ୍‌ଗୁନ ଦି୧୨ନ, ମଙ୍ଗଳବାର**

**ସୂର୍ଯ୍ୟୋଦୟ- ଘ ୬।୧୩।୦୬ ଚନ୍ଦ୍ରୋଦୟ- ଦିଘ ୧୦।୪୫।୦୮**

**ସପ୍ତମୀ-** ପ୍ରାଘ ୭।୦୪ ଗତେ ଅଷ୍ଟମୀ କ୍ଷୟ, କୃତ୍ତିକା ନକ୍ଷତ୍ର ଦିଘ ୩।୦୯ ପର୍ଯ୍ୟନ୍ତ। **ବୃଷ ଚନ୍ଦ୍ର-** ଅହୋରାତ୍ର । **ଚନ୍ଦ୍ରଶୁଦ୍ଧି-** ମେଷ, ବୃଷ, କର୍କଟ, ସିଂହ, କନ୍ୟା, ଧନୁ, ମକର ଓ ମୀନ ରାଶିର। **ଘାତ ଚନ୍ଦ୍ର-** ବିଛା ରାଶିର। **ଶ୍ରାଦ୍ଧନିର୍ଣ୍ଣୟ-** ଅଷ୍ଟମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ତାଳ ପ୍ରାଘ ୭।୦୪ ଗତେ ନଡ଼ିଆ ଖାଇବା ମନା । **ଆଜିର ଶୁଭବେଳା-** ଦିଘ ୯।୦୮ ଗତେ ଦିଘ ୧୦।୫୧ ମଧ୍ୟେ । ଦିଘ ୧।୧୧ ଗତେ ଦିଘ ୧।୨୮ ମଧ୍ୟେ ।



**ମେଷ:** କାର୍ଯ୍ୟକ୍ଷେତ୍ରରେ ସଫଳତା ମିଳିବ। ଲାଗି ରହିଥିବା ବିବାଦର ଆପୋଷ ସମାଧାନ ହୋଇଯିବ। ଭ୍ରମଣ ଯୋଗ ରହିଛି। ଆୟ ଓ ବ୍ୟୟ ସମାନ ରହିବ। ପାରିବାରିକ ଆନନ୍ଦ ମିଳିବାର ସୂଚନା ।



**ବୃଷ:** ଶାରୀରିକ ସୁସ୍ଥତା ଅନୁଭବ କରିବେ। କାର୍ଯ୍ୟ ହାସଲ କରିବେ। ମାନସିକ ଶାନ୍ତି ଅବ୍ୟାହତ ରହିବ। ରୋଜଗାରରେ ଉନ୍ନତି ଆସିବ। ପରିବାରରେ ସାମାନ୍ୟ ସୁଧାର ଆସିବ। ମହିଳାମାନେ ଗର୍ବୀ ହେବେ ।



**ମିଥୁନ:** ଶାରୀରିକ ଅସୁସ୍ଥତା ଦେଖାଦେବ। କୌଶଳ କ୍ରମେ କାର୍ଯ୍ୟ ହାସଲ କରିବେ। ଭୟରୁ ଜୟ ଲାଭ ହେବ। ଆର୍ଥିକ ସ୍ଥିତି ସୁଦୃଢ଼ ରହିବ। ପାରିବାରିକ ସୁଖ ଶାନ୍ତି ବଜାୟ ରହିବ। ମହିଳାମାନେ ଗର୍ବୀ ହେବେ।



**କର୍କଟ:** କର୍ମକ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ। ବିଳାସ ଓ ବ୍ୟସନରେ ସାମଗ୍ରୀ କ୍ରୟ କରିବେ। ଭ୍ରମଣ ଯୋଗ ରହିଛି। ଆୟ ତୁଳନାରେ ବ୍ୟୟର ପରିମାଣ ବଢ଼ିବ। ଗୃହରେ ଆନନ୍ଦ ଲାଭ ହେବ। ଦୂରଯାତ୍ରା କରିପାରନ୍ତି ।



**ସିଂହ:** ବ୍ୟବସାୟରେ ଲାଭବାନ୍ ହେବେ। ସମସ୍ତ କ୍ଷେତ୍ରରେ ବିଜୟ ହାସଲ ହେବ। ସମ୍ମାନ ମଧ୍ୟ ମିଳିବ। ରୋଜଗାର ସ୍ଥିର ରହିବ। ପାରିବାରିକ ଶାନ୍ତି ବଜାୟ ରହିବାର ସୂଚନା। ଉତ୍ତମ ଗୁଣ ପ୍ରକାଶ ପାଇବାର ସୂଚନା ।



**କନ୍ୟା:** କର୍ମକ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ। ଦାନ ଧର୍ମ କରିବେ। ଠକାମିରେ ମଧ୍ୟ ପଡ଼ିବାର ସୁଯୋଗ ଅଛି। ବ୍ୟୟର ପରିମାଣ ବଢ଼ିବ। ପରିବାରରେ ଅଶାନ୍ତି ଦେଖାଦେବାର ସୂଚନା। ଦେହ ଭଲ ରହିବ ।



**ତୁଳା:** ମାନସିକ ଶାନ୍ତି ପ୍ରାପ୍ତ ହେବ। କର୍ମକ୍ଷେତ୍ରରେ ସହଯୋଗର ମାତ୍ରା ବଢ଼ିବ। ଦେହ ଓ ମନ ଭଲ ରହିବ। ବ୍ୟସ୍ତତା ମଧ୍ୟରେ ଦିନଟି ଅତିବାହିତ ହେବ। ରୋଜଗାରରେ ଉନ୍ନତି ହେବ। ଘରେ ଆନନ୍ଦ ଲାଭ କରିବେ ।



**ବିଛା:** ଆଜି ଆପଣଙ୍କର ଘାତଚନ୍ଦ୍ର। ଏଣୁ ସାବଧାନତା ଅବଲମ୍ବନୀୟ। ଗୃହରେ ଅଶାନ୍ତି ଦେଖାଦେବ। କର୍ମକ୍ଷେତ୍ରରେ କଳହର ସୂଚନା। ଶୁଭ କାର୍ଯ୍ୟ ପାଇଁ ଦିନଟି ଭଲ। ଆୟ ଓ ବ୍ୟୟ ସମାନ ରହିବ ।



**ଧନୁ:** ନିଜକୁ ନିଜେ ଆତ୍ମକୈନ୍ଦ୍ରିକ ହୋଇପଡ଼ିବେ। ସେବା କ୍ଷେତ୍ରରେ ଅବତୀର୍ଣ୍ଣ ହେବେ। ଶୁଭ କାର୍ଯ୍ୟରେ ଯୋଗଦେବେ। ଆୟର ପରିମାଣ ବଢ଼ିବ। ପରିବାରରେ ସୁଖ ଶାନ୍ତି ଅକ୍ଷୁର୍ଣ୍ଣ ରହିବ । ଶରୀର ସୁସ୍ଥ ରହିବ ।



**ମକର:** ଦୂରଯାତ୍ରାରେ ସଫଳତା ମିଳିବ। ଆତ୍ମସନ୍ତୋଷ ଲାଭ କରିବେ। ଶରୀର ସୁସ୍ଥ ରହିବ। ପାରିବାରିକ ଆନନ୍ଦ ଲାଭ ହେବ। ଆୟରେ ଉନ୍ନତି ହେବ। ସୁଖ ସମୃଦ୍ଧି ଲାଭ ହେବ। ଗୁରୁଜନଙ୍କ ଆଶୀର୍ବାଦ ଲାଭ କରିବେ ।



**କୁମ୍ଭ:** ଶାରୀରିକ ପୀଡ଼ା ଅନୁଭବ କରିବେ। କର୍ମକ୍ଷେତ୍ରରେ କାର୍ଯ୍ୟ ହାସଲ କରିବେ। ଆୟ ଓ ବ୍ୟୟ ଉଭୟ ସମାନ ରହିବ। ଶୁଭ କାର୍ଯ୍ୟ କରିବେ। ପାରିବାରିକ ସୁଖ ଶାନ୍ତି ଅବ୍ୟାହତ ରହିବାର ସୂଚନା ।



**ମୀନ:** ବନ୍ଧୁଙ୍କ ଦ୍ୱାରା ସମ୍ମାନିତ ହେବେ। ପରୋପକାରୀ ହେବେ। କାର୍ଯ୍ୟ ହାସଲ କରିବାକୁ ସକ୍ଷମ ହେବେ। ବିଭିନ୍ନ ସ୍ଥାନରୁ ପ୍ରଶଂସା ଲାଭ ହେବ। ରୋଜଗାରର ପରିମାଣ ବଢ଼ିବ। ଗୃହେ ଶାନ୍ତି ଲାଭ ହେବ ।

# ବନ୍ଧୁକ ଦେଖାଇ ପ୍ରେମିକାକୁ ଉଠାଇ ନେଲା ପ୍ରେମିକ

**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**

ସୁବର୍ଣ୍ଣପୁର ଜିଲ୍ଲା ତରଭା ଠାରେ ସକାଳୁ ସକାଳୁ ଏକ ଅଭାବନୀୟ ଘଟଣା ଘଟିଛି। ନବବଧୂଙ୍କୁ ବାଟରେ ବନ୍ଧୁକ ଦେଖେଇ ବର ଠାରୁ ଛଡେଇ ନେଇଗଲେ ପ୍ରେମିକ। ବୌଦ୍ଧ ଜିଲ୍ଲା କଣ୍ଟାମାଳ ରଥପଡ଼ାର ସର୍ଜନ ପୁଟେଲଙ୍କ ଝିଅ ରଶ୍ମିକୁ ବଲାଙ୍ଗୀର କାମାକ୍ଷାନଗରର ହରିବନ୍ଧୁ ପୁଟେଲ ବୈଦିକ ରିତିରେ ବାହାହେଇ ଘରକୁ ଫେରୁଥିଲେ । ତରଭା ଥାନା ଅନ୍ତର୍ଗତ ବଡ଼ବନ୍ଧ ନିକଟରେ ଅଚାନକ୍ ୩ ଜଣ ଯୁବକ ଆସି ଗାଡି ଅଟକାଇଥିଲେ। ଗାଡି ଅଟକିବା ପରେ ବନ୍ଧୁକ ଦେଖେଇ ନବବଧୂଙ୍କୁ ଗାଡିରୁ ଓହ୍ଲାଇ ସାଙ୍ଗରେ ନେଇ ଫେରାର୍ ହୋଇଯାଇଥିଲେ। ଘଟଣା ପରେ ବର ପିଲା ତରଭା ଥାନାରେ ପହଞ୍ଚି ଲିଖିତ ଅଭିଯୋଗ କରିଥିବା ବେଳେ ଏହି ଘଟଣାକୁ ନେଇ ତରଭା ପୋଲିସ ତନାଘନା ଜାରି ରଖିଥିବା ଆଇଆଇସି ଅନିତା କିଡୋ ସୂଚନା ଦେଇଛନ୍ତି।

## ଆଗାମୀ କାଲିର ପଞ୍ଜିକା

ସନ- ୧୪୩୩ ସାଲ, ଶକାବ୍ଦଃ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ-୧୪୪୭, କଳିଯୁଗାବ୍ଦଃ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୬୯ଙ୍କ

**ତା୨୫।୦୨।୨୦୨୬, ଫାଲ୍‌ଗୁନ ଦି୧୩ନ, ବୁଧବାର**

**ସୂର୍ଯ୍ୟୋଦୟ- ଘ ୬।୧୨।୨୩ ଚନ୍ଦ୍ରୋଦୟ- ଦିଘ ୧୧।୪୩।୨୮**

**ନବମୀ-** ରାଘ ୨।୪୩ ପର୍ଯ୍ୟନ୍ତ, ରୋହିଣୀ ନକ୍ଷତ୍ର ଦିଘ ୧।୪୧ ପର୍ଯ୍ୟନ୍ତ। **ବୃଷ ଚନ୍ଦ୍ର-** ରାଘ ୧୨।୫୬ ପର୍ଯ୍ୟନ୍ତ । **ଚନ୍ଦ୍ରଶୁଦ୍ଧି-** ମେଷ, ବୃଷ, କର୍କଟ, ସିଂହ, କନ୍ୟା, ଧନୁ, ମକର ଓ ମୀନ ରାଶିର। ରାଘ ୧୨।୫୬ ଗତେ ମେଷ, ବୃଷ, ମିଥୁନ, ସିଂହ, ତୁଳା, ଧନୁ, ମକର, କୁମ୍ଭ ରାଶିର । **ଘାତ ଚନ୍ଦ୍ର-** ବିଛା ରାଶିର। ରାଘ ୧୨।୫୬ ଗତେ କନ୍ୟା ରାଶିର । **ଶ୍ରାଦ୍ଧନିର୍ଣ୍ଣୟ-** ନବମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ଲାଉ ରାଘ ୨।୪୩ ଗତେ କଳମ ଶାଗ ଖାଇବା ମନା । **ଆଜିର ଶୁଭବେଳା-** ଦିଘ ୬।୧୫ ଗତେ ଦିଘ ୭।୪୭ ମଧ୍ୟେ । ଦିଘ ୧।୫୬ ଗତେ ଦିଘ ୫।୦୨ ମଧ୍ୟେ ।

ସମ୍ପାଦକୀୟ
32 YEARS
ସମ୍ବାଦ କଳିକା

# ମଙ୍ଗଳବାର ଠାରୁ 'ଟ୍ରମ୍ପଙ୍କ ଟାରିଫ' ସଂଗ୍ରହ କରିବ ନାହିଁ ଆମେରିକା

ଟ୍ରମ୍ପଙ୍କ ପାରସ୍ପରିକ ଟାରିଫ ନୀତି ଯୋଗୁ ବିଭିନ୍ନ ସହଯୋଗୀ ରାଷ୍ଟ୍ରଗୁଡ଼ିକ ସହ ଆମେରିକାର ସମ୍ପର୍କ ବିଗିଡ଼ିଥିଲା । ସେହିପରି ଏହା ବିଶ୍ୱ ସପ୍ଲାଏ ଚେନକୁ ମଧ୍ୟ ପ୍ରଭାବିତ କରିଥିଲା । ଏଥିଯୋଗୁ ଆମେରିକା ସୁପ୍ରିମକୋର୍ଟ ଗୋଟିଏ ଐତିହାସିକ ରାୟରେ ଟ୍ରମ୍ପଙ୍କ ଟାରିଫ ନୀତିକୁ ବେଆଇନ କହିଥିଲେ । ଆମେରିକାର ସୀମା ଶୁଳ୍କ ଓ ସୀମା ସୁରକ୍ଷା ବିଭାଗ ଗୋଟିଏ ବିବୃତିରେ କହିଛି ଯେ ୧୯୭୭ର ଅନ୍ତର୍ଜାତୀୟ ଜରୁରିକାଳୀନ ଆର୍ଥିକ ଶକ୍ତି ଅଧିନିୟକ (ଓରରଚଇ) ଅନୁସାରେ ସଂଗ୍ରହ ହେଉଥିବା ଟାରିଫ ମଙ୍ଗଳବାର ଠାରୁ ବନ୍ଦ ହୋଇଯିବ । ଆମେରିକା ସମୟ ରାତି ୧୨.୧(ଭାରତୀୟ ସମୟ ଦିନ ୧୦.୩୦) ଏହି ନିୟମ ଲାଗୁ ହେବ । ଶୁକ୍ରବାର ଆମେରିକା ସୁପ୍ରିମକୋର୍ଟ ଟ୍ରମ୍ପଙ୍କ ଶୁଳ୍କ ନୀତିକୁ ବେଆଇନ କହିଥିଲେ । ଏହାପରେ ବିଭାଗ ପକ୍ଷରୁ ଏପରି ବିବୃତି ଜାରି କରାଯାଇଛି । ତେବେ ପୂର୍ବରୁ ବିଭିନ୍ନ ରାଷ୍ଟ୍ରଠାରୁ ସଂଗ୍ରହ ହୋଇଥିବା ଟାରିଫକୁ ଆମେରିକା ଫେରସ୍ତ କରିବ କି ନାହିଁ, ସେକଥା ବିଭାଗ ସ୍ପଷ୍ଟ କରିନି । ବିଭାଗର କହିବା କଥା ଯେ ଓରରଚଇ ଅଧୀନରେ ସଂଗ୍ରହ ହେଉଥିବା ଟାରିଫକୁ ହିଁ ନିଲମ୍ବିତ କରାଯାଉଛି । ଟ୍ରମ୍ପ ଯୁଗର ଅନ୍ୟ ଟାରିଫ ନିୟମ ପୂର୍ବଭଳି ବଳବତ୍ତର ରହିଛି । ଏହା ମଧ୍ୟରେ ଜାତୀୟ ସୁରକ୍ଷା କ୍ଷମତାର ଧାରା ୨୩୨ ଓ ଅନୁଚିତ ବ୍ୟାପାର ପାଇଁ ଲାଗୁ ହେଉଥିବା ଟାରିଫ ରହିଛି । ଆମେରିକାର ସୀମା ଶୁଳ୍କ ଓ ସୀମା ସୁରକ୍ଷା ବିଭାଗ ବାଣିଜ୍ୟ କାରବାର କରୁଥିବା ଲୋକଙ୍କୁ ସିଏସଏମଏସ ଜରିଆରେ ସବୁ ପ୍ରକାରର ସହାୟତା କରିବ ।

ସୁପ୍ରିମକୋର୍ଟ ଯୋଗୁ ରାଗି ଯାଇଥିବା ଟ୍ରମ୍ପ ଶନିବାର ଆଉ ଏକ ପ୍ରଦକ୍ଷେପ ଗ୍ରହଣ କରିଥିଲେ । ସେ ଗୋଟିଏ ନିର୍ଦ୍ଦେଶନାମାରେ ଦସ୍ତଖତ କରି ସବୁ ଦେଶ ଉପରେ ବାଧ୍ୟତାମୂଳକ ଭାବେ ୧୦% ଟାରିଫ ଲଗାଇଥିଲେ । ଏହା ମଧ୍ୟରେ ଭାରତ ମଧ୍ୟ ରହିଛି । ଅର୍ଥାତ ଭାରତରୁ ଆମେରିକାକୁ ରପ୍ତାନୀ ହେଉଥିବା ଦ୍ରବ୍ୟ ଗୁଡ଼ିକ ଉପରେ ୧୦% ଟାରିଫ ଲାଗୁ ହେବ ବୋଲି କୁହାଯାଇଥିଲା । କିନ୍ତୁ ପରବର୍ତ୍ତୀ ଅବସ୍ଥାରେ ଟ୍ରମ୍ପ ଏହି ଶୁଳ୍କର ପରିମାଣକୁ ଆଉ ୫% ବଢ଼ାଇ ୧୫% କରି ଦେଇଛନ୍ତି । ଏହି ନିର୍ଦ୍ଦେଶକୁ କାର୍ଯ୍ୟକାରୀ କରିବା ପାଇଁ ପୂର୍ବରୁ କେବେ ବ୍ୟବହାର ହୋଇ ନଥିବା ଧାରା ୧୨୨କୁ ମଧ୍ୟ ସେ ବ୍ୟବହାର କରିଛନ୍ତି । ଏହି ଧାରାର ବ୍ୟବସ୍ଥା ଅନୁସାରେ ଆମେରିକାର ଯେକୌଣସି ରାଷ୍ଟ୍ରପତି ୧୫୦ ଦିନ ଯାଏ ବିଶ୍ୱର ସମସ୍ତ ରାଷ୍ଟ୍ର ଉପରେ ୧୫% ଯାଏ ଟାରିଫ ଲାଗୁ କରିପାରିବେ । ଏହାପରେ ଏହି ନିଷ୍ପତ୍ତିକୁ ଆମେରିକା ସଂସଦ ବା କଂଗ୍ରେସର ଅନୁମତି ଆବଶ୍ୟକ ପଡ଼ିବ । ଯଦି ସଂସଦ ଅନୁମତି ଦେଲା, ତା'ହେଲେ ରାଷ୍ଟ୍ରପତି ନେଇଥିବା ଟାରିଫ ବ୍ୟବସ୍ଥା ବଳବତ୍ତର ରହିବ । ଟ୍ରମ୍ପ ସେହି ଅନୁସାରେ ୧୫% ଟାରିଫ ଲଗାଇଛନ୍ତି । ଏହି ନିର୍ଦ୍ଦେଶ ଫେବୃଆରୀ ୨୪ରୁ କାର୍ଯ୍ୟକାରୀ ହେବ ।

# ଶୈବ ସଂସ୍କୃତିକୁ ଓଡ଼ିଶାର ଅନବଦ୍ୟ ଅବଦାନ-୨



ପବିତ୍ର ମୋହନ ବାରିକ
ଅଧ୍ୟାପକ, ଇତିହାସ ବିଭାଗ
ମଦନପୁର, ଖୋର୍ଦ୍ଧା
ମୋ-୮୮୯୫୧୯୦୪୭୫

ସପ୍ତମ ଶତାବ୍ଦୀର ପ୍ରଥମ ପାଦରେ ଗୌଡର ରାଜା ଶଶାଙ୍କ ଦେବଙ୍କ ପୃଷ୍ଠପୋଷକତାରେ ଶୈବଧର୍ମ ପୂର୍ବ ଭାରତରେ ବିସ୍ତାର ଲାଭ କରିଥିଲା । ଧାର୍ମିକ ପୁସ୍ତକ ଏକାମ୍ର ପୁରାଣ, ଏକାମ୍ର ଚନ୍ଦ୍ରିକା, କପିଳ ସଂହିତା ଓ ସ୍ୱର୍ଣ୍ଣାଦି ମହୋଦୟରେ ବର୍ଣ୍ଣିତ ଅଛି । ଏକାମ୍ର କ୍ଷେତ୍ରରେ ଶଶାଙ୍କ ଦେବ ତ୍ରିଭୂବନେଶ୍ୱର ମନ୍ଦିର ନିର୍ମାଣ କରି ତହିଁରେ ଶିବଲିଙ୍ଗ ସ୍ଥାପନ କରିଥିଲେ । ଏକାମ୍ର କ୍ଷେତ୍ର କ୍ରମେ ତ୍ରିଭୁନେଶ୍ୱରଙ୍କ ନାମାନୁସାରେ ଭୁବନେଶ୍ୱର ନାମରେ କଥିତ ହେଲା । ଉପରୋକ୍ତ ସଂସ୍କୃତ କାବ୍ୟ ଅଷ୍ଟାଦଶ କିମ୍ବା ଉନବିଂଶ ଶତାବ୍ଦୀରେ ରଚିତ ହୋଇଥିଲା ଏବଂ ସେତେବେଳ ପର୍ଯ୍ୟନ୍ତ ଭୁବନେଶ୍ୱର ଏକାମ୍ରକ୍ଷେତ୍ର ନାମରେ ପରିଚିତ ଥିଲା । ପ୍ରଖ୍ୟାତ ଐତିହାସିକ କୃଷ୍ଣଚନ୍ଦ୍ର ପାଣିଗ୍ରାହୀଙ୍କ ମତରେ ଶଶାଙ୍କ ଦେବଙ୍କ ଦ୍ୱାରା ନିର୍ମିତ ତ୍ରିଭୁବନେଶ୍ୱର ମନ୍ଦିରର ଭଗ୍ନାବଶେଷରେ ଦ୍ୱିତୀୟ ଯଯାତି ଶ୍ରୀଲିଙ୍ଗରାଜ ମନ୍ଦିର ନିର୍ମାଣ କରିଥିଲେ । ଅନ୍ୟ ପକ୍ଷରେ ପ୍ରସିଦ୍ଧ ଐତିହାସିକ ନବୀନ କୁମାର ସାହୁଙ୍କ ମତରେ ଭୌମକର ରାଣୀ ତ୍ରିଭୁବନ ମହାଦେବୀଙ୍କ ଦ୍ୱାରା ତ୍ରିଭୁବନେଶ୍ୱର ମନ୍ଦିର ନିର୍ମାଣ କରାଯାଇଥିଲା। ଶଶାଙ୍କ ଦେବଙ୍କ ପରେ କୋଙ୍ଗୋଦ ମଣ୍ଡଳରେ ଶୈଳୋଦଭବ ରାଜାମାନେ ଶୈବଧର୍ମର ଅଭିବୃଦ୍ଧି କରିଥିଲେ । ଭୁବନେଶ୍ୱରର ପରଶୁ ରାମେଶ୍ୱର, ଶତ୍ରୁଘ୍ନେଶ୍ୱର ମନ୍ଦିର,ଭରତେଶ୍ୱର ମନ୍ଦିର,ଲକ୍ଷ୍ମଣେଶ୍ୱର ମନ୍ଦିର ଓ ସ୍ୱର୍ଣ୍ଣ ଜଳେଶ୍ୱର ମନ୍ଦିର ପ୍ରଭୃତି ଏହି ସମୟରେ ନିର୍ମାଣ କରାଯାଇଥିଲା । ଶୈବଧର୍ମର ଦୁଇ ପ୍ରମୁଖ ସଂପ୍ରଦାୟ ପାଶୁପାତ ଓ ମ ମୟୁର । ମଧ୍ୟଯୁଗୀୟ ଓଡିଶାରେ ଏହା ପ୍ରସାର ଲାଭ କରିଥିଲା । ପାଶୁପତ ଖ୍ରୀଷ୍ଟୀୟ ପ୍ରଥମ-ଦ୍ୱିତୀୟ ଶତାବ୍ଦୀରେ ଲକୁଳୀଶଙ୍କ ଦ୍ୱାରା ପ୍ରତିଷ୍ଠିତ ହୋଇଥିଲା । ଶୈଳୋଦଭବ ରାଜତ୍ୱ ସମୟରେ ପାଶୁପାତ-ନକୁଳୀଶ ସଂପ୍ରଦାୟ ଓଡିଶାରେ ପ୍ରବେଶ କରିଥିଲା । ପାଶୁପାତ ସଂପ୍ରଦାୟର ପ୍ରତିଷ୍ଠାତା ଲକୁଳୀଶ କାୟା ରୋହାନରେ ଜନ୍ମଗ୍ରହଣ କରିଥିଲେ । ଯାହାକୁ ବରୋଦାର ବରଭାନ ସହିତ ଚିହ୍ନଟ କରାଯାଇଛି ।

ଭୁବନେଶ୍ୱରର ପ୍ରାଚୀନ ମନ୍ଦିରମାନଙ୍କରେ ଲକୁଳୀଶଙ୍କର ମୂର୍ତ୍ତିରୁ ଜଣାଯାଏ ଖ୍ରୀଷ୍ଟୀୟ ଷଷ୍ଠ-ସପ୍ତମ ଶତାବ୍ଦୀରେ ଏହି ସଂପ୍ରଦାୟ ଲୋକପ୍ରିୟତା ଅର୍ଜନ କରିଥିଲା । ଭରତେଶ୍ୱର ମନ୍ଦିର ସମ୍ମୁଖ ରାହାପଣରେ ଓ ପରଶୁ ରାମେଶ୍ୱର ମନ୍ଦିରର ଜଗମୋହନରେ ଲକୁଳୀଶଙ୍କ ମୂର୍ତ୍ତି ଖୋଦିତ ହୋଇଅଛି । ଯୋଗାସୀନ, ଧର୍ମପ୍ରବ ମୁଦ୍ରା, ଜଟାଜଟରୁ ଅନେକ ବିଦ୍ୱାନ ତାଙ୍କୁ ଭଗବାନ ବୁଦ୍ଧ ବୋଲି ବିବେଚନା କରନ୍ତି । କିନ୍ତୁ ସେ ଧରିଥିବା ଲଙ୍କୁଟରୁ ହିଁ ତାଙ୍କୁ ସେହି ମୂର୍ତ୍ତି ଲକୁଳୀଶ ବୋଲି ଜଣାଯାଏ । ଅନେକ ସ୍ଥାନରେ ଲକୁଳୀଶଙ୍କ ମୂର୍ତ୍ତି ପାର୍ଶ୍ୱରେ ତାଙ୍କର ଚାରି ଶିଷ୍ୟ କୁଶିକ, ଗର୍ଗ, ମିତ୍ର, କୌରୁଗ୍ୟଙ୍କ ମୂର୍ତ୍ତି ସ୍ଥାପିତ ହୋଇଅଛି । ପଶୁପାତ ସଂପ୍ରଦାୟର ଆଚାର୍ଯ୍ୟ ପରମ୍ପରାରେ ପରାସର ସପ୍ତମଗୁରୁ । କୃଷ୍ଣଚନ୍ଦ୍ର ପାଣିଗ୍ରାହୀଙ୍କ ମତରେ ପରଶୁରାମେଶ୍ୱର ମନ୍ଦିରରେ ପୂଜିତ ପାଶୁପତ ଆଚାର୍ଯ୍ୟଙ୍କ ନାମାନୁସାରେ ପରାଶର ମନ୍ଦିର ଥିଲା । ପରଶୁରାମେଶ୍ୱର ମନ୍ଦିରରେ ଅଷ୍ଟଭୂଜା ଶିବ ଅର୍ଦ୍ଧନାରୀଶ୍ୱର ମୂର୍ତ୍ତିରେ ବିଦ୍ୟମାନ। ମ ମୟୁର ଶୈବ ସଂପ୍ରଦାୟ ମଧ୍ୟ ପ୍ରଭୁତ୍ୱ ବିସ୍ତାର କରିଥିଲା। ମୟୁର ସଂପ୍ରଦାୟ ମଧ୍ୟପ୍ରଦେଶର ମୟୁର ନାମକ ସ୍ଥାନରେ ଶୈବାଚାର୍ଯ୍ୟ ପୁରନ୍ଦର ସ୍ୱାମୀଙ୍କ ଦ୍ୱାରା ସଂଗଠିତ ହୋଇଥିଲା । ମୟୁର ନାଥ ନାମରେ ପୁରନ୍ଦର ସ୍ୱାମୀ ଅଭିହିତ ଥିଲେ । ପୁରନ୍ଦର ସ୍ୱାମୀ ଏହି ସଂପ୍ରଦାୟର ପ୍ରତିଷ୍ଠାତା ନଥିଲେ । ସେଥିରେ ପ୍ରଥମ ଆଚାର୍ଯ୍ୟ, ତାଙ୍କ ପୂର୍ବରୁ ଯେଉଁ ଚାରି ଜଣ ଗୁରୁ ମୟୁର ସଂପ୍ରଦାୟର ଅଭିବୃଦ୍ଧିରେ ସହାୟକ ଥିଲେ, ସେମାନେ ହେଲେ କଦମ୍ବଗୃହାଧିବାସୀ, ଶଙ୍ଖମଠିକାଧିପତି, ତେରମ୍ବିପାଳ, ଅମର୍ଦ୍ଦକ, ତୀର୍ଥନାଥ ରୁଦ୍ରଶମ୍ଭୁ । ଏହିସବୁ ଅନୁଷ୍ଠାନମାନ ମଧ୍ୟପ୍ରଦେଶରେ ଥିଲା ବୋଲି ଐତିହାସିକମାନେ ମତବ୍ୟକ୍ତ କରନ୍ତି । କିନ୍ତୁ ଓଡିଶାର ଐତିହାସିକମାନେ କୁହନ୍ତି,ଏସବୁ ସ୍ଥାନ ଓଡ଼ିଶାରେ ଥିଲା ବୋଲି ଦାବି କରନ୍ତି । ପୁରୀର ପାତାଳେଶ୍ୱର ମନ୍ଦିର ଅଭିଲେଖରେ କଦମ୍ବଗିରି ଥିଲା କଦମ୍ବ ଗୃହ,ତେରମ୍ବି ଥିଲା ପଶ୍ଚିମ ଓଡିଶାର ତେମରା, ଓ ମୟୁରଭଞ୍ଜର ଅର୍ମଦା ଥିଲା ପ୍ରାଚୀନ ଅମର୍ଦ୍ଦକ । ପଶ୍ଚିମ ଓଡିଶାରେ ନବମ ଶତାବ୍ଦୀରେ ଗଗନ ଶିବଙ୍କର ଅଭ୍ୟୁଦୟ ଫଳରେ ମୟୁର ଧର୍ମ ଲୋକପ୍ରିୟ ହେଲା । ଗଗନ ଶିବ ବିଭିନ୍ନ ନାମରେ ପରିଚିତ ଥିଲେ । ଯଥା-ଗଗନେଶ, ବ୍ୟମଶିବ, ଶଶିମୌଳି ପ୍ରଭୃତି । ସେ ପଶ୍ଚିମ ଓଡିଶାର ବଲାଙ୍ଗୀର ଜିଲ୍ଲାର ଟିଟିଲାଗଡ ଉପଖଣ୍ଡରେ ଅବସ୍ଥିତ ଥିବା ରାଣୀପୁର ଝରିଆଲ ଠାରେ ସୋମେଶ୍ୱର ଶିବମନ୍ଦିର ନିର୍ମାଣ କରିଥିଲେ । ସେଠାରେ ଏକ ଅଭିଲେଖ ସେ ଉତକୀର୍ଣ୍ଣ କରିଥିଲେ ଏହି ଅଭିଲେଖରେ ସେ ନିଜକୁ ଉତ୍ତର ତେରମ୍ବ ଗୃହ ବିନିର୍ଗତ ବୋଲି ଉଲ୍ଲେଖ କରିଛନ୍ତି। ଗଗନଶିବ ସମ୍ଭବତ ସୋମବଂଶୀ ରାଜା ପ୍ରଥମ ଜନ୍ମେଜୟଙ୍କ ପୃଷ୍ଠପୋଷକତା ଲାଭକରି ରାଣୀପୁର ଝରିଆଲଠାରେ ଏକ ଶୈବବିହାର ନିର୍ମାଣ କଲେ। ତାହାପରେ ସେହି ସ୍ଥାନ ସୋମତୀର୍ଥ ଭାବେ ପ୍ରସିଦ୍ଧ ଲାଭ କଲା । ଗଗନଶିବ ଧର୍ମ ପ୍ରଚାର ନିମନ୍ତେ ଭାରତ ବର୍ଷର ବିଭିନ୍ନ ସ୍ଥାନ ପରିଭ୍ରମଣ କରିଥିଲେ। ପରିଶେଷରେ ସେ ମୟୁର ସଂପ୍ରଦାୟର ମୁଖ୍ୟ ପଦବୀରେ ଅଧିଷ୍ଠିତ ହୋଇ ଶେଷ ଜୀବନ ମଧ୍ୟ ପ୍ରଦେଶରେ କଟାଇଥିଲେ । ସେଠାରେ ତାଙ୍କ ଅନୁଷ୍ଠାନ ରାଣୀପ୍ରଦକ ସମ୍ଭବତ ଓଡ଼ିଶାର ମୂଳ ଅନୁଷ୍ଠାନ ରାଣୀପୁରର ନାମାନୁଯାୟୀ ଥିଲା । ଗଗନଶିବଙ୍କ ଉତ୍ତରାଧିକାରୀ ଥିଲେ । ତାଙ୍କର ପ୍ରଥମ ଶିଷ୍ୟ ପତଙ୍ଗଶମ୍ଭୁ । ହରିଭଦ୍ରଙ୍କର ଷଡ ଦର୍ଶନ ସମୁଦାୟରେ ଉଲ୍ଲେଖ ଅଛି ପାଶୁପତ ସଂପ୍ରଦାୟର ଶିବ ଜଟାଜଟ ମଣ୍ଡିତ, ଗଙ୍ଗା, ଫର୍ଗ, ଅର୍ଦ୍ଧଚନ୍ଦ୍ର, କପାଳମାଳା ଶୋଭିତ, ଭସ୍ମ ବିଭୁଷିତ, ପାର୍ବତୀଙ୍କ ସହିତ ସଂପୃକ୍ତ ନଥିଲେ । ମୟୁର ସଂପ୍ରଦାୟର ଆଚାର୍ଯ୍ୟ ପ୍ରବୋଧ ଶିବଙ୍କର ଚାନ୍ଦେହି ଅଭିଲେଖରେ ଫଣି, ଅମରନଦୀ ଗଙ୍ଗା ଓ କପାଳମାଳା ବିଭୁଷିତ ଶିବଙ୍କୁ ସ୍ତୁତି କରାଯାଇଛି। ସମ୍ଭବତ ଏହାହିଁ ଉଭୟ ସଂପ୍ରଦାୟ ମଧ୍ୟରେ ପ୍ରଭେଦ । ଶୈଳୋଦ୍‌ଭବ ରାଜବଂଶର ତାମ୍ରଶାସନରେ ଶିବ ମୟୁର ସଂପ୍ରଦାୟର ଈଶ୍ୱର ରୂପେ ବର୍ଣ୍ଣିତ । ମାତ୍ର ସେମାନଙ୍କ ଦ୍ୱାରା ନିର୍ମିତ ମନ୍ଦିରରେ ପାଶୁପତ ସଂପ୍ରଦାୟର ଲକୁଳୀଶଙ୍କ ମୂର୍ତ୍ତି ଦେଖାଯାଏ । ଓଡିଶାରେ ଶିବଙ୍କୁ କୌଣସି ସଂପ୍ରଦାୟରେ ବିଭକ୍ତ ନକରି ଶ୍ରଦ୍ଧାଳୁମାନେ ସାଧାରଣ ଭାବରେ ପୂଜାର୍ଚ୍ଚନା କରିଥାନ୍ତି । ଶୈବ ସଂପ୍ରଦାୟର ଦୁଇଗୋଷ୍ଠୀ ପାଶୁପତ ଓ ମୟୁର ମଧ୍ୟରେ କୌଣସି ବିବାଦ ନଥିଲା । ସେମାନେ କ୍ରମେ ମିଶିଯାଇଥିଲେ । (କ୍ରମଶଃ.... )

# ଯୀଶୁଙ୍କ ବାହୁ ପ୍ରସାରଣ ଓ ଭାରତୀୟ ଦର୍ଶନ



ମନୋରଞ୍ଜନ ମହାନ୍ତି
ଇଂରାଜୀ ପ୍ରାଧ୍ୟାପକ
(ଅବସରପ୍ରାପ୍ତ)
ଧର୍ମଶାଳା, ଯାଜପୁର
ମୋ-୯୮୫୩୨୮୨୯୬୨

ଫ୍ରାନ୍ସର ରାଜଧାନୀ ପ୍ୟାରିସ୍‌ର ମାର୍ତ୍ରେ ପାହାଡ଼ ଉପରେ 'ପବିତ୍ର ହୃଦୟର ଗୀର୍ଜା' 'ବାସିଲିକା ଅଫ୍ ସାକ୍ରେ କୋଏଉର୍' ଅବସ୍ଥିତ । ମାର୍ତ୍ରେ ହେଉଛି ପିଗାଲେର ପରବର୍ତ୍ତୀ ମେଟ୍ରୋଷ୍ଟପ୍ । ପିଗାଲେ ଏକ ଭ୍ରଷ୍ଟ ଅଂଚଳ ଯେଉଁଠି ରହିଛି ଯୌନ ବିପଣି । ଦୁଇଟି ସ୍ଥାନ ସାକ୍ରେ କୋଏଉର୍ ଓ ପିଗାଲେର ନିକଟତା ବା ସାମୀପ୍ୟ ହେଉଛି ଏକ ପ୍ରତୀକାତ୍ମକ ଅନୁସ୍ମାରକ ଯାହା ସୂଚାଇ ଦେଉଛି ପବିତ୍ର ଓ ଅପବିତ୍ରର ମିଳନ, ସନ୍ଥ ଓ ପାପୀ ପରସ୍ପରର ପଡ଼ୋଶୀ । 'ନୂଆ ବାଇଜା ଲାଇନ୍ ବାସିଲିକା'ର ଆନ୍ତରିକ ଭାଗରେ ରହିଛି ଏକ ଉଚ୍ଚ ମୋଜାଇକ୍ ରଚନା ଯେଉଁଥିରେ ଚିତ୍ରିତ ହୋଇଛନ୍ତି ଯୀଶୁଖ୍ରୀଷ୍ଟ, ତାଙ୍କର ବାହୁ ଦୁଇଟି ପ୍ରଲମ୍ବିତ, ସତେ ଯେପରି କେବଳ ତାଙ୍କର ଅନୁଗାମୀମାନଙ୍କୁ ନୁହଁ ସମଗ୍ର ମାନବଜାତିକୁ ସେ ଶ୍ରଦ୍ଧାରେ ଆଲିଙ୍ଗନ କରୁଛନ୍ତି, ଯେଉଁ ଶ୍ରଦ୍ଧାରେ ଧର୍ମ, ଜାତି ବା ଅନ୍ୟ କୌଣସିଟିର ସୀମା ନାହିଁ। ଆଧ୍ୟାତ୍ମିକତାରେ ଅନୁରାଗୀମାନେ ପ୍ୟାରିସ୍ ଗଲେ 'ସାକ୍ରେ କୋଏଉର୍'କୁ ପରିଦର୍ଶନ କରନ୍ତି ଆଭ୍ୟନ୍ତରୀଣ ଶାନ୍ତି ଓ ସମନ୍ୱୟ ପ୍ରାପ୍ତି ନିମିତ୍ତ । ଛୋଟ ପାହାଡ଼ଟିର ଶୀର୍ଷରେ, ଯେଉଁଠି ଏହା ଅବସ୍ଥିତ, ସେଠାରେ ପହଞ୍ଚିବା ପାଇଁ ୩୦୦ଟି ଢାଲୁଆ ପାହାଚ ଚଢ଼ିବାକୁ ପଡ଼େ । କିମ୍ବା ଗୋଟେ ରଜ୍ଜୁ-ରେଳ ବା ରଶିରେ ଚାଲୁଥିବା ଟ୍ରେନ୍‌ରେ ଗଲେ ମାତ୍ର ଗୋଟେ ମିନିଟ୍‌ରେ ସେଠି ପହଂଚିଯାଇ ହୁଏ । ଗୀର୍ଜାର ଅନ୍ତର୍ଦ୍ଦେଶରେ ଯୀଶୁଖ୍ରୀଷ୍ଟଙ୍କ ସାର୍ବଭୌମିକ ଆଶୀର୍ବାଦର ଆଭା ସ୍ପଷ୍ଟ ଅନୁଭବ କରିହୁଏ । ଯେଉଁମାନେ ପାଦରେ କଠିନ ଆରୋହଣ କରିବା ପରିବର୍ତ୍ତେ ରଜ୍ଜୁ-ରେଳରେ ଯାଇ ସେଠାରେ ପହଂଚନ୍ତି ସେମାନେ ନିଜର ତ୍ରୁଟି ବୁଝିପାରନ୍ତି ଅର୍ଥାତ୍ ଜୀବନରେ କିଛି କମ୍ ହେଲାଭଳି ଅନୁଭବ କରନ୍ତି । ସେମାନଙ୍କୁ ବୋଧହୁଏ ସତେ ଯେପରି ପାଦରେ ଚାଲିଚାଲି ଯାଇଥିଲେ 'ସାକ୍ରେ କୋଏଉର୍' ସେମାନଙ୍କ ଭିତରେ ଯେଉଁ ପୂର୍ଣ୍ଣ ସନ୍ତୋଷ ଓ ସମାପନର ଭାବ ସୃଷ୍ଟି କରିଥାଆନ୍ତା, ରଜ୍ଜୁ-ରେଳରେ ଯିବାଦ୍ୱାରା ତା'ର ମାତ୍ରା ହ୍ରାସ ପାଇଛି । ତୀର୍ଥଯାତ୍ରୀର ଆହ୍ୱାନଭରା ପଥ ହେଉଛି ବିଶ୍ୱାସର ଏକ ରୂପକ, ଯାହା ଧର୍ମରେ ହେଉ ବା ଅନ୍ୟ ସହିତ ସମ୍ବନ୍ଧରେ ହେଉ, ଶ୍ରଦ୍ଧାର ପରିପୂରକ, ଯେହେତୁ ତାହା ପ୍ରତିବଦ୍ଧତାର ନବୀକରଣ ଓ ଆସ୍ଥାର ପୁନଃପୁଷ୍ଟି ଆବଶ୍ୟକ କରେ । ବିଶ୍ୱାସ ଓ ଶ୍ରଦ୍ଧା ଗତିହୀନ, ସ୍ଥିର ନୁହେଁ, ଗତିଶୀଳ । ଆମର ଏକମାତ୍ର ବିଶ୍ୱାସ ହେଉଛି କରୁଣାର ବାର୍ତ୍ତାରେ, ଯାହା ଆମକୁ ପ୍ରଦତ୍ତ ହୋଇଛି ଖ୍ରୀଷ୍ଟ, ବୁଦ୍ଧ, ମହାବୀର, ନାନକ, କୃଷ୍ଣ, ମହମ୍ମଦଙ୍କଦ୍ୱାରା ।

ସମଗ୍ର ମାନବଜାତିକୁ ଶ୍ରଦ୍ଧାରେ ଆଲିଙ୍ଗନ କରୁଥିବାର ମୁଦ୍ରା ଅର୍ଥାତ୍ ଯୀଶୁଖ୍ରୀଷ୍ଟଙ୍କ ଦୁଇ ପ୍ରଲଂବିତ ବାହୁ ଆମକୁ ସ୍ମରଣ କରାଇଦେଉଛି ଭାରତୀୟ ଦର୍ଶନ, ସମଗ୍ର ବିଶ୍ୱ ସହିତ ଭାରତର ଆଦାନ ପ୍ରଦାନ । 'ରାମାୟଣ' କାହାଣୀ ଆଧାରିତ କଣ୍ଢେଇ ନାଚ, ତାମ୍‌ସା ଏବେବି ଜାଭାବାସୀଙ୍କର ମନୋରଂଜନ କରୁଛି, ଥାଇଲାଣ୍ଡର ସବୁଠୁ ପ୍ରସିଦ୍ଧ ରାଜ୍ୟର ନାମ 'ଅୟୁଥ୍ୟା', 'ମହାଭାରତ'ର ପ୍ରାଚୀନତମ ବିଷୟସୂଚୀ ଚୀନ୍‌ରେ ଆବିଷ୍କୃତ ହୋଇଛି, ନ୍ୟୁୟର୍କ୍ ଓ ଲଣ୍ଡନରେ ଯୋଗ-ଷ୍ଟୁଡିଓର ସଂଖ୍ୟା ଦ୍ରୁତ ବୃଦ୍ଧିପାଉଛି, ମିଶର ଓ ନାଇଜେରିଆର ଲୋକେ ବଲିଉଡ୍ ଚଳଚ୍ଚିତ୍ରକୁ ଜାଣୁଛନ୍ତି, ରାଧାକୃଷ୍ଣଙ୍କ ପ୍ରଶସ୍ତିସୂଚକ କୀର୍ତ୍ତନ ପଶ୍ଚିମ ଭର୍ଜିନିଆର ପାହାଡ଼ୀ ଇଲାକାକୁ ମୋହିତ କରୁଛି । ଯା'ର କାରଣ ହେଉଛି ଭାରତୀୟ ସେନା ଅଶ୍ୱଗତିରେ ଉତ୍ସାହଜନକ ତତ୍ପରତାର ସହିତ ମରୁଭୂମି ଓ ପର୍ବତକୁ ଅତିକ୍ରମ କରି କେଉଁ ଆଡ଼କୁ ଯାଇନାହାନ୍ତି, ସବୁଠାରୁ ଧନଶାଳୀ ସଂଗଠନମାନେ ଭାରତୀୟ ବିଚାର ଓ ପ୍ରଥାର ପ୍ରଚାର ପାଇଁ କୌଣସି ପ୍ରଚାରକ ବା ଶିକ୍ଷାନୁଷ୍ଠାନକୁ ଅର୍ଥ ଦେଇନାହାନ୍ତି, ପୃଥିବୀର ପ୍ରତ୍ୟେକ ହୋଟେଲ୍ ରୁମ୍‌ରେ ଭାରତୀୟ ମହାକାବ୍ୟ ଓ ଶାସ୍ତ୍ର ରଖିବାପାଇଁ ମଧ୍ୟ କେହି କାହାକୁ ଅର୍ଥ ଦେଇନାହାନ୍ତି । ଭାରତବର୍ଷର ଆତ୍ମା, ପ୍ରାଣ, ଭାବର ସାମ୍ରାଜ୍ୟବାଦ ହେଉଛି ଖୁବ୍ ସହନଶୀଳ, କିଂତୁ ଅନମନୀୟ, ଯାହା ହିଂସା ପରିବର୍ତ୍ତେ ସୌନ୍ଦର୍ଯ୍ୟ ଉପରେ, ମିଥ୍ୟା ଓ ପ୍ରଚାର ପରିବର୍ତ୍ତେ କବିତା ଓ କାହାଣୀ ଉପରେ ଭରସା ରଖିଛି । ସେହି ଦୃଷ୍ଟିରୁ ଶତାବ୍ଦୀ ଶତାବ୍ଦୀ ଧରି ଦରିଦ୍ରତା, ୧୯୪୭ ବର୍ଷରେ ରକ୍ତରଂଜିତ ଜନ୍ମ, ଆଂଚଳିକ ଆହ୍ୱାନଗୁଡ଼ିକ ସତ୍ତ୍ୱେ ଆପେକ୍ଷିକ ଦୁର୍ବଳତାର ସ୍ଥିତିରୁ ଊର୍ଦ୍ଧ୍ୱକୁ ଯାଇ ଆଧୁନିକ ଭାରତବର୍ଷ ଭୂମଣ୍ଡଳୀୟ, ସାର୍ବତ୍ରିକ, ବୈଶ୍ୱିକ ପ୍ରଭାବ ବିସ୍ତାର କରିଛି । ଭାରତର ଅସାଧାରଣ ସାଂସ୍କୃତିକ ଭେଦ୍ୟତା ବା ପ୍ରବେଶତା ସହିତ ରହିଛି ତା'ର ଅସାଧାରଣ ସାଂସ୍କୃତିକ ପ୍ରସାର । ଦେଶୀ ଭାଷାଗୁଡ଼ିକର ସାହିତ୍ୟ, ଅତୀତ ବର୍ଷଗୁଡ଼ିକର ସୌନ୍ଦର୍ଯ୍ୟଶାସ୍ତ୍ର, କଳାତ୍ମକ ଗଠନ, କାହାଣୀ, ମହାକାବ୍ୟ, ସଂଗୀତ ଓ କବିତାଗୁଡ଼ିକ ହେଉଛି ଭାରତର ଐତିହ୍ୟ ।

ଆଶ୍ଚର୍ଯ୍ୟଜନକ ସମାନତା ଲକ୍ଷ୍ୟ କରାଯାଇଛି, ଯେମିତି କୁରୁକ୍ଷେତ୍ର ଯୁଦ୍ଧ ପୂର୍ବରୁ ଅର୍ଜୁନ ଗୋଟିଏ ବର୍ଷ ଗୋପନବାସରେ ଥିଲେ ନାରୀ ବେଶରେ ଓ ଜଣେ ରଜାଙ୍କ ଝିଅକୁ ସଂଗୀତ ଶିକ୍ଷା ଦେଉଥିଲେ । ଟ୍ରୟ୍ ଯୁଦ୍ଧ ପୂର୍ବରୁ ଆକିଲସ୍ ନାରୀ ବେଶରେ ଥିଲେ ଜଣେ ରଜାଙ୍କ ଝିଅମାନଙ୍କ ମେଳରେ । ମହାଭାରତରେ କର୍ଣ୍ଣ ନିଜକୁ ୧୦ ଦିନ ଧରି ଯୁଦ୍ଧଠାରୁ ଦୂରେଇ ରଖିଥିଲେ । ଉଭୟ ଅର୍ଜୁନ ଓ ଆକିଲସ୍ ୧୨ଦିନ ଯୁଦ୍ଧଠାରୁ ଦୂରେଇ ରହିଥିଲେ । ଶ୍ରୀକୃଷ୍ଣ ଓ ଆକିଲସ୍‌ଙ୍କ ପାଦ ତୀରବିଦ୍ଧ ହେବାରୁ ଉଭୟ ଦେହତ୍ୟାଗ କଲେ । ସାହିତ୍ୟରେ ଆଶ୍ଚର୍ଯ୍ୟଜନକ ସମାନତା ସହିତ ରହିଛି ସମଗ୍ର ବିଶ୍ୱ ସହିତ ଭାରତର ଆଶ୍ଚର୍ଯ୍ୟଜନକ ଆଦାନପ୍ରଦାନ । ସମଗ୍ର ବିଶ୍ୱକୁ ଆଲିଙ୍ଗନ କରିବାରେ ଭାରତର ଆନ୍ତରିକତା, ଅନ୍ତରଂଗତା, ଆତ୍ମୀୟତା କେତେ ଉଚ୍ଚ ମାନର ସତରେ ! ବୋଧହେଉଛି ସତେ ଯେପରି ଯୀଶୁ ଦୁଇ ବାହୁକୁ ପ୍ରଲମ୍ବିତ କରି ବିଶ୍ୱକୁ ଆଲିଙ୍ଗନ କଲାଭଳି ଭାରତୀୟ ସଭ୍ୟତା ଅଗଣିତ ହସ୍ତ ପ୍ରସାରଣ କରି ବିଶ୍ୱକୁ ଆଲିଙ୍ଗନ କରୁଛି, ମହାଶୂନ୍ୟକୁ ଶ୍ରଦ୍ଧାର ସଂଖ୍ୟାହୀନ ତରଙ୍ଗରେ ପରିପୂର୍ଣ୍ଣ କରୁଛି ।

ସଦ୍‌ଗୁରୁ ଜାଗୀ ବାସୁଦେବ ଏକ ରଚନାରେ ଦର୍ଶାଇଛନ୍ତି, 'ଭାରତ' ଶବ୍ଦରେ 'ଭା' ହେଉଛି 'ଭାବ, 'ର' 'ରାଗ', 'ତ' 'ତାଳ'ର ପ୍ରତୀକ । 'ଭାବ'ର ଇଂରାଜୀ ଶବ୍ଦ ସେନ୍‌ସେସନ୍, ଅର୍ଥ ସମ୍ବେଦନା, ଯାହା ସମସ୍ତ ମାନବୀୟ ଅନୁଭୂତିର ଭିତ୍ତି । 'ରାଗ' ବା ଟ୍ୟୁନ୍ ଲକ୍ଷିତ ବା ସୂଚିତ କରେ ଧୁନ୍, ଯାହା ସମସ୍ତ ସୃଷ୍ଟିରେ ଅନ୍ତର୍ନିହିତ । 'ତାଳ'ର ଇଂରାଜୀ ଶବ୍ଦ ରିଦମ୍ । ଅସ୍ତିତ୍ୱର ନିଜସ୍ୱ ଜନ୍ମଜାତ, ସହଜ, ସ୍ୱାଭାବିକ ଧୁନ୍ ରହିଛି । ଏହି ଧୁନ୍‌ରେ ଗୋଟେ ତାଳ ପାଇବାକୁ ଶିକ୍ଷା କରିବା ହେଉଛି ମାନବୀୟ ଅନୁଭୂତିର ଆନନ୍ଦ ଓ ପ୍ରାଚୁର୍ଯ୍ୟକୁ ଅଧିକତମ କରିବାର ବାଟ । ତାହାହିଁ ହେଉଛି 'ଭାରତ' ଶବ୍ଦର ନିର୍ମଳ ସାରାଂଶ ବା ତତ୍ତ୍ୱ । ଏହି ଅନ୍ତର୍ଦୃଷ୍ଟି ହେଉଛି ବୋଧହୁଏ ବିଶ୍ୱକୁ ଆମର ସବୁଠାରୁ ଅନନ୍ୟ ଅବଦାନ । ଆମର ଆଧ୍ୟାତ୍ମିକ ସଂସ୍କୃତି ଏକତ୍ୱର ଅସ୍ତିତ୍ୱ ସମ୍ବନ୍ଧୀୟ ସତ୍ୟକୁ ବୁଝେ । ବିଶିଷ୍ଟତା (ଏକ୍‌ସ୍‌କ୍ଲୁସିଭିଟି)ର ଯୁଗ ସରିଯାଇଛି । ଆମେ ଏବେ ଅନ୍ତର୍ବେଶନ (ଇନ୍‌କ୍ଲୁସନ୍)ର ଯୁଗରେ ଅଛୁ, ଯାହା ହେଉଛି ମାନବ-ଇତିହାସରେ ଏକ କେନ୍ଦ୍ରୀୟ ମୁହୂର୍ତ୍ତ । ଏହି ନୂଆ ଯୁଗରେ ଆମେ ସମସ୍ତ ଜୀବଜଗତର ଏକତା ଓ ସଂଯୋଜକତାର ଅସ୍ତିତ୍ୱ ସମ୍ବନ୍ଧୀୟ ସତ୍ୟକୁ ଏକତ୍ର ପ୍ରତିଧ୍ୱନିତ କରିବାକୁ ଶିକ୍ଷାକରୁ । ସନାତନ ଧର୍ମ ହେଉଛି ଏକ ଚିରନ୍ତନ ନିୟମ ଓ ମାନବଜାତିକୁ ଭାରତର ମହତ ଅବଦାନ । ମହା ଅଖଣ୍ଡ ଭାରତ ହେଉଛି ସମଗ୍ର ବିଶ୍ୱକୁ ଏହି ଉପମହାଦେଶର ସମଗ୍ରତା (ଇନ୍‌କ୍ଲୁସିଭ୍‌ନେସ୍)ର ମହତ ଦୃଷ୍ଟିର ଗୋଟେ ଦାନ । ବ୍ୟକ୍ତିଗତ ଚୈତନ୍ୟକୁ ଭୌତିକ ଓ ପ୍ରାକୃତିକ ସୀମାର ଊର୍ଦ୍ଧ୍ୱକୁ, ସାମୂହିକ ଚୈତନ୍ୟକୁ ଜାତୀୟ ସୀମାର ଊର୍ଦ୍ଧ୍ୱକୁ ଉତ୍ତୋଳନ କରିବା ହେଉଛି ସେହି ମହତ ଦୃଷ୍ଟି । ଯେହେତୁ ୨୦୨୨ ବର୍ଷରେ ଭାରତ ଜି-୨୦ ବୈଠକରେ ଅଧକ୍ଷତା କରିଛି, ସେହି ଦୃଷ୍ଟିରୁ ଆମେ ପ୍ରଭୁତ୍ୱ, ପ୍ରବଳତା ନୁହଁ, ସମଗ୍ରତାର ଭିତ୍ତି ଉପରେ ପ୍ରତିଷ୍ଠିତ ବିଶ୍ୱ-ନେତୃତ୍ୱର ଏକ ନୂଆ ଆକାର ଏହି ପୃଥିବୀ ଗ୍ରହକୁ ଦେଇପାରିବାର ସ୍ଥିତିରେ ଅଛନ୍ତି । ଯୀଶୁ ଦୁଇ ବାହୁକୁ ପ୍ରସାରଣ କରି ବିଶ୍ୱକୁ ଆଲିଙ୍ଗନ କଲାଭଳି ଭାରତବର୍ଷ ସହନଶୀଳତା, ସହଯୋଗ, ଶାନ୍ତିପୂର୍ଣ୍ଣ ସହାବସ୍ଥାନ, ଶ୍ରଦ୍ଧାର ହସ୍ତ ପ୍ରସାରଣ କରି ବିଶ୍ୱକୁ ଆଲିଙ୍ଗନ କରୁଛି । ତାହାହିଁ ତ ଭାରତୀୟ ଦର୍ଶନ ।

# ୨୦୨୬ -୨୭ ଓଡ଼ିଶାର ଆର୍ଥିକ ବଜେଟ୍ କେତେ ଗ୍ରହଣୀୟ



ଡକ୍ଟର ଅମୂଲ୍ୟ କୁମାର ପଣ୍ଡା
ଅରଙ୍ଗାବାଦ, ବରୀ, ଯାଜପୁର
ମୋ - ୮୨୪୯୫୦୨୭୭୬

କାହା ପାଇଁ ରୋଷେଇ ଘରର ଚିନ୍ତା, ତ କାହା ପାଇଁ ନୂଆ ଚାକିରିର ଆଶା । କିଏ ଚାହୁଁଛି ଟିକସରୁ ମୁକ୍ତି, ତ କିଏ ଚାହୁଁଛି ବ୍ୟବସାୟ ପାଇଁ ସରକାରୀ ସାହାଯ୍ୟ । ଓଡ଼ିଶାର ଜନସାଧାରଣଙ୍କ ମନ ଭିତରେ ଏହି କଥା ଆନ୍ଦୋଳିତ କରୁଥିବା ବେଳେ ଓଡ଼ିଶାର ବିକାଶ ଧାରାକୁ ଆହୁରି ବେଗବାନ କରିବା ପାଇଁ ରାଜ୍ୟ ସରକାର ଆଜି ୩,୧୦,୦୦୦ କୋଟି ଟଙ୍କାର ଐତିହାସିକ ବଜେଟ୍ ଆଗତ କରିଛନ୍ତି । ଏହି ବଜେଟରେ ସାଧାରଣ ଜନତାଙ୍କ ଜୀବନଶୈଳୀରେ ଉନ୍ନତି ଆଣିବା ସହ ଓଡ଼ିଶାକୁ ଏକ ଆଧୁନିକ ଓ ସାଂସ୍କୃତିକ ହବ୍ ଭାବେ ଗଢ଼ିତୋଳିବାକୁ ଲକ୍ଷ୍ୟ ରଖାଯାଇଛି । ସରକାରଙ୍କ ୧୬ଟି ପ୍ରମୁଖ ନୂତନ ଯୋଜନା ଭିଭି ଜି ରାମ ଜୀ: ଏହି ବଡ଼ ପ୍ରକଳ୍ପ ପାଇଁ ୫,୫୭୫ କୋଟି ଟଙ୍କା ବ୍ୟୟବରାଦ ହୋଇଛି । ଦୁର୍ଗମ ଅଞ୍ଚଳରେ ଯୋଗାଯୋଗ ବ୍ୟବସ୍ଥା ସୁଦୃଢ଼ କରିବାକୁ ୧,୦୦୦ କୋଟି ଟଙ୍କାର ବ୍ୟବସ୍ଥା କରାଯାଇଛି । ସମୃଦ୍ଧ ଅଙ୍ଗନବାଡି ଯୋଜନା: ଶିଶୁ ଓ ମହିଳା କଲ୍ୟାଣ ପାଇଁ ୬୩୫ କୋଟି ଟଙ୍କା ଧାର୍ଯ୍ୟ ହୋଇଛି । ଶସ୍ୟ ସଂରକ୍ଷଣ ପାଇଁ ୱାର୍ଲଡ ଗ୍ରେନ୍ ଷ୍ଟୋରେଜ ପ୍ଲାନ୍ ୨୪୦ କୋଟି ଏବଂ ଚାଷୀଙ୍କ ସୁବିଧା ପାଇଁ ମଡେଲ ମଣ୍ଡି ୧୦୦ କୋଟି ପ୍ରତିଷ୍ଠା ହେବ । ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ଓଡ଼ିଶାକୁ ଆଗେଇ ନେବାକୁ ଷ୍ଟେଟ ଏ ଆଇ ମିସନ ୨୩ କୋଟି ଏବଂ ଷ୍ଟେଟ ଇନଷ୍ଟିଚ୍ୟୁଟ୍ ଅଫ୍ ଟ୍ରାନ୍ସଫରମେଟିଭ ଇନିସିଏଟିଭ ଆରମ୍ଭ ହେବ । ପୁରୀରେ ୱାର୍ଲଡ ଟୁରିଜିମ୍ ସେଣ୍ଟର ସହ ଜଗନ୍ନାଥ ଇଣ୍ଟରପ୍ରିଟେସନ ସେଣ୍ଟର ପ୍ରତିଷ୍ଠା ହେବ । ସେହିପରି ଡାଲଖାଇ ପାଇଁ ୨୨୦ କୋଟି ଏବଂ ଟୁରିଜିମ ଲାଣ୍ଡ ବ୍ୟାଙ୍କ ସ୍କିମ ପାଇଁ ୧୫୦ କୋଟି ଟଙ୍କା ରଖାଯାଇଛି । ମୁଖ୍ୟମନ୍ତ୍ରୀ କନ୍ୟା ସୁମଙ୍ଗଳ ଯୋଜନା, ସ୍ମାର୍ଟ ସିଟି ମିସନ ୧୦୦ କୋଟି, ରେଆର ଆର୍ଥ କରିଡର ୧୦ କୋଟି ଏବଂ ଫିଟ୍ ଓଡିଶା ମିସନ ୧୦ କୋଟି ଭଳି ଯୋଜନା ସାମିଲ ଅଛି ।

ବଜେଟର ଆର୍ଥିକ ଦିଗକୁ ଯଦି ବିଚାରକୁ ନେବା ତେବେ ମୋଟ ବଜେଟର ପ୍ରାୟ ୫୮% ଅର୍ଥାତ୍ ୧,୮୦,୦୦୦ କୋଟି ଟଙ୍କା କାର୍ଯ୍ୟକ୍ରମ ବ୍ୟୟ ପାଇଁ ଧାର୍ଯ୍ୟ କରାଯାଇଛି । ରାଜ୍ୟର ନିଜସ୍ୱ ଟିକସ ରାଜସ୍ୱରୁ ୭୦,୦୦୦ କୋଟି ଟଙ୍କା ଆସିବା ନେଇ ଆକଳନ କରାଯାଇଛି । ଏହି ବଜେଟ୍ କେବଳ ଏକ ଆର୍ଥିକ ଦଲିଲ୍ ନୁହେଁ, ବରଂ ଓଡ଼ିଶାର ସାଂସ୍କୃତିକ ଗୌରବ ଓ ଆଧୁନିକ ପ୍ରଗତିର ଏକ ସମନ୍ୱୟ । ଏହି ନୂତନ ପଦକ୍ଷେପଗୁଡ଼ିକ କାର୍ଯ୍ୟକାରୀ ହେଲେ ରାଜ୍ୟର କୋଣ ଅନୁକୋଣରେ ବିକାଶର ପହଞ୍ଚିପାରିବ । ୨୦୨୫-୨୬ ଆର୍ଥିକ ବର୍ଷରେ ସେ ୨,୯୦,୦୦୦ କୋଟି ଟଙ୍କାର ବଜେଟ୍ ଉପସ୍ଥାପନ କରିଥିଲେ । ଏଥର ବଜେଟ୍ ପରିମାଣ ୩ ଲକ୍ଷ ୧୦ ହଜାର କୋଟି ପାଖାପାଖି ଛୁଇଁପାରେ । କିନ୍ତୁ ସଠିକ ସମୟରେ ବଜେଟ୍ ଅର୍ଥ ଖର୍ଚ୍ଚ ନ ହେବ ବଡ଼ ସମସ୍ୟା ହୋଇ ଉଭା ହୋଇଛି । ଏହାସହ ଋଣଭାର ବି ବଢୁଛି । ୨୦୨୫-୨୬ ରେ ପ୍ରାଶାସନିକ ଖର୍ଚ୍ଚ ୧ ଲକ୍ଷ ୦୮ ହଜାର ଥିବାବେଳେ ୨୦୨୬-୨୭ ଆର୍ଥିକ ବର୍ଷର ବଜେଟରେ ପ୍ରାଶାସନିକ ବ୍ୟୟ ପାଇଁ ୧ ଲକ୍ଷ ୧୪ହଜାର କୋଟି ରଖାଯାଇଛି । ଗତ ଆର୍ଥିକ ବର୍ଷରେ କାର୍ଯ୍ୟକ୍ରମ ବ୍ୟୟ ନେଇ ୧ ଲକ୍ଷ ୭୦ ହଜାର ବ୍ୟୟ ଅଟକଳ କରାଯାଇଥିବା ବେଳେ, ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ କାର୍ଯ୍ୟକ୍ରମ ଖର୍ଚ୍ଚ ୧ ଲକ୍ଷ ୮୦ ହଜାର କୋଟି ବ୍ୟୟ ଅଟକଳ କରାଯାଇଛି । ଗତବର୍ଷ ତୁଳନାରେ ୬.୯% ବଜେଟ ବୃଦ୍ଧି କରାଯାଇଛି । ନିଜସ୍ୱ ଟିକସ ରାଜସ୍ୱ ୨୦୨୫-୨୬ ରେ ୬୬ ହଜାର ଥିବାବେଳେ ୨୦୨୬-୨୭ ଆର୍ଥିକ ବର୍ଷରେ ୭୦ହଜାର ରହିଛି ଯାହା ୨୩% । ରାଜ୍ୟର ନିଜସ୍ୱ ଟିକସ ୨୦୨୫-୨୬ ରେ ୧ ଲକ୍ଷ ୨୬ହଜାର ଥିବାବେଳେ ଚଳିତ ଆର୍ଥିକ ବର୍ଷରେ ଏହା ୧ ଲକ୍ଷ ୪୧ ହଜାର କୁ ବୃଦ୍ଧି ପାଇଛି ।

ଏଥର ବଜେଟ୍ ରେ କେନ୍ଦ୍ରୀୟ ଅନୁଦାନ କମିଛି । ଗତ ୨୦୨୫-୨୬ ଆର୍ଥିକ ବର୍ଷରେ ୪୧,୫୯୨ କୋଟି କେନ୍ଦ୍ରୀୟ ଅନୁଦାନ ମିଳିଥିବା ବେଳେ ଚଳିତ ଆର୍ଥିକ ବର୍ଷରେ ଏହା କମିକି ୪୦,୦୪୦ କୋଟି ରହିଛି । ଗତ ୨୦୨୫-୨୬ ଆର୍ଥିକ ବର୍ଷରେ ମୋଟ ରାଜସ୍ୱ ଆୟ ୨ ଲକ୍ଷ ୩୨ ହଜାର ଥିବାବେଳେ ୨୦୨୬-୨୭.ଆର୍ଥିକ ବର୍ଷରେ ୨ ଲକ୍ଷ ୪୮,୫୦୦ ରେ ରହିଛି ।ଏଥର ବଜେଟ୍ ରେ ସରକାରୀ ଋଣ ବୃଦ୍ଧି ପାଇଛି । ଗତ ୨୦୨୫-୨୬ ଆର୍ଥିକ ବର୍ଷରେ ୪୭,୪୦୦ ଥିବାବେଳେ ୨୦୨୬-୨୭ ଆର୍ଥିକ ବର୍ଷରେ ୫୭,୮୦୦କୁ ବୃଦ୍ଧି ପାଇଛି । ମୋଟ ପୁଞ୍ଜି ଆୟ କୁ ଅନୁଧ୍ୟାନ କଲେ, ଗତ ୨୦୨୫-୨୬ ଆର୍ଥିକ ବର୍ଷ ରେ ମୋଟ ପୁଞ୍ଜି ଆୟ ୫୮୦୦୦ ଥିବାବେଳେ ୨୦୨୬-୨୭ ଆର୍ଥିକ ବର୍ଷରେ ଏହା ୬୧,୫୦୦ କୁ ବୃଦ୍ଧି ପାଇଛି । ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ମୋହନ ଚରଣ ମାଝୀ ବଜେଟ ଉପସ୍ଥାପନ କରି କହିଛନ୍ତି ଯେ, ବର୍ତ୍ତମାନ ମୁଁ ଆର୍ଥିକ ବର୍ଷ ୨୦୨୬-୨୭ ପାଇଁ ୩ ଲକ୍ଷ ୧୦ ହଜାର କୋଟି ଟଙ୍କାର ବଜେଟ୍ ଆକଳନର ପ୍ରସ୍ତାବ ଦେଉଛି । ଆର୍ଥିକ ବର୍ଷ ୨୦୨୬-୨୭ ବଜେଟ୍ ଆକଳନରେ କାର୍ଯ୍ୟକ୍ରମ ବଜେଟର ପରିମାଣକୁ ୧ ଲକ୍ଷ ୮୦ ହଜାର କୋଟି ଟଙ୍କାକୁ ବୃଦ୍ଧି କରିବାକୁ ମୁଁ ପ୍ରସ୍ତାବ ଦେଉଛି, ଯାହା ମୋଟ ବଜେଟ୍ ଆକଳନର ପ୍ରାୟ ୫୮ ପ୍ରତିଶତ ଅଟେ । ଚଳିତ ବଜେଟରେ ୭୨ ହଜାର ୧ ଶହ କୋଟି ଟଙ୍କାର ପୁଞ୍ଜି ବ୍ୟୟବରାଦ ଆକଳନ ସମଗ୍ର ରାଜ୍ୟ ଘରୋଇ ଉତ୍ପାଦର ୬.୫ ପ୍ରତିଶତ ଏବଂ ରାଜ୍ୟ ବଜେଟ ଆକଳନର ୨୩.୩ ପ୍ରତିଶତ ଅଟେ, ଯାହା ଦେଶର ସମସ୍ତ ପ୍ରମୁଖ ରାଜ୍ୟ ମଧ୍ୟରେ ସର୍ବାଧିକ । ଆର୍ଥିକ ବର୍ଷ ୨୦୨୬-୨୭ ପାଇଁ ପ୍ରଶାସନିକ ବ୍ୟୟ ବରାଦକୁ ୧ ଲକ୍ଷ ୧୪ ହଜାର କୋଟି ଟଙ୍କାର ପ୍ରସ୍ତାବ ରହିଛି । ବିପର୍ଯ୍ୟୟ ବିପରି ପରିଚାଳନା ପାଣ୍ଠି ପାଇଁ ୫ ହଜାର ୩ ଶହ ୭୫ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି । ରାଜ୍ୟରୁ ହସ୍ତାନ୍ତର ପାଇଁ ୧୦ ହଜାର ୬ ଶହ ୨୫ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି । ଷୋଡଶ କେନ୍ଦ୍ର ଅର୍ଥ ଆୟୋଗଙ୍କ ସୁପାରିସ କ୍ରମେ ୩ ହଜାର ୫୬ କୋଟି ଟଙ୍କା ଏବଂ ଷଷ୍ଠ ରାଜ୍ୟ ଅର୍ଥ ଆୟୋଗଙ୍କ ସୁପାରିସ କ୍ରମେ ପ୍ରାୟ ୭ ହଜାର ୪ ଶହ ୫୦ କୋଟି ଟଙ୍କା ମିଳିବ । ଏଥର ଗ୍ରାମାଞ୍ଚଳ ବିକାଶ ପାଇଁ ୪୪,୩୦୯ କୋଟି ଟଙ୍କା, ସହରାଞ୍ଚଳ ବିକାଶ ପାଇଁ ୧୦,୭୩୮ କୋଟି ଟଙ୍କା, ସାମାଜିକ ସୁରକ୍ଷା ପାଇଁ ୨୫,୨୦୮ କୋଟି ଟଙ୍କା ବ୍ୟୟ ବରାଦ ହୋଇଛି ।

ଏଥର ବଜେଟରେ ହଟିଲା ପୁରୁଣା ପଦ୍ଧତି ଆଉ କାହା ମୃତ୍ୟୁ ପାଇଁ ଅପେକ୍ଷା କରିବାକୁ ପଡ଼ିବନି, ସବୁ ଯୋଗ୍ୟ ହିତାଧିକାରୀଙ୍କୁ ଏବେ ୬୦ ବର୍ଷ ପରେ ମିଳିବ ସାମାଜିକ ସୁରକ୍ଷା ଭତ୍ତା । ରାଜ୍ୟରେ ଏବେ ପ୍ରାୟ ୬ ଲକ୍ଷ ଲୋକଙ୍କୁ ୩,୫୦୦ ଟଙ୍କା ମାସିକ ଭତ୍ତା ମିଳୁଛି । ଅପେକ୍ଷାରେ ଥିବା ଏହି ବର୍ଗର ସମସ୍ତ ଲୋକଙ୍କୁ ମିଳିବ ମାସିକ ୩,୫୦୦ ପେନସନ୍ । ୮୦ ବର୍ଷରୁ ଊର୍ଦ୍ଧ୍ୱ ଓ ୮୦ ପ୍ରତିଶତରୁ ଊର୍ଦ୍ଧ୍ୱ ଭିନ୍ନକ୍ଷମଙ୍କୁ ଏହି ସୁବିଧା ମିଳିବ ବୋଲି ବଜେଟ ଉପସ୍ଥାପନ ବେଳେ ଉଲ୍ଲେଖ କରିଥିଲେ ମୁଖ୍ୟମନ୍ତ୍ରୀ । ତେବେ ରାଜ୍ୟରେ ପୂର୍ବରୁ ଘୋଷଣା କରାଯାଇଥିବା ୬୦ ବର୍ଷରୁ ୮୦ ବର୍ଷ ମଧ୍ୟରେ ପାଉଥିବା ବାର୍ଦ୍ଧକ୍ୟ ଭତ୍ତାରେ କିଛି ଘୋଷଣା ନାହିଁ । ପୂର୍ବରୁ ସରକାର ଯେଉଁ କହିଥିଲେ ସେମାନଙ୍କୁ ୩୦୦୦ ଟଙ୍କା ଭତ୍ତା ଦେବା ପାଇଁ ତାହା ବିଷୟରେ କିଛି ଘୋଷଣା ହେଲା ନାହିଁ ଯାହା ଅପେକ୍ଷା କରିଥିବା ଲକ୍ଷ ଲକ୍ଷ ଭତ୍ତା ହିତାଧିକାରୀଙ୍କ ଆଶା ନିରାଶାରେ ପରିଣତ ହୋଇଛି । ସେହିପରି ବିରଳ ଖଣିଜ ଯୋଜନା ପାଇଁ ୧୦ କୋଟି ବ୍ୟୟ ବରାଦ ହୋଇଛି । ବିଶ୍ୱର ସର୍ବବୃହତ ଶସ୍ୟ ଗଚ୍ଛିତ ଯୋଜନାରେ ୨୪୦ କୋଟି ଖର୍ଚ୍ଚ ହେବ । ଏଥର ମୋଟ ଋଣ ଭାର ୧,୫୫୭୧୦ କୋଟି, ମୋଟ ଋଣଭାର ଓ ଘରୋଇ ଉତ୍ପାଦର ଅନୁପାତ ୧୪.୧% । ଏଥର ବିତ୍ତୀୟ ନିଅଣ୍ଟ ୩୮,୮୦୦ କୋଟି, ରାଜ୍ୟର ସକଳ ଉତ୍ପାଦର ୩.୫% । ଏଥର ସୁଧ ଦେୟ ୮୨ ୦୦୦ କୋଟି ଟଙ୍କା ଓ ରାଜସ୍ୱ ଆୟର ଅନୁପାତ ୩.୩% । ଏଥର ମୁଣ୍ଡ ପିଛା ଋଣ ଭାର ହେଉଛି ୨୭,୬୨୫ ଟଙ୍କା । ତେବେ ବଜେଟରେ ଆଉ କିଛି ଗୁରୁତ୍ୱପୂର୍ଣ୍ଣ ଘୋଷଣା ହେଲା ମୁଖ୍ୟମନ୍ତ୍ରୀ କନ୍ୟା ସୁମଙ୍ଗଳ ଯୋଜନା ଶୁଭାରମ୍ଭ, ସମୃଦ୍ଧ ଅଙ୍ଗନବାଡ଼ି ଯୋଜନା ପାଇଁ ୬୩୫ କୋଟି ।

ବଜେଟ୍‌ରେ ଶ୍ରୀମନ୍ଦିରକୁ ନେଇ ବଡ଼ ଘୋଷଣା ମଧ୍ୟ କରାଯାଇଛି । ଶ୍ରୀଜଗନ୍ନାଥ ସଂଗ୍ରହାଳୟ, ପାଠାଗାର ପାଇଁ ୧୦୦୦ କୋଟି । ଅନଲାଇନ ପ୍ଲାଟଫର୍ମରେ ଡିଜିଟାଲ ହୁଣ୍ଡି, ୧୦୦ ମଡେଲ୍ ମଣ୍ଡି ପାଇଁ ୧୦୦ କୋଟି, ମୁଖ୍ୟମନ୍ତ୍ରୀ ସ୍ମାର୍ଟ ଯୋଜନାରେ ୧୦୦ କୋଟି, ବିଶ୍ୱର ସର୍ବ ବୃହତ୍ ଶସ୍ୟ ଗଚ୍ଛିତ ଯୋଜନାରେ ୨୪୦ କୋଟି, ରେଆର ଆର୍ଥ ପାଇଁ ୧୦ କୋଟି,. ଫିଟ୍ ଓଡିଶା ମିଶନ ପାଇଁ ୧୦ କୋଟି, ଡାଲଖାଇ ଯୋଜନା ପାଇଁ ୨୨୦ କୋଟି, ବେଙ୍ଗାଲୁରୁରେ ଓଡ଼ିଶା ଭବନ ନିର୍ମାଣ ପାଇଁ ୧୩ କୋଟି ବ୍ୟୟ ବରାଦ ହୋଇଛି ।

*Printed & Published by* **Basanti Roy** on behalf of **Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.**
Editor : **Jayasish Roy** E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ





# ଡାହାଣୀ ସନ୍ଦେହରେ ନିର୍ଦ୍ଦୋଶ ବ୍ୟକ୍ତିଙ୍କୁ ନିର୍ଯାତନା



**କଟକ, ନ୍ୟୁଜ୍ ବ୍ୟୁରୋ**

ଡାହାଣୀ ସନ୍ଦେହରେ ଘଟୁଥିବା ନିର୍ଯାତନା ଭଳି ଅମାନବିକ କୁପ୍ରଥାକୁ ରୋକିବା ଓ ସମାଜରେ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସଦ୍‌ଭାବନା କକ୍ଷ ଠାରେ ଅତିରିକ୍ତ ଜିଲ୍ଲାପାଳ ଡଃ ଇପ୍ସିତା ପ୍ରିୟଦର୍ଶିନୀ ମିଶ୍ରଙ୍କ ଅଧ୍ୟକ୍ଷତାରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଡାହାଣୀ ସନ୍ଦେହ ନାମରେ ନିର୍ଦ୍ଦୋଷ ବ୍ୟକ୍ତି, ବିଶେଷ କରି ନାରୀ ନିର୍ଯାତନା, ସାମାଜିକ ବହିଷ୍କାର ଓ ହିଂସା, ହତ୍ୟା ଭଳି ଅମାନୁଷିକ କାଣ୍ଡ ରୋକିବା ପାଇଁ ଏହା ଏକ ସୁନ୍ଦର ପଦକ୍ଷେପ ଏବଂ ଜିଲ୍ଲା ପ୍ରଶାସନ ସମ୍ପୂର୍ଣ୍ଣ ଭାବେ ଏହାର ମୂଳୋତ୍ପାଟନ କରିବାକୁ ଚେଷ୍ଟା ଜାରି ରଖିଛି ବୋଲି ସେ ମତବ୍ୟକ୍ତ କରିଥିଲେ। ଡାହାଣୀ ଏକ ଭ୍ରାନ୍ତଧାରଣା, ବହୁ ଚରିତ୍ର ସ୍ୱଭାବ ଭଳି ଏହା ଏକ ମାନସିକ ରୋଗ, ଗୁଣିଆ ପାଖକୁ ନଯାଇ ମାନସିକ ରୋଗ ବିଶେଷଜ୍ଞଙ୍କ ପାଖକୁ ଯିବାକୁ କର୍ମଶାଳାରେ ଯୋଗଦେଇ ବିଶେଷଜ୍ଞ ଦେବେନ୍ଦ୍ର ସୁତାର ପରାମର୍ଶ ଦେବା ସହ ବିଭିନ୍ନ ଅଞ୍ଚଳରେ ଘଟିଥିବା ଡାହାଣୀ ସନ୍ଦେହ ଘଟଣା ସମ୍ପର୍କରେ ନିଜର ଅଭିଜ୍ଞତା ବ୍ୟାଖା କରିଥିଲେ । ବିଶେଷଜ୍ଞ ଶର୍ମିଷ୍ଠା ନାଥ ଯୋଗଦେଇ କହିଥିଲେ, ଯଦିଓ ବିଜ୍ଞାନ ଯୁଗରେ ଆମେ ବଞ୍ଚୁଛନ୍ତି ତଥାପି ଡାହାଣୀ ସନ୍ଦେହ ଭଳି କୁପ୍ରଥା ଏବେ ଯାଏ ସମ୍ପୂର୍ଣ୍ଣ ଭାବେ ସମାଜରୁ ଦୂର ହୋଇନାହିଁ । ଏହା ଏକ ପ୍ରକାର ଘରୋଇ ହିଂସା, ଏହା ଘର ଠାରୁ ଆରମ୍ଭ ହୋଇ ସମାଜକୁ ବ୍ୟାପିଛି ତେଣୁ ଏନେଇ ନିଜ ପରିବାରରୁ ହିଁ ସଚେତନତା ଆରମ୍ଭ ହେବା ଆବଶ୍ୟକ। ଡିଏସ୍‌ପି ସୁନୀଲ କୁମାର ବେହେରା ଓଡ଼ିଶା ଡାହାଣୀ ଶିକାର ନିରାକରଣ ଆଇନ୍ ୨୦୧୩ ସମ୍ପର୍କରେ ଆଲୋଚନା କରିବା ସହ ବିଭିନ୍ନ ଆଇନ୍‌ଗତ ଦଣ୍ଡବିଧାନ ସମ୍ପର୍କରେ ଅଂଶଗ୍ରହଣକାରୀଙ୍କୁ ଅବଗତ କରାଇଥିଲେ । ଡାହାଣୀ ସନ୍ଦେହ ଦ୍ୱାରା ଜଣେ ନାଗରିକର ୩ଟି ମୌଳିକ ଅଧିକାର କ୍ଷୁର୍ଣ୍ଣ ହୋଇଥାଏ, ତାହା ହେଉଛି ଧାରା-୧୫ ଲିଙ୍ଗଗତ ଭେଦଭାବ, ଧାରା-୧୪ ଆଇନ୍‌ଗତ ଅଧିକାର କ୍ଷୁର୍ଣ୍ଣ ଏବଂ ଧାରା-୨୧ ସମାଜରେ ସମ୍ମାନର ସହିତ ବଞ୍ଚିବାର ଅଧିକାର । ଡାହାଣୀ ଭଳି କୁପ୍ରଥାକୁ ସମ୍ପୂର୍ଣ୍ଣ ରୂପେ ବନ୍ଦ କରିବାକୁ କର୍ମଶାଳାରେ ଆହ୍ୱାନ୍ ଦିଆଯାଇଥିଲା । ଏହି ଅବସରରେ ବିଭିନ୍ନ ବ୍ଲକରୁ ଆସିଥିବା ଅଙ୍ଗନବାଡି କର୍ମୀ, ଆଶା, ସରପଞ୍ଚ, କିଶୋରୀ ବାଳିକା, ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତା ଓ ବିଶେଷଜ୍ଞ ମାନଙ୍କ ମଧ୍ୟରେ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । କର୍ମଶାଳାରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ରଶ୍ମିତା ମହାନ୍ତି, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ମୋନାଲିସା ଧଳ ଓ ଜିଲ୍ଲା ସମାଜ ମଙ୍ଗଳ କାର୍ଯ୍ୟାଳୟର କର୍ମକର୍ତ୍ତା ମାନେ ଉପସ୍ଥିତ ଥିଲେ । ଅତିରିକ୍ତ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ବବିତା ଜେନା ଧନ୍ୟବାଦ ଅର୍ପଣ କରିଥିଲେ ।

# ବର୍ଷେ ହେଲା ବସିଛି ଟାୱାର:ହେଲେ ମିଳୁନି ନେଟ୍‌ୱର୍କ ସେବା

**ରାଇରଙ୍ଗପୁର, ନ୍ୟୁଜ୍ ବ୍ୟୁରୋ**

ଡିଜିଟାଲ୍ ଇଣ୍ଡିଆର ନାରା ଭିତରେ ଆଜି ବି ଯୋଗାଯୋଗ ସହ ବିଚ୍ଛିନ୍ନ ଅଛନ୍ତି ମୟୁରଭଞ୍ଜ ଜିଲ୍ଲା ବହଳଦା ବ୍ଲକର ଅନେକ ଗ୍ରାମବାସୀ। ବହଳଦା ବ୍ଲକ ଅନ୍ତର୍ଗତ ଅସନା ଗ୍ରାମପଞ୍ଚାୟତର ଦେଉରାଇଡ଼ିହି ଗ୍ରାମରେ ବିଏସ୍‌ଏନ୍‌ଏଲ୍ ପକ୍ଷରୁ ଏକ ମୋବାଇଲ୍ ଟାୱାର ପ୍ରତିଷ୍ଠା କରାଯାଇଥିଲେ ହେଁ, ଦୀର୍ଘ ଏକ ବର୍ଷ ବିତିଯାଇଥିଲେ ମଧ୍ୟ ଏହା କାର୍ଯ୍ୟକ୍ଷମ ହୋଇପାରିନାହିଁ। ଟାୱାରଟି କେବଳ ଏକ ଲୁହା ଖୁଣ୍ଟ ଭଳି ଛିଡ଼ା ହୋଇ ରହିଥିବା ବେଳେ ପ୍ରଶାସନ ଓ ବିଭାଗୀୟ ଉଦାସୀନତା ଯୋଗୁ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ସୂଚନାଯୋଗ୍ୟ ଯେ, ମୟୁରଭଞ୍ଜ ଜିଲ୍ଲା ବହଳଦା ବ୍ଲକ ଅସନା ଗ୍ରାମପଞ୍ଚାୟତ ଅନ୍ତର୍ଗତ ଦେଉରାଇଡ଼ିହି ଗ୍ରାମରେ ବିଏସ୍‌ଏନ୍‌ଏଲ୍ ଟାୱାର ନିର୍ମାଣ ପରେ ଆଖପାଖ ଅଞ୍ଚଳ ପଟକାଡ଼ିହି, ସାଗଯୋଡ଼ି, ଟାଙ୍ଗରଯୋଡ଼ା, ଫଟାଟାଙ୍ଗର, ବୁରୁସାହି, ଭାଲୁଗଡା ଭଳି ଅନେକ ଗ୍ରାମର ହଜାର ହଜାର ଲୋକେ ମୋବାଇଲ ସେବା ପାଇବା ନେଇ ଆଶା ବାନ୍ଧିଥିଲେ। କିନ୍ତୁ ବର୍ଷେ ପରେ ବି ଟାୱାରରେ ଯନ୍ତ୍ରାଂଶ ଲାଗି ନପାରିବା କିମ୍ବା ସଂଯୋଗୀକରଣ ହୋଇନପାରିବା କାରଣରୁ ଏବେବି ଲୋକେ ନେଟ୍‌ୱର୍କ ପାଇଁ ଡହଳବିକଳ ହେଉଛନ୍ତି। ଆଜିକାଲି ସବୁକିଛି ଅନ୍‌ଲାଇନ୍ ମାଧ୍ୟମରେ ହେଉଥିବା ବେଳେ ନେଟ୍‌ୱର୍କ ଅଭାବରୁ ଛାତ୍ରଛାତ୍ରୀମାନେ ପାଠପଢ଼ାରେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଜରୁରୀକାଳୀନ ପରିସ୍ଥିତିରେ ଆମ୍ବୁଲାନ୍ସଟିଏ ଡାକିବାକୁ ହେଲେ କିମ୍ବା କୌଣସି ସରକାରୀ ଯୋଜନାର ଲାଭ ଉଠାଇବାକୁ ହେଲେ ଗ୍ରାମବାସୀଙ୍କୁ ନେଟ୍‌ୱର୍କ ଖୋଜି ଖୋଜି ଉଚ୍ଚ ସ୍ଥାନ ବା ପାହାଡ଼ ପାଖକୁ ଯିବାକୁ ପଡୁଛି। ଟାୱାର୍ ବସିଲା ବେଳେ ଆମେ ଖୁସି ଥିଲୁ, ହେଲେ ଏବେ ଏହା କେବଳ ଏକ ପ୍ରହସନ ପାଲଟିଛି ବୋଲି ସ୍ଥାନୀୟ ବାସିନ୍ଦା କ୍ଷୋଭର ସହ ପ୍ରକାଶ କରିଛନ୍ତି। ଟାୱାର୍ କାମ କେବେ ଶେଷ ହେବ ଏବଂ କେବେ ଏହା କାର୍ଯ୍ୟକ୍ଷମ ହେବ ସେନେଇ କୌଣସି ସ୍ପଷ୍ଟ ସୂଚନା ମିଳୁନାହିଁ। ପ୍ରଶାସନର ଉଦାସୀନତା ଯୋଗୁଁ ସାଧାରଣ ଲୋକେ ମୌଳିକ ସୂଚନା ଓ ଯୋଗାଯୋଗ ସେବାରୁ ବଞ୍ଚିତ ହେଉଛନ୍ତି। ବିଏସ୍‌ଏନ୍‌ଏଲ୍ କର୍ତ୍ତୃପକ୍ଷ ଓ ସ୍ଥାନୀୟ ପ୍ରଶାସନ ଏଥିପ୍ରତି ତୁରନ୍ତ ଧ୍ୟାନ ଦେବାକୁ ସାଧାରଣରେ ଦାବି ହୋଇଛି।



# ୭ ଜୁଏଲାରୀ ଦୋକାନ ଉପରେ କାର୍ଯ୍ୟାନୁଷ୍ଠାନ

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ମାପରେ ଠକୁଛନ୍ତି ସୁନା ଦୋକାନୀ। ମାପରେ ତ୍ରୁଟି ପାଇଁ ଗୋଟିଏ ବର୍ଷରେ ୭ ଜୁଏଲାରୀ ଦୋକାନ ଉପରେ ହୋଇଛି ଆକ୍ସନ୍। ଆଦାୟ ହୋଇଛି ୮୦ ହଜାର ଜରିମାନା। ଏଥିରେ ବହୁ ବଡ଼ ବଡ଼ ଜୁଏଲାରୀ ବ୍ରାଣ୍ଡର ନାଁ ବି ରହିଛି। କେନ୍ଦୁଝରର ୩ ସମ୍ବଲପୁରର ୨ ଏବଂ ସୁନ୍ଦରଗଡ଼ ଏବଂ ପୁରୀରେ ଗୋଟିଏ ଦୋକାନ ରହିଛି। ବିଧାନସଭାରେ ଯୋଗାଣ ମନ୍ତ୍ରୀଙ୍କ ଉତ୍ତର କହୁଛି ଗତ ୪ ବର୍ଷରେ ୨୩ଟି ଗହଣା ଦୋକାନ ବା ପ୍ରତିଷ୍ଠାନ ମାପରେ ତ୍ରୁଟି କରୁଥିବା ଧରା ପଡିଛନ୍ତି, ସେମାନଙ୍କ ଠାରୁ ୫ ଲକ୍ଷ ୧୮ ହଜାର ଟଙ୍କାର ଜରିମାନା ଆଦାୟ ହୋଇଛି।

# ଅଧାପନ୍ତରିଆ ଡ୍ରେନ୍‌କୁ ନେଇ ତେଜୁଛି ଅସନ୍ତୋଷ

**ଚମ୍ପୁଆ, ନ୍ୟୁଜ୍ ବ୍ୟୁରୋ**

କେନ୍ଦୁଝର ଜିଲ୍ଲା ଚମ୍ପୁଆ ବ୍ଲକ ଅନ୍ତର୍ଗତ ପଡୁଆ ପଞ୍ଚାୟତର ନିଶାଗଡ଼ିଆ ଗ୍ରାମରେ ନିର୍ମାଣଧିନ ଡ୍ରେନ୍ କାମ ଅଧାପନ୍ତରିଆ ଭାବେ ପଡିରହିଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ତେଜୁଥିବା ଦେଖିବାକୁ ମିଳିଛି। ସୂଚନା ଅନୁଯାୟୀ, ନିଶାଗଡ଼ିଆ ଗ୍ରାମରେ ଆର୍ଥିକ ବର୍ଷ ୨୦୨୪-୨୦୨୫ରେ ଗ୍ରାମ୍ୟ ରାସ୍ତା କଡରେ ମୁକ୍ତା ମୁଣ୍ଡାଙ୍କ ଘର ଠାରୁ ଟଙ୍କ ମୁଣ୍ଡାଙ୍କ ଘର ପର୍ଯ୍ୟନ୍ତ ଜଳ ନିଷ୍କାସନ ପାଇଁ ସିମେଣ୍ଟ କଂକ୍ରିଟ୍ ଡ୍ରେନ୍ ନିର୍ମାଣ ନିମନ୍ତେ ଅଟକଳ ୩ ଲକ୍ଷ ଟଙ୍କା ଅନୁଦାନ ଦିଆଯାଇଛି। ଏହି କାର୍ଯ୍ୟର କାର୍ଯ୍ୟାଦେଶ ଚମ୍ପୁଆ ପଞ୍ଚାୟତ ସମିତି ନାମରେ ଥିବାବେଳେ ଡ୍ରେନ୍ କାର୍ଯ୍ୟ ଅଧାପନ୍ତରିଆ ଭାବେ ପଡ଼ିରହିଛି। ଅଧା ଢଳେଇ କାମ ହୋଇଥିବା ବେଳେ ଅଧା ଖାଲ ଭିତରୁ ରଡ଼ ବାହାରକୁ ବାହାରି ରହିଛି। ଏହି କାର୍ଯ୍ୟ ପାଇଁ ଲାଗିଥିବା ସୂଚନା ଫଳକରେ କାର୍ଯ୍ୟାରମ୍ଭ ସମ୍ପର୍କିତ ତାରିଖ ନଲେଖି ବିଭାଗ ପକ୍ଷରୁ କିଛି ଲୁଚାଇବାକୁ ଚେଷ୍ଟା କରାଯାଉଛି। ଏହି ଡ୍ରେନ୍‌ର ଢଳେଇ କାମ ଦେଖିବାକୁ କୌଣସି ଅଧିକାରୀ ଆସିନଥିବାରୁ ନିମ୍ନମାନର କାମ ହୋଇଥିବା ଅଭିଯୋଗ ଆଣିବା ସହିତ କାର୍ଯ୍ୟର ସମ୍ପୂର୍ଣ୍ଣତାକୁ ନେଇ ସନ୍ଦେହ କରିଛନ୍ତି ସ୍ଥାନୀୟ ବାସିନ୍ଦା। ତାସହିତ ଲୋକଙ୍କ ସୁବିଧା ନିମନ୍ତେ ନିର୍ମାଣ କରାଯାଉଥିବା ଏହି ଡ୍ରେନ୍ କାର୍ଯ୍ୟ ଦୀର୍ଘଦିନ ଧରି ଅଧାପନ୍ତରିଆ ଭାବେ ପଡିରହିବାରୁ ନିକଟରେ ଥିବା ଘରର ଲୋକମାନେ ଯିବା ଆସିବାରେ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ରାତି ଅନ୍ଧାରରେ ଯିବା ଆସିବା କରିବାରେ ଜୀବନ ପ୍ରତି ବିପଦ ସୃଷ୍ଟି ହୋଇଛି। ଫଳରେ ଏହାକୁ ନେଇ ଗ୍ରାମରେ ଦିନକୁ ଦିନ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ଏ ସମ୍ପର୍କରେ ପଡୁଆ ପଞ୍ଚାୟତ ଦାୟିତ୍ୱରେ ଥିବା ଜେଇଙ୍କୁ ଫୋନ୍ ମାଧ୍ୟମରେ ଯୋଗାଯୋଗ କରିବାକୁ ଚେଷ୍ଟା କରାଯାଇଥିଲା କିନ୍ତୁ ଫୋନ୍ ଉଠାଇ ନଥିବାରୁ କୌଣସି ସୂଚନା ମିଳିପାରିନାହିଁ। ତେଣୁ ଏଥିପ୍ରତି ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି ହେଉଛି।

# ବିରସ୍ୱତୀ ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅଚଳାବସ୍ଥା

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ଓସ୍ତପୁର ପଞ୍ଚାୟତ ଅନ୍ତର୍ଗତ ବିରସ୍ୱତୀ ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବ୍ୟାପକ ଅବ୍ୟବସ୍ଥା ନେଇ ସ୍କୁଲ୍ ପରିଚାଳନା କମିଟି ଓ ଅଭିଭାବକ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ଛୁଟିରେ ଥିବାବେଳେ ସହକାରୀ ଶିକ୍ଷୟିତ୍ରୀଙ୍କୁ ସମ୍ପୂର୍ଣ୍ଣ ଦାୟିତ୍ୱ ଦିଆଯାଇନଥିବାରୁ ପରିଚାଳନା ପରିଷଦ କମିଟିଙ୍କ ମଧ୍ୟରେ ଅସନ୍ତୋଷ ପାଇବା ସହ ସ୍କୁଲ ଛାତ୍ରଛାତ୍ରୀଙ୍କ ପାଇଁ ଆସୁଥିବା ପୋଷାକ ବଣ୍ଟନ ହୋଇପାରୁନାହିଁ କିମ୍ବା ପୋଷାକ ଦେଇଥିବା ସ୍ୱୟଂସହାୟିକା ଗୋଷ୍ଠୀଙ୍କ ଠାରୁ ପୋଷାକ ଗ୍ରହଣ କରିବା ପାଇଁ କେହି ରାଜି ନହେବାରୁ ପରିଚାଳନା ପରିଷଦ କମିଟି ସ୍ଥାନୀୟ ସରପଞ୍ଚ ଓ ଅଭିଭାବକମାନେ ସ୍କୁଲରେ ପହଞ୍ଚି ତୁରନ୍ତ ସମସ୍ୟାର ସମାଧାନ କରି ପୋଷାକ ବଣ୍ଟନ କରିବା ପାଇଁ ସିଆରସିସିଙ୍କ ସହିତ ଆଲୋଚନା କରିଛନ୍ତି। ସ୍କୁଲର ଅବ୍ୟବସ୍ଥା ପାଇଁ ବାରମ୍ବାର ମଣ୍ଡଳ ଶିକ୍ଷା ଅଧିକାରୀ କୌଣସି ପଦକ୍ଷେପ ନନେବାରୁ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।

# ବ୍ରହ୍ମପୁର ସହରର ସ୍ୱେରେଜ୍ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ ପ୍ରକଳ୍ପରେ ଅଗ୍ରଗତି ଶୂନ୍

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ସହରରୁ ନିର୍ଗତ ଗ୍ରେ ୱାଟର୍ ବିଶୋଧନ ପାଇଁ ସ୍ୱେରେଜ୍ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ ହେବ । ସହରରେ ସ୍ୱତନ୍ତ୍ର ସ୍ୱେରେଜ୍ ଲାଇନ୍ ସହ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ ପାଇଁ ୫୦୦ରୁ ୬୦୦ କୋଟି ଖର୍ଚ୍ଚ ହେବ । ଏଥିପାଇଁ ଫୁଲ୍‌ଟାରେ ଜମି ଚିହ୍ନଟ ହୋଇଛି । ବିଏମ୍‌ସିର ଏହି ବୃହତ୍ ପ୍ରସ୍ତାବିତ ପ୍ରକଳ୍ପକୁ ଗତ ସେପ୍ଟେମ୍ବର ମାସରେ ଅନୁଧ୍ୟାନ କରିଥିଲେ ରାଜ୍ୟ ସ୍ୱେରେଜ୍ ବୋର୍ଡ଼ର ଇଞ୍ଜିନିୟର ଇନ୍ ଚିଫ୍ ବିଳାସ ବେହେରା । ଫୁଲ୍‌ଟାରେ ଚିହ୍ନଟ ହୋଇଥିବା ଜମି ସହ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ ବସାଇବା ପାଇଁ ଫିଜିବିଲିଟି ଯାଞ୍ଚ କରିଥିଲେ । ଏହି ଘଟଣାକୁ ପାଞ୍ଚ ମାସ ବିତିଗଲାଣି । ହେଲେ ସ୍ୱେରେଜ୍ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ ସ୍ଥାପନ ଏବଂ ବର୍ଜ୍ୟ ଜଳ ବିଶୋଧନ ପ୍ରକଳ୍ପର ଅଗ୍ରଗତି ଅତି ମନ୍ଥର ହୋଇପଡ଼ିଛି । ଅନ୍ୟପଟେ ରାଜ୍ୟ ସ୍ୱେରେଜ୍ ବୋର୍ଡ଼ର ବରିଷ୍ଠ ଯନ୍ତ୍ରୀଙ୍କ ଠାରୁ ମିଳିଥିବା ସୂଚନା ଅନୁସାରେ, ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ ସ୍ଥାପନ ପୂର୍ବରୁ ପ୍ରଥମେ ସାପୁଆ ଓ ବାହାନା ନାଳ ପାଣିକୁ ବିଶୋଧନ କରାଯିବ । ଏହି କାର୍ଯ୍ୟର ଡିପିଆର୍ କରିବାକୁ ଏଜେନ୍ସି ଚୟନ ହେବ । ସେଥିପାଇଁ ଆର୍‌ଏଫ୍‌ପି ଆହ୍ୱାନ୍ କରାଯାଇଛି । ଏଜେନ୍ସି ଚୟନ ପରେ ବାହାନା ଓ ସାପୁଆ ନାଳ ପାଣି ବିଶୋଧନ ପାଇଁ ଡ଼ିପିଆର୍ ହେବ । ତଦନୁସାରେ ବିଶୋଧନ କାମ ଆରମ୍ଭ ହେବ । ତାପରେ ଯାଇ ସ୍ୱେରେଜ୍ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ ଏବେ ସ୍ୱିରେଜ୍ ଲାଇନ୍ ପାଇଁ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି । ଏପରି ହେଲେ ବ୍ରହ୍ମପୁରରେ ସ୍ୱେରେଜ୍ ଟ୍ରିଟ୍‌ମେଣ୍ଟ ସ୍ଥାପନ ଏବଂ ବର୍ଜ୍ୟ ଜଳ ବିଶୋଧନ ପାଇଁ ଆହୁରି ପାଞ୍ଚ ବର୍ଷ ଲାଗିଯିବା ଅନୁମାନ କରାଯାଉଛି । ରାଜ୍ୟର ପାଞ୍ଚଟି ମହାନଗର ନିଗମ ମଧ୍ୟରୁ କେବଳ ବ୍ରହ୍ମପୁର ମହାନଗର ନିଗମର ବର୍ଜ୍ୟ ଜଳ ସିଧାସଳଖ ପ୍ରାକୃତିକ ଜଳଉତ୍ସରେ ମିଶ୍ରଣ ହେଉଛି । ସ୍ୱେରେଜ୍ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ ପୂର୍ବରୁ ଡ୍ରେନେଜ୍ ମାଷ୍ଟର ପ୍ଲାନ୍ ଜରୁରୀ ବୋଲି ସେପ୍ଟେମ୍ବରରେ ଅନୁଧ୍ୟାନ ପାଇଁ ଆସିଥିବା ସ୍ୱେରେଜ୍ ବୋର୍ଡ଼ ଟିମ୍ ପ୍ରକାଶ କରିଥିଲେ । ସେହିଭଳି ସାହିର ଶେଷ ମୁଣ୍ଡରେ, ସହରର ବିଭିନ୍ନ ଡ୍ରେନ୍‌ରେ ଇଟିପି ସହାୟତାରେ ବର୍ଜ୍ୟ ଜଳ ବିଶୋଧନ କରିବା ପରେ ଶେଷରେ ସ୍ୱେରେଜ୍ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ ଦ୍ୱାରା ଗ୍ରେ ୱାଟର ପରିଚାଳନା କରିବା ଉପଯୋଗୀ ସାବ୍ୟସ୍ତ ହେବ ବୋଲି ଟିମ୍ ପ୍ରକାଶ କରିଥିଲେ । ଅକ୍ଟୋବରରୁ ଡ୍ରେନେଜ୍ ମାଷ୍ଟର ପ୍ଲାନ୍ ତିଆରି କାମ ଆରମ୍ଭ ହୋଇଯାଇଛି । ହେଲେସ୍ୱେରେଜ୍ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ କାମକୁ ଅଗ୍ରଗତି ଯେଉଁଠି ଥିଲା ସେଇଠି ଅଟକି ଯାଇଛି ।





# ମହିଳା କିଷାନ ସଶକ୍ତିକରଣ ପରିଯୋଜନା କାର୍ଯ୍ୟକ୍ରମ

**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**

ସୁବର୍ଣ୍ଣପୁର ଜିଲ୍ଲା ସଂସ୍କୃତି ଭବନ ଠାରେ ଜିଲ୍ଲାର ୬ ଗୋଟି ବ୍ଲକ୍‌ର ଲକ୍ଷପତି ଦିଦି ଏବଂ ମହା ଲକ୍ଷପତି ଦିଦି, ଡି.ଏଲ୍.ଏଫ୍ ଲିଡର, ଏମ୍‌ବିକେ, ସିଆର୍‌ପି, ବ୍ୟାଙ୍କ ମିତ୍ର ଓ ବିଭିନ୍ନ ବିଭାଗର କର୍ମଚାରୀଙ୍କୁ ନେଇ ମହିଳା କିଷାନ ସଶକ୍ତିକରଣ ପରିଯୋଜନା କାର୍ଯ୍ୟକ୍ରମ ଓଡ଼ିଶା ଜୀବିକା ମିଶନ, ମିଶନ ଶକ୍ତି ବିଭାଗ ପକ୍ଷରୁ ଅନୁଷ୍ଠିତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ଅଞ୍ଜଳିନା ପ୍ରଧାନ ଏବଂ ସମ୍ମାନୀତ ଅତିଥି ଭାବରେ ଜିଲ୍ଲାପରିଷଦ କାର୍ଯ୍ୟ ନିର୍ବାହୀ ଅଧିକାରୀ ଅଶ୍ୱିନୀ ମେହେର, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଉଷାରାଣୀ ଦାସ ପ୍ରମୁଖ ଯୋଗଦେଇଥିଲେ। ଏହି ପରିପ୍ରେକ୍ଷୀରେ, ସରକାରୀ ଲାଇନ୍ ବିଭାଗ ସହିତ ସମନ୍ୱୟରେ ମହିଳା ଗୋଷ୍ଠୀ ଦ୍ୱାରା ପ୍ରଦାନ କରାଯାଇଥିବା ବିଭିନ୍ନ ସେବା ଗ୍ରାମ, ଜିଲ୍ଲା, ବ୍ଲକ ଏବଂ ଜିଲ୍ଲା ସ୍ତରରେ ତାଲିମ୍, ବୈଠକ, ସାମାଜିକ ବିକାଶ ସଚେତନତା, ଆର୍ଥିକ ପରିଚାଳନା, ଆର୍ଥିକ ସାକ୍ଷରତା, ଲିଙ୍ଗ ସମାନତା, ଡିଜିଟାଲ୍ ସଚେତନତା ଉପରେ କ୍ଷମତା ନିର୍ମାଣ, ଦକ୍ଷତା ବିକାଶ, ଆତ୍ମନିଯୁକ୍ତି, ଉତ୍ପାଦନ ୟୁନିଟ୍ ସ୍ଥାପନ ଏବଂ ମାର୍କେଟିଂ ଭଳି ବିଭିନ୍ନ କାର୍ଯ୍ୟକ୍ରମ ସୁଭଦ୍ରା ଶକ୍ତି କେନ୍ଦ୍ର ବିଷୟରେ ଆଲୋଚନା କରାଯାଇଥିଲା। ଗ୍ରାମ ସ୍ତରରେ ସମର୍ପିତ ସମ୍ପ୍ରଦାୟ ସହାୟତା କର୍ମଚାରୀଙ୍କ ସହାୟତାରେ ବ୍ୟାଙ୍କଗୁଡ଼ିକ ଦ୍ୱାରା କରାଯାଇଥିବା ବ୍ୟକ୍ତିଗତ ଉଦ୍ୟୋଗୀ ଋଣ ଲିଙ୍କେଜ୍ ଏବଂ ମହିଳା ଗୋଷ୍ଠୀ ମାନଙ୍କର ସଭ୍ୟା ମାନଙ୍କୁ ଲକ୍ଷପତି ଏବଂ ମହା ଲକ୍ଷପତି ଦିଦି ସୃଷ୍ଟି କରିବା କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ ଥିଲା। ଶେଷରେ ବିଭିନ୍ନ ବିଭାଗର କର୍ମଚାରୀ ମାନଙ୍କୁ ସମ୍ମାନୀତ କରାଯାଇଥିଲା। ତାଙ୍କ ମଧ୍ୟରୁ ବିରମହାରାଜପୁର ବ୍ଲକ୍ ଅନ୍ତର୍ଗତ ସୁବଳୟା ପଞ୍ଚାୟତ ସ୍ତରୀୟ ସଂଘର ଦକ୍ଷ ନଥିପତ୍ର ପରିଚାଳିକା ବବିତା ରାଣୀ ମହାପାତ୍ର ନିଜର କଠିନ ପରିଶ୍ରମ ଏବଂ ସୃଜନଶୀଳତା ପାଇଁ ବ୍ଲକ୍ ସ୍ତରରେ ସମ୍ମାନୀତ ହୋଇଥିଲେ ଯାହା ତାଙ୍କ ବିଭାଗର ସମ୍ପ୍ରଦାୟ ସହଯୋଗୀ ସହାୟତା କର୍ମଚାରୀଙ୍କ ପାଇଁ ଏକ ଉଦାହରଣ ସୃଷ୍ଟି କରିଥିଲା।

# ସାମାଜିକ ମୂଲ୍ୟବୋଧ ହ୍ରାସ ପାଇବା ନେଇ ଉଦ୍‌ବେଗ

**ରାଉରକେଲା, ନ୍ୟୁଜ୍ ବ୍ୟୁରୋ**





ସୁନ୍ଦରଗଡ ଜିଲ୍ଲା ଲେଖକ ସାମ୍ମୁଖ୍ୟ ଓ ମଧୁସୂଦନ ପାଠାଗାରର ମିଳିତ ଆନୁକୂଲ୍ୟରେ ମାସିକ ସାହିତ୍ୟ ଆସର ପାଠାଗାର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଇଂ ଅଭୟ କୁମାର ଦାସ ସଭାପତିତ୍ୱ, ସାଂଗଠନିକ ସମ୍ପାଦକ ସୁଶାନ୍ତ କୁମାର ନାୟକଙ୍କ ଆବାହକତ୍ୱ ଓ ପ୍ରାକ୍ତନ ଶିକ୍ଷୟିତ୍ରୀ ଉର୍ବଶୀ ଦାଶ ପତିଙ୍କ ସଂଯୋଜନାରେ ମୁଖ୍ୟଅତିଥି ଭାବେ ବରିଷ୍ଠ ଆଇନଜୀବୀ ଗିରିଶ ଚନ୍ଦ୍ର ମହାପାତ୍ର, ସମ୍ମାନିତ ଅତିଥି ଭାବେ ସମ୍ବାଦ ସାହିତ୍ୟ ଘରର ସଭାପତି ରାମକୃଷ୍ଣ ତ୍ରିପାଠୀ, ମୁଖ୍ୟବକ୍ତା ଭାବେ ହୃଷିକେଶ ରାୟ ମହାବିଦ୍ୟାଳୟର ଅଧ୍ୟାପିକା ଡ. ଅର୍ଚ୍ଚନା ନନ୍ଦ ପ୍ରମୁଖ ଯୋଗଦେଇ ଆଲୋଚ୍ୟ ପ୍ରସଙ୍ଗ ଭାଙ୍ଗିଯାଉଥିବା ଯୌଥ ପରିବାର ଓ ସମାଜ ଉପରେ ଏହାର ପ୍ରଭାବ ସମ୍ପର୍କରେ ଆଲୋଚନା କରିଥିଲେ। ଅତିଥିମାନେ ସେମାନଙ୍କ ବକ୍ତବ୍ୟରେ କହିଲେ ଯେ ସାମ୍ପ୍ରତିକ ସମୟରେ ସାମାଜିକ ମୂଲ୍ୟବୋଧ କମିବାରେ ଲାଗିଛି। ଆର୍ଥିକ ଅଭିବୃଦ୍ଧି ହେଉ ଅବା ଏକକ ରହିବାର ମାନସିକତା ପାଇଁ ଏକକ ପରିବାର ବୃଦ୍ଧି ପାଇବାରେ ଲାଗିଛି। ଯୌଥ ପରିବାରରେ ଦାୟିତ୍ୱ ଅଧିକ ଥାଏ। ବଡମାନେ ସାନମାନଙ୍କ ପାଇଁ ଉଦାହରଣ ହେବା ଆବଶ୍ୟକ ବୋଲି ମତ ରଖିଥିଲେ। ଯୌଥ ପରିବାରରେ ଦାୟିତ୍ୱବୋଧ ଓ ସମ୍ବେଦନଶୀଳତା ଦେଖାଦେଇଥାଏ। ଅନ୍ୟମାନଙ୍କ ମଧ୍ୟରେ ବିକ୍ରମ ଚନ୍ଦ୍ର ଆଚାର୍ଯ୍ୟ ଓ ବ୍ରଜେନ୍ଦ୍ର ଦାଶ ନିଜର ଅଭିଜ୍ଞତା ପ୍ରକାଶ କରିଥିଲେ। ପ୍ରାରମ୍ଭରେ ସାଂଗଠନିକ ସମ୍ପାଦକ ଶ୍ରୀ ନାୟକ ସମ୍ବାଦ କଥନ ଓ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ସଭାପତି ଶ୍ରୀ ଦାସ ଏଭଳି ଆଲୋଚନାଚକ୍ରର ଉପାଦେୟତା ତଥା ଏଥିପାଇଁ ନିଜକୁ ପ୍ରସ୍ତୁତ ରହିବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଗାଳ୍ପିକ ଗୌତମ ଦାସ ଠିକଣା ଶୀର୍ଷକ ଉପରେ ଗଳ୍ପପାଠ କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ମଞ୍ଜୁଳା କୁମାରୀ ରଥଙ୍କ ସଭାପତିତ୍ୱ ଓ କବି କୁଞ୍ଜବିହାରୀ ରାଉତ ତଥା ବସନ୍ତ ବିଶ୍ୱକର୍ମାଙ୍କ ସଂଯୋଜନାରେ ଆୟୋଜିତ କବିତା ପାଠୋତ୍ସବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସଭାପତିତ୍ୱ ଅଭିଭାଷଣରେ ଶ୍ରୀମତୀ ରଥ ଆଲୋଚ୍ୟ ବିଷୟରେ ମତ ରଖି କହିଲେ ଯେ ସାହିତ୍ୟ ହେଉଛି ଯୌଥ ପରିବାର। ସାହିତ୍ୟ ସାମାଜିକ ମୂଲ୍ୟବୋଧ ଶିଖାଇବା ବେଳେ ଯୌଥ ପରିବାର ଆମକୁ ସଂଘର୍ଷ ଓ ତ୍ୟାଗ ଶିଖାଇଥାଏ। ସର୍ବଶ୍ରୀ ସୁଶାନ୍ତ କୁମାର ନାୟକ, ପ୍ରଫୁଲ୍ଲ ସାମଲ, ଦେବେନ୍ଦ୍ର ବଳ, ଜ୍ଞାନରଞ୍ଜନ ମିଶ୍ର, ପରେଶ ବିଶ୍ୱାଳ, ବିକ୍ରମ ଚନ୍ଦ୍ର ଆଚାର୍ଯ୍ୟ, ବ୍ରଜେନ୍ଦ୍ର ଦାଶ, ମଞ୍ଜୁଳା ରଥ, କୁଞ୍ଜବିହାରୀ ରାଉତ, ଉର୍ବଶୀ ଦାଶ ପତି, ବସନ୍ତ ବିଶ୍ୱକର୍ମା, ନିକୁଞ୍ଜ ବିହାରୀ ଦାଶ ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସର୍ବଶ୍ରୀ ସୁବାସ ମହାପାତ୍ର, ଡ. ଶକ୍ତିପ୍ରସାଦ ସାମନ୍ତରାୟ, ସୂର୍ଯ୍ୟନାରାୟଣ ପଣ୍ଡା, କିଶୋରୀ ମୋହନ କର, ବାସନ୍ତୀ ପାତ୍ର, ଜୟଶ୍ରୀ ଦାସ, ଜୈରାମ ସାମଲ, ନିମାଇଁ ପ୍ରସାଦ ରାଉତ, ବ୍ରଜକିଶୋର ପାଣି, ଡ. ଲକ୍ଷ୍ମୀ ମାଝୀ, ଇତିଶ୍ରୀ ଜେନା ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ପାଠାଗାରର ସାଧାରଣ ସମ୍ପାଦକ ବିଜୟ କୁମାର ବରାଳ ଧନ୍ୟବାଦ ଅର୍ପଣ କରିଥିଲେ।

# ମାର୍ଚ୍ଚ ୧୦ରୁ ମା' ତାରାତାରିଣୀଙ୍କ ଚୈତ୍ର ପର୍ବ ଆରମ୍ଭ

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ଗଞ୍ଜାମ ଅଧିଷ୍ଠାତ୍ରୀ ଦେବୀ ମା' ତାରାତାରିଣୀଙ୍କ ବହୁ ପ୍ରତୀକ୍ଷିତ ଚୈତ୍ରପର୍ବ ମାର୍ଚ୍ଚ ୧୦ ତାରିଖରୁ ଆରମ୍ଭ ହେବାକୁ ଯାଉଛି । ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତି ଭାସନଙ୍କ ଅଧ୍ୟକ୍ଷତାରେ ଏନେଇ ଏକ ପ୍ରସ୍ତୁତି ବୈଠକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସଦ୍‌ଭାବନା ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ହୋଇଯାଇଛି । ଚଳିତ ବର୍ଷ ମାର୍ଚ୍ଚ ମାସର ୪ଟି ମଙ୍ଗଳବାର ଯଥା ୧୦, ୧୭, ୨୪ ଓ ୩୧ ତାରିଖ ଦିନ ଏହି ପର୍ବ ମହା ଆଡ଼ମ୍ବରରେ ଅନୁଷ୍ଠିତ ହେବ । କ୍ରମଶଃ ମା'ଙ୍କ ପୀଠକୁ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି । ତେଣୁ ଚଳିତ ବର୍ଷ ମା'ଙ୍କ ଦର୍ଶନ ଓ ପୂଜାର୍ଚ୍ଚନା ପାଇଁ ବିଗତ ବର୍ଷ ତୁଳନାରେ ଅଧିକ ସଂଖ୍ୟକ ଭକ୍ତ, ଶ୍ରଦ୍ଧାଳୁ ତଥା ମାନସିକଧାରୀଙ୍କ ସମାଗମ ହେବାର ସମ୍ଭାବନା ରହିଛି । ଏହାକୁ ଦୃଷ୍ଟିରେ ରଖି ସମସ୍ତ ବିଭାଗୀୟ ଅଧିକାରୀମାନେ ପ୍ରାକ୍ ପ୍ରସ୍ତୁତିକୁ ତ୍ୱରାନ୍ୱିତ କରିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି । ଭକ୍ତମାନଙ୍କ ଯାତାୟାତ ପାଇଁ ଅଧିକ ବସ୍‌ର ବ୍ୟବସ୍ଥା, ଆବଶ୍ୟକୀୟ ପାନୀୟ ଜଳ ଯୋଗାଣ, ଅନ୍ନପ୍ରସାଦ, ମୁଣ୍ଡନ ସକାଶେ ଉପଯୁକ୍ତ ସ୍ଥାନ ନିରୂପଣ, ସାଜସଜ୍ଜା ଓ ଆଲୋକୀକରଣ, ତୋରଣ ନିର୍ମାଣ, ଦୈନିକ ପୂଜାବିଧି, ଚଣ୍ଡୀଯଜ୍ଞ, ଆଇନ୍ ଶୃଙ୍ଖଳା ପରିସ୍ଥିତି, ଦୀପ ଲଗାଇବା ସ୍ଥାନ, ଟ୍ରାଫିକ୍ ନିୟନ୍ତ୍ରଣ, ଭ୍ରାମ୍ୟମାଣ ଶୌଚାଳୟ, ପରିମଳ, ଅଗ୍ନିଶମ ନିର୍ବାପକ, ପ୍ରାଥମିକ ଚିକିତ୍ସା ସମେତ ଅଂଶୁଘାତ ଚିକିତ୍ସା ଓ ଆମ୍ବୁଲାନ୍ସ ବ୍ୟବସ୍ଥାନ, ଦାନ, ରାସ୍ତା ମରାମତି, ରୋପ୍‌ୱେ ଯାତ୍ରୀ ପରିବହନ ବ୍ୟବସ୍ଥା ଆଦି ସମସ୍ତ ବିଷୟରେ ବୈଠକରେ ସବିଶେଷ ଆଲୋଚନା ହୋଇଥିଲା । ମନ୍ଦିର ଉପରକୁ ଯିବା ପାଇଁ ବର୍ତ୍ତମାନ ବସ୍ ଟିକଟ ୪୦ ଟଙ୍କା ରହିଛି । ତା ସହିତ ରୋପ୍‌ୱେ ଟିକଟ ୬୦ ଟଙ୍କା ରହିଛି । ଚୈତ୍ର ପର୍ବ ସମୟରେ ମଧ୍ୟ ଏହି ମୂଲ୍ୟରେ କୌଣସି ପରିବର୍ତନ ହେବନାହିଁ । ଜିଲ୍ଲାର ଜନପ୍ରତିନିଧିମାନଙ୍କ ଉପସ୍ଥିତିରେ ମା'ଙ୍କ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହେବାକୁ ଥିବା ପରବର୍ତ୍ତୀ ବୈଠକରେ ପୂର୍ଣ୍ଣାଙ୍ଗ ନିଷ୍ପତି ନିଆଯିବ ବୋଲି ଜିଲ୍ଲାପାଳ ସୂଚନା ଦେଇଛନ୍ତି । ଗଞ୍ଜାମ ଏସ୍‌ପି ଶୁଭେନ୍ଦୁ କୁମାର ପାତ୍ର, ଛତ୍ରପୁର ଉପଜିଲ୍ଲାପାଳ ଶିବାଶିଷ ବରାଳ, ପୁରୁଷୋତମପୁର ତହସିଲଦାର ବିନୋଦ କୁମାର ବେହେରା, ବିଡ଼ିଓ ପୁରୁଷୋତମପୁର ଶରତ କୁମାର ପାତ୍ର, ଟ୍ରଷ୍ଟର ବରିଷ୍ଠ ସଦସ୍ୟ ପ୍ରମୋଦ କୁମାର ପଣ୍ଡା, ବରିଷ୍ଠ ସେବାୟତ ବାପୁଜୀ ରଣା, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସୌରଭ ପ୍ରଧାନଙ୍କ ସମେତ ସମସ୍ତ ବିଭାଗୀୟ ଅଧିକାରୀ, ସେବାୟତ ଏବଂ ଗଣମାଧ୍ୟମ ପ୍ରତିନିଧିମାନେ ବୈଠକରେ ଉପସ୍ଥିତ ଥିଲେ ।

# ପ୍ଲାଷ୍ଟିକ୍ ପାଣି ଜାର୍‌ରେ ରହୁନି ପ୍ରସ୍ତୁତି ଓ ଅତିକ୍ରାନ୍ତ ତାରିଖ

**ଜୟପୁର, ନ୍ୟୁଜ୍ ବ୍ୟୁରୋ**

କୋରାପୁଟ ଜିଲ୍ଲା ସହ ଜୟପୁର ସହରରେ ତଥା ଏହାର ଆଖପାଖ କେତେକ ଅଞ୍ଚଳରେ ବିଗତ କିଛି ମାସ ହେଲା ପାଣି ଜାର ଓ ପାଣି ବୋତଲ କାରବାର ଦିନକୁ ଦିନ ବଢି ଚାଲିଥିବା ବେଳେ ରହୁନାହିଁ ଅତିକ୍ରାନ୍ତ ତାରିଖ । ପ୍ରଶାସନ ଚଢଉ କରିବାକୁ ଦାବି ହୋଇଛି । ପାଣି ବେପାର ପ୍ରାୟତଃ ଏକ ଲାଭଜନକ ବ୍ୟବସାୟ ହୋଇଥିବାରୁ ବହୁ ବ୍ୟକ୍ତି ଏହି କାରବାର କରିବା ପାଇଁ ଆଗ୍ରହ ପ୍ରକାଶ କରୁଥିବା ଦେଖିବାକୁ ମିଳୁଛି । କୋରାପୁଟ ଜିଲ୍ଲା ସହ ଜୟପୁରୁ ସହରବାସୀଙ୍କୁ ସରକାରଙ୍କ ପକ୍ଷରୁ ପାଇପ୍ ଲାଇନ୍ ମାଧ୍ୟମରେ ପାନୀୟ ଜଳ ଯୋଗାଣ କରାଯାଉଥିବା ସତ୍ତ୍ୱେ କେତେକ ଅଞ୍ଚଳରେ ପାଣି ବୋତଲ ଓ ପାଣି ଜାର୍ କାରବାର ଦିନକୁ ଦିନ ଜୋର୍ ଧରୁଛି । ମିନେରାଲ୍ ଯୁକ୍ତ ବିଶୁଦ୍ଧ ପାନୀୟ ଜଳ ନାମରେ ପ୍ରତିଦିନ ଜୟପୁର ଅଞ୍ଚଳରେ ଶହ ଶହ ଲିଟର ପାଣି ଜାର୍‌ରେ ବିକ୍ରୀ ହେଉଥିବା ବେଳେ ଏହାର ଶୁଦ୍ଧତା ଓ ସ୍ୱଚ୍ଛତା ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହେଉଥିଲା । କହିବୁ କାହାକୁ ଶୁଣିବ କିଏ ନ୍ୟାୟରେ ସଚେତନ ନାଗରିକ ଭାଗ୍ୟକୁ ଆଦରି ନୀରବ ରହୁଥିବା ଦେଖିବାକୁ ମିଳୁଛି । ଜୟପୁର ସହର ତଥା ଏହାର ଆଖପାଖ କେତେକ ଅଞ୍ଚଳରେ ବିକ୍ରୀ ହେଉଥିବା କେତେକ ପାଣି ଜାର୍‌ରେ ପ୍ରସ୍ତୁତ କମ୍ପାନୀର ଲେବେଲ୍ ରହୁନଥିବା ବେଳେ ପ୍ରସ୍ତୁତି ତାରିଖ ଓ ସମୟ ଅତିକ୍ରାନ୍ତ ତାରିଖ ସମ୍ପର୍କରେ ସାମାନ୍ୟ ସୂଚନା ରହୁନଥିବା ଅଭିଯୋଗ ହେଉଛି । ଯାହାଫଳରେ ଜାର୍‌ରେ ବିକ୍ରୀ ହେଉଥିବା ସେହି ପାଣି ବୋତଲର ପାନୀୟ ଜଳକୁ ନେଇ ଯଦି କୌଣସି ସମସ୍ୟା ସୃଷ୍ଟି ହୁଏ ତେବେ ଉତ୍ତରଦାୟୀ କିଏ ରହିବ ବୋଲି ଏକ ପ୍ରଶ୍ନବାଚୀ ସୃଷ୍ଟି ହେଉଛି । ଦିନକୁ ଦିନ ଜୟପୁର ଅଞ୍ଚଳରେ ପ୍ଲାଷ୍ଟିକ୍ ଜାର୍‌ରେ ପାଣିବିକ୍ରୀ ଜୋର୍ ଧରୁଥିବା ବେଳେ ଏହାର ଶୁଦ୍ଧତା ଓ ସ୍ୱଚ୍ଛତାକୁ ନେଇ ଯାଞ୍ଚ କରିବା ଦିଗରେ ପ୍ରଶାସନିକ ଅଧିକାରୀଙ୍କ ନୀରବତାକୁ ନେଇ ନାନା କଥା ଆଲୋଚିତ ହେଉଛି । ବିଶୁଦ୍ଧ ପାନୀୟ ଜଳ ପାଇଁ ଅଧିକାଂଶ ବ୍ୟକ୍ତି ଏଭଳି ଜାର୍ ପାଣି ଉପରେ ନିର୍ଭର କରୁଥିବା ଜଣାପଡିଛି । ବିଶୁଦ୍ଧ ପାଣି ନାମରେ କେତେକ କମ୍ପାନୀ ପ୍ଲାଷ୍ଟିକ୍ ଜାର୍ ଓ ବୋତଲ ପାଣି ବିକ୍ରୀ କରୁଛନ୍ତି । ଏହି ପାଣିକୁ ଦୁଇ ଚକିଆ କିମ୍ବା ଚାରି ଚକିଆ ଯାନରେ ବ୍ୟବସାୟୀମାନେ ପରିବହନ କରି ଦୋକାନୀଙ୍କ ଠାରୁ ଆରମ୍ଭ କରି ଲୋକଙ୍କ ଘରେ ଭୋଜି ଭାତରେ ମଧ୍ୟ ସ୍ୱଳ୍ପ ସମୟ ମଧ୍ୟରେ ପହଞ୍ଚାଇ ଦେଉଥିବା ଦେଖିବାକୁ ମିଳୁଛି । ଜୟପୁର ସହର ତଥା ଏହାର ଆଖପାଖ ଅଞ୍ଚଳର ବହୁ ବ୍ୟକ୍ତି ବିଗତ କିଛି ମାସ ହେଲା ଏଭଳି କିଣା ପାଣି ଉପରେ ପ୍ରାୟତଃ ନିର୍ଭର କରୁଥିବା ଜଣାପଡିଛି । କେତେକ କମ୍ପାନୀର ପାଣି ଜାର୍ ଗୁଡିକରେ ପ୍ରସ୍ତୁତି ତାରିଖ ଓ ସମୟ ଅତିକ୍ରାନ୍ତ ତାରିଖ ସମ୍ପର୍କରେ କୌଣସି ସୂଚନା ରହୁନଥିବା ସମ୍ପର୍କରେ ରୀତିମତ ଅଭିଯୋଗ ହେଉଥିଲେ ମଧ୍ୟ ଯାଞ୍ଚ କରିବା ଦିଗରେ ପ୍ରଶାସନର ଶିଥିଳତାକୁ ନେଇ ଦାୟିତ୍ୱରେ ଥିବା ଅଧିକାରୀଙ୍କ କାର୍ଯ୍ୟଦକ୍ଷତା ଶୈଳୀ ପ୍ରତି ମଧ୍ୟ ଏକ ପ୍ରଶ୍ନବାଚୀ ସୃଷ୍ଟି ହେଉଛି । ଜୟପୁର ସହର ତଥା ଏହାର ଆଖପାଖ କେତେକ ଅଞ୍ଚଳରେ ଦିନକୁ ଦିନ ନୂଆ ନୂଆ କମ୍ପାନୀ ନାଁରେ ପାଣିବୋତଲ ଓ ପାଣି ଜାର୍‌ର ବହୁତ ବିକ୍ରୀବଟା ହେଉଥିଲେ ମଧ୍ୟ ଏହାର ସ୍ୱଚ୍ଛତା ନେଇ ସାଧାରଣରେ ଏକ ପ୍ରଶ୍ନବାଚୀ ସୃଷ୍ଟି ହେଉଛି । ବିଶୁଦ୍ଧ ପାଣି ନାମରେ ଜୟପୁରରେ ପାଣିବୋତଲ ଓ ପ୍ଲାଷ୍ଟିକ୍ ପାଣି କାରବାର ବହୁଳ ବିକ୍ରୀବଟା ଚାଲିଥିବା ଦେଖିବାକୁ ମିଳୁଛି । ଜୟପୁର ଅଞ୍ଚଳରେ ପୂର୍ବପେକ୍ଷା ପାଣିବୋତଲ ଓ ପ୍ଲାଷ୍ଟିକ୍ ପାଣି ଜାର୍‌ର କାରବାର ବୃଦ୍ଧି ପାଇ ଚାଲିଥିଲେ ମଧ୍ୟ ଯେଉଁ ବୋତଲ ଓ ପ୍ଲାଷ୍ଟିକ୍ ଜାର୍ ପାଣିକୁ ଲୋକେ କିଣି ପିଉଛନ୍ତି ତାହା ଶରୀର ପାଇଁ କେତେ ପରିମାଣରେ ଉପଯୋଗୀ ନା କ୍ଷତିକାରକ ତାହା ଚିନ୍ତା କରିବାକୁ କାହାରି ପାଖରେ ବି ସମୟ ନାହିଁ । ଜିଲ୍ଲା ପ୍ରଶାସନ ତଥା ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ତୁରନ୍ତ ଧ୍ୟାନ ଦେଇ ଜନସାଧାରଣଙ୍କ ବୃହତର ସ୍ୱାର୍ଥରକ୍ଷା ଦୃଷ୍ଟିରୁ କୋରାପୁଟ ଜିଲ୍ଲା ସହ ଜୟପୁର ସହରରେ ପ୍ଲାଷ୍ଟିକ୍ ଜାର୍‌ରେ ବିକ୍ରୀ ହେଉଥିବା ପାଣିର ସ୍ୱଚ୍ଛତା ଓ ଶୁଦ୍ଧତା ଯାଞ୍ଚ କରିବା ସାଙ୍ଗକୁ କେଉଁ ଅଦୃଶ୍ୟ ଶକ୍ତିର ଚାପରେ କେତେକ ପାଣି କମ୍ପାନୀ ସେମାନଙ୍କ ଦ୍ୱାରା ପ୍ରସ୍ତୁତ ପାଣି କାରବାରରେ ପ୍ରସ୍ତୁତି ତାରିଖ ଓ ସମୟ ଅତିକ୍ରାନ୍ତ ତାରିଖ ନଲେଖି ଅବାଧରେ ବିକ୍ରୀ କରୁଛନ୍ତି ତାହାର ଏକ ଉଚ୍ଚସ୍ତରୀୟ ତଦନ୍ତ କରିବା ପାଇଁ ବିଭିନ୍ନ ମହଲରେ ଦୃଢ ଦାବି କରାଯାଇଛି ।

# ସମସ୍ୟା ଘେରରେ ପଦ୍ମନପୁର ଉଚ୍ଚ ବିଦ୍ୟାଳୟ:୯ ଶ୍ରେଣୀକୁ ୩ ଶିକ୍ଷକ





**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**

ବୌଦ୍ଧ ବ୍ଲକ ପଦ୍ମନପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷା ସେବା ବିପର୍ଯ୍ୟସ୍ତ ହୋଇପଡ଼ିଛି । ୧୯୪୧ ମସିହାରେ ଆରମ୍ଭ ହୋଇଥିବା ଏହି ବିଦ୍ୟାଳୟ ପ୍ରଥମେ ମାଟିଘରେ ଚାଲିଥିବା ବିଦ୍ୟାଳୟରେ ପ୍ରଥମରୁ ପଞ୍ଚମ ପର୍ଯ୍ୟନ୍ତ ଛାତ୍ରଛାତ୍ରୀ ପଢୁଥିଲେ । ପରେ ୨୦୦୨ ମସିହାରେ ଉନ୍ନତୀକରଣ କରାଯାଇ ଷଷ୍ଠରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଖୋଲାଗଲା। ସେ ସମୟରେ ଆବଶ୍ୟକ ଶିକ୍ଷକ ଥିଲେ। ପାଠପଢା ମଧ୍ୟ ଠିକ୍ ଚାଲିଥିଲା। ତିନି ବର୍ଷ ହେଲା ଶିକ୍ଷକ ଅଭାବରୁ ଶିକ୍ଷାସେବା ବିପର୍ଯ୍ୟସ୍ତ ହୋଇପଡ଼ିଛି। ବର୍ତ୍ତମାନ ଶିଶୁ ବାଟିକାରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ୮୦ ଜଣ ଛାତ୍ର ଛାତ୍ରୀ ଥିବାବେଳେ ଏମାନଙ୍କ ପାଇଁ ୩ ଜଣ ଶିକ୍ଷକରେ ଶିକ୍ଷା ଦାନ ଚାଲିଛି । ସରକାରୀ ବିଦ୍ୟାଳୟ ପ୍ରତି ଛାତ୍ରଛାତ୍ରୀଙ୍କୁ ଆକର୍ଷିତ କରିବାପାଇଁ ସରକାର ମାଗଣା ପୁସ୍ତକ, ପୋଷାକ, ମଧ୍ୟାହ୍ନ ଭୋଜନ ସହ ଶୈକ୍ଷିକ ବାତାବରଣ ସୃଷ୍ଟି ଓ ସୌନ୍ଦର୍ଯ୍ୟକରଣ ପାଇଁ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରୁଛନ୍ତି । ହେଲେ ଶିକ୍ଷାର ମୂଳଦୁଆ ପ୍ରତି ଦୃଷ୍ଟି ଦେଉନଥିବାରୁ ଶିକ୍ଷା ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଫଳରେ ଛାତ୍ରଛାତ୍ରୀ ସରକାରୀ ବିଦ୍ୟାଳୟ ପ୍ରତି ବିମୁଖ ହୋଇ ଘରୋଇ ବିଦ୍ୟାଳୟ ପ୍ରତି ଆକର୍ଷିତ ହେଉଛନ୍ତି । ୮ଟି ଶ୍ରେଣୀର ଛାତ୍ରଛାତ୍ରୀଙ୍କୁ ୩ ଜଣ ଶିକ୍ଷକ କିଭଳି ଶିକ୍ଷାଦାନ କରୁଥିବେ ତାହା ସହଜେ ଅନୁମେୟ। ତିନି ଜଣଙ୍କ ମଧ୍ୟରୁ ଜଣେ ଶିକ୍ଷୟିତ୍ରୀ ପ୍ରସବ କାଳୀନ ଛୁଟିରେ ଥିବାରୁ ୨ ଜଣ ଶିକ୍ଷକରେ ସ୍କୁଲ କିପରି ଚାଲୁଥିବ ଅନୁମାନ କରାଯାଇପାରେ। ଏଠାରେ କାର୍ଯ୍ୟରତ ଶିକ୍ଷକ ବିନାୟକ ମିଶ୍ର ପଦୋନ୍ନତି ପରେ ଗତ ୨୦୨୪ ମସିହା ଜୁଲାଇରେ ତେତେଲେଙ୍ଗା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଯୋଗଦେଇଥିଲେ । ଦୁଇ ବର୍ଷ ତଳେ ଜଣେ ଶିକ୍ଷୟିତ୍ରୀଙ୍କୁ ଏଠାରୁ ଅନ୍ୟତ୍ର ବଦଳି ପରେ ବର୍ତ୍ତମାନ ୩ ଜଣ ଶିକ୍ଷକ ଅଛନ୍ତି। ଏନେଇ ପରିଚାଳନା କମିଟି ୨୦୨୩ ମସିହା ଜୁଲାଇରେ ବୌଦ୍ଧ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ଠାରେ ଦାବି କରିଥିଲେ ମଧ୍ୟ ଆଜିପର୍ଯ୍ୟନ୍ତ ବିଦ୍ୟାଳୟରେ ନୂତନ ଶିକ୍ଷକ ନିଯୁକ୍ତି ଦିଆଯାଇନାହିଁ। ଏହାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଦୃଷ୍ଟିରୁ ବିଦ୍ୟାଳୟରେ ତୁରନ୍ତ ଜଣେ ଶିକ୍ଷକ ନିଯୁକ୍ତି କରାନଗଲେ ଗ୍ରାମବାସୀ ବିଦ୍ୟାଳୟ ଫାଟକରେ ତାଲାପକାଇ ଧାରଣା ଦେବାକୁ ଚେତାବନୀ ଦେଇଛନ୍ତି ।

## ଓଡ଼ିଶାରେ ପ୍ରଥମ ଥର ହେବ ମିଷ୍ଟର ଓ ମିସ୍ ଇଣ୍ଡିଆ ବଡି ବିଲ୍ଡିଂ ବିଜେତାଙ୍କୁ ମିଳିବ ମୋଟ ୬ ଲକ୍ଷ ଟଙ୍କାର ପୁରସ୍କାର ରାଶି

**ଭୁବନେଶ୍ୱର**

ଅଲ୍‌ଓଡ଼ିଶା ବଡ଼ି ବିଲ୍‌ଡିଂ ଓ ଫିଟ୍‌ନେସ୍ ସଂଘ ଆନୁକୂଲ୍ୟରେ ଚଳିତ ଆସନ୍ତା ୨୫ ଓ ୨୬ ଦୁଇ ଦିନ ଧରି ସ୍ଥାନୀୟ ଭଞ୍ଜ କଳା ମଣ୍ଡପଠାରେ ମିଷ୍ଟର ଇଣ୍ଡିଆ ଓ ମିସ୍ ଇଣ୍ଡିଆ ବଡି ବିଲ୍‌ଡିଂ ପ୍ରତିଯୋଗିତା ଅନୁଷ୍ଠିତ ହେବ। ପ୍ରଥମ ଦିନ ପ୍ରାରମ୍ଭିକ ଚୟନ ପ୍ରକ୍ରିୟା ଏବଂ ଦ୍ୱିତୀୟ ଦିନ ଅପରାହ୍ନ ୩ଟା ପରଠାରୁ ଫାଇନାଲ୍ ପୋଜ୍ ଡାଉନ୍ ଆରମ୍ଭ ହେବ। ଏହି ବରିଷ୍ଠ ସ୍ତରୀୟ ଜାତୀୟ ପ୍ରତିଯୋଗିତା ପ୍ରଥମ ଥର ଲାଗି ଓଡ଼ିଶାରେ ଆୟୋଜିତ ହେବ। ଯାହା ରାଜ୍ୟ ପାଇଁ ଗର୍ବ ଓ ଗୌରବର ବିଷୟ ହେବ। ବରିଷ୍ଠ ପୁରୁଷ ଫିଜିକ୍, ବରିଷ୍ଠ ବଡି ବିଲ୍‌ଡିଂ, କ୍ଲାସିକ୍ ବଡି ବିଲ୍‌ଡିଂ ଓ ମହିଳା ବଡି ବିଲ୍‌ଡିଂ ଆଦି ବର୍ଗରେ ସାରା ଦେଶର ୨୫ ରାଜ୍ୟର ପାଖାପାଖି ୨୭୦ଜଣ ପ୍ରତିଯୋଗୀ ଏଥିରେ ଅଂଶଗ୍ରହଣ କରିବେ। ଓଡ଼ିଶାରୁ ମଧ୍ୟ ୪୦ରୁ ଅଧିକ ପ୍ରତିଯୋଗୀ ଏଥିରେ ସାମିଲ ରହି ନିଜିନଜ ସୁନ୍ଦର ସ୍ୱାସ୍ଥ୍ୟର ଝଲକ ଦେଖାଇବେ। ଅନ୍ୟ ଏକ ଉଲ୍ଲେଖନୀୟ ଘଟଣାକ୍ରମେ ରାଜ୍ୟରେ ପ୍ରଥମ ଥର ଲାଗି ଜାତୀୟସ୍ତରୀୟ ଦିବ୍ୟାଂଗ ବଡି ବିଲ୍‌ଡରମାନେ କୌଣସି ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ। ପ୍ରତିଯୋଗିତାରେ ମୋଟ ୬ଲକ୍ଷ ଟଙ୍କାର ଆର୍ଥିକ ପୁରସ୍କାର ପ୍ରଦାନ କରାଯିବ। ସେଥିମଧ୍ୟରୁ ଶ୍ରେଷ୍ଠ ବଡି ବିଲ୍‌ଡର ବା ଚାମ୍ପିଅନ୍ ଅଫ୍ ଚାମ୍ପିଅନ୍‌ଙ୍କୁ ସର୍ବାଧିକ ୫୦,୦୦୦ ଟଙ୍କାର ଆର୍ଥିକ ପୁରସ୍କାର ପ୍ରଦାନ କରାଯିବ। ଅନ୍ୟପକ୍ଷରେ ପ୍ରତ୍ୟେକ ବର୍ଗର ବିଜେତା, ଉପବିଜେତା ଓ ତୃତୀୟ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀଙ୍କୁ ଆକର୍ଷଣୀୟ ଟ୍ରଫି ଓ ପଦକ ସହ ଯଥାକ୍ରମେ ୧୦,୦୦୦, ୭,୦୦୦ ଓ ୫,୦୦୦ ଟଙ୍କାର ଅର୍ଥରାଶି ମିଳିବ। ପ୍ରତିଯୋଗିତାର ପ୍ରବେଶ ଶୁଳ୍କ ୨,୫୦୦ (ଗୋଟିଏ ବର୍ଗ), ୪୫୦୦ (ଦୁଇଟି ବର୍ଗ) ଓ ୬,୦୦୦ (ତିନିଟି ବର୍ଗ) ଟଙ୍କା ରଖାଯାଇଛି।

# ଅଭିଷେକ-ତିଳକ ଫ୍ଲପ୍ : କମ୍‌ବ୍ୟାକ୍ କରିବେ ସଞ୍ଜୁ ସାମସନ !

**ନୂଆଦିଲ୍ଲୀ**




ଟି-ଟ୍ୱେଣ୍ଟି ବିଶ୍ୱକପ ସୁପର-୮ରେ ଦକ୍ଷିଣ ଆଫ୍ରିକାଠାରୁ ଭାରତର ଶୋଚନୀୟ ଭାବେ ପରାସ୍ତ ହୋଇଛି। ଟିମ୍ ଇଣ୍ଡିଆର ଟପ୍ ଅର୍ଡର ସମ୍ପୂର୍ଣ୍ଣ ବିଫଳ ହୋଇଥିଲା। ଅଭିଷେକ ଶର୍ମା ଏବଂ ତିଳକ ବର୍ମା ଆଶାନୁରୂପ ପ୍ରଦର୍ଶନ କରିନଥିଲେ। ଏବେ ଭାରତର ସହାୟକ ପ୍ରଶିକ୍ଷକ ସଞ୍ଜୁ ସାମସନଙ୍କ ପ୍ଲେଇଂ ଇଲେଭେନକୁ ଫେରିବା ନେଇ ବଡ଼ ସଙ୍କେତ ଦେଇଛନ୍ତି। ଆଗକୁ ଭାରତୀୟ ଦଳ ପାଇଁ ଦୁଇଟି ମ୍ୟାଚ୍ ବେଶ୍ ଗୁରୁତ୍ୱପୂର୍ଣ୍ଣ ହୋଇଯାଇଛି। ଏହାକୁ ଦୃଷ୍ଟିରେ ରଖି ଦଳରେ କେତେକ ପରିବର୍ତ୍ତନ କରାଯାଇପାରେ ବୋଲି ସଂକେତ ଦେଇଛନ୍ତି ସହକାରୀ ପ୍ରଶିକ୍ଷକ ରିୟାନ ଟେନ୍ ଡଇସେଟ୍। ବିଶେଷକରି ସଞ୍ଜୁ ସାମସନଙ୍କୁ ଦଳରେ ସାମିଲ କରାଯିବା ଲାଗି ବିଚାର କରାଯାଉଛି ବୋଲି ସେ କହିଛନ୍ତି। ତେବେ କାହା ବଦଳରେ ତାଙ୍କୁ ସାମିଲ କରାଯିବ ସେ ସମ୍ପର୍କରେ ସେ କିଛି କହିନାହାନ୍ତି ।

ସେ କହିଛନ୍ତି ଯେ, ଚଳିତ ବିଶ୍ୱକପ୍‌ରେ ଭାରତର ଟପ୍‌ଅର୍ଡର ଏକ ଭଲ ମୂଳଦୁଆ ସ୍ଥାପନ କରିବାରେ ବିଫଳ ହୋଇଛି । ଅଧିକାଂଶ ଥର ପ୍ରଥମ ୱିକେଟ୍ ଯୋଡ଼ିରେ ଶୂନ କିମ୍ବା ୧-୨ ରନ ହୋଇଛି। ପ୍ରତ୍ୟେକ ଥର ବିପକ୍ଷ ଦଳ ଜଣେ କାମଚଳା ଅଫ୍-ସ୍ପିନରଙ୍କ ମାଧ୍ୟମରେ ଭାରତୀୟ ଓପନିଂ ଯୋଡ଼ିକୁ ଭାଙ୍ଗିବାରେ ସଫଳ ହୋଇଛନ୍ତି। ଦକ୍ଷିଣ ଆଫ୍ରିକାର ଦ୍ରୁତ ବୋଲର ଏହି କାମ କରିଦେଇଥିଲେ। ଏହି କାରଣରୁ ସୂର୍ଯ୍ୟକୁମାର ଓ ତିଳକ ବର୍ମାଙ୍କ ଉପରେ ମୂଳରୁ ହିଁ ଚାପ ରହୁଛି। ଅଭିଷେକ ଶର୍ମା ଏବଂ ତିଳକ ବର୍ମା ନିରାଶ କରିଛନ୍ତି। ଅଭିଷେକ ଶର୍ମା (୧୫ ରନ୍) ଏବଂ ତିଳକ ବର୍ମା (୦ ରନ୍) ମଧ୍ୟ ମ୍ୟାଚ୍ରେ ବିଫଳ ହୋଇଥିଲେ। ଟିମ୍ ଇଣ୍ଡିଆ ୭୬ ରନରେ ପରାସ୍ତ ହୋଇଥିଲା। ଏହି ପରାଜୟ ପରେ ପ୍ଲେଇଙ୍ଗ ଇଲେଭେନରେ ସଞ୍ଜୁଙ୍କ କମବ୍ୟାକ ହେବ ବୋଲି ସଙ୍କେତ ଦେଇଛନ୍ତି ଟିମ୍ ଇଣ୍ଡିଆର ସହାୟକ ପ୍ରଶିକ୍ଷକ ରିୟାନ ଟେନ୍ ଡଇସେଟ୍।

ଭାରତର ପରାଜୟ ପରେ ସାମ୍ବାଦିକ ସମ୍ମିଳନୀରେ ସହାୟକ ପ୍ରଶିକ୍ଷକ ରିଆନ ଟେନ ଡୋଇସଚେଟ କହିଥିଲେ, 'ଆମକୁ ଚିନ୍ତା କରିବାକୁ ପଡ଼ିବ। ଗତ ପାଞ୍ଚଟି ମ୍ୟାଚ୍ ମଧ୍ୟରୁ ୪ଟିରେ ଜଣେ ପାର୍ଟ-ଟାଇମ୍ ଅଫ୍-ସ୍ପିନର ଓପନିଂ କରିଛନ୍ତି ଏବଂ ପ୍ରତ୍ୟେକ ଥର ଆମେ ୱିକେଟ ହରାଇଛୁ। ଆମକୁ ପ୍ରତ୍ୟେକ ଇନିଂସ ୱିକେଟ ସହିତ ଆରମ୍ଭ କରିବା ଉଚିତ୍ ନୁହେଁ।ଏହା ଅନ୍ୟ ଖେଳାଳିମାନଙ୍କ ଉପରେ ଚାପ ସୃଷ୍ଟି କରେ। ଦଳରେ ଅଭିଜ୍ଞତାର ଘୋର ଅଭାବ ରହିଛି।ଆମକୁ ଏକ ସ୍ଥିର ଦଳ ଆବଶ୍ୟକ।' ସଞ୍ଜୁ ସାମସନଙ୍କ ଦଳକୁ ଫେରିବା ସମ୍ପର୍କରେ ଇଙ୍ଗିତ ଦେଇ ରିଆନ କହିଛନ୍ତି, 'ପ୍ରଶ୍ନ ହେଉଛି, ଆପଣ କ'ଣ କମ୍ବିନେସନ ସହିତ ରହିବେ ନା ପରିବର୍ତ୍ତନ କରିବେ? ସଞ୍ଜୁ ଜଣେ ଚମତ୍କାର ଖେଳାଳି ଏବଂ ତାଙ୍କ ସହିତ, ଆମର କ୍ରମର ଶୀର୍ଷରେ ଜଣେ ଡାହାଣହାତୀ ବ୍ୟାଟର ରହିବେ। ମୁଁ ନିଶ୍ଚିତ ଯେ ଏହା ଆଗାମୀ ଦୁଇଟି ଗୁରୁତ୍ୱପୂର୍ଣ୍ଣ ମ୍ୟାଚ୍ ପୂର୍ବରୁ ଆଲୋଚନାର ଏକ ପ୍ରମୁଖ ବିଷୟ ହେବ।'

# ଟି-୨୦ ଫାଇନାଲକୁ ନେଇ ବଡ଼ ଭବିଷ୍ୟବାଣୀ କଲେ ରାହୁଲ ଦ୍ରାବିଡ଼

**ନୂଆଦିଲ୍ଲୀ**



୨୦୨୪ ଟି-୨୦ ବିଶ୍ୱକପ ଟାଇଟଲ ଜିତିଥିବା ଟିମ୍ ଇଣ୍ଡିଆର ମୁଖ୍ୟ ପ୍ରଶିକ୍ଷକ ରାହୁଲ ଦ୍ରାବିଡ ଆଇସିସି ଟି-୨୦ ବିଶ୍ୱକପ ୨୦୨୬ ପାଇଁ ଏକ ସାହସିକ ଭବିଷ୍ୟବାଣୀ କରିଛନ୍ତି। ତାଙ୍କର ବିଶ୍ୱାସ ଯେ ଜିମ୍ବାୱେ ଭାରତ ସହିତ ଟୁର୍ଣ୍ଣାମେଣ୍ଟର ଫାଇନାଲରେ ପହଞ୍ଚିଲେ ଏହା ଭଲ ହେବ। ସେ କହିଛନ୍ତି ଯେ ଟିମ ଇଣ୍ଡିଆ ଯାହା ହେଉନା କାହିଁକି ତା'ର ଖେଳ ଯୋଜନା ପାଳନ କରିବା ଉଚିତ। ସୂର୍ଯ୍ୟକୁମାର ଯାଦବଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ ରବିବାର, ଫେବୃୟାରୀ ୨୨ରେ ଅହମଦାବାଦରେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଏହାର ସୁପର ୮ ଅଭିଯାନ ଆରମ୍ଭ କରିଛି।

ଏନଡିଟିଭି ସହିତ କଥାବାର୍ତ୍ତା କରି ରାହୁଲ ଦ୍ରାବିଡ଼ କହିଛନ୍ତି, 'ମୁଁ ଭାବୁଛି ଭାରତର ସବୁଠାରୁ ବଡ଼ ସୁବିଧା ହେଉଛି ଯେ ଆମେ କେବଳ ଗୋଟିଏ କିମ୍ବା ଦୁଇ ଜଣ ଖେଳାଳିଙ୍କ ଉପରେ ନିର୍ଭର କରୁନାହୁଁ। ଆମର ଦଳରେ ଗଭୀରତା ଅଛି। ତେଣୁ ଆପଣ ସେହି ଗଭୀରତା ସାମ୍ନାକୁ ଆସିବା ଆଶା କରିପାରିବେ। ଟି-୨୦ କ୍ରିକେଟ ଅନିଶ୍ଚିତ ଏବଂ ଖେଳର ସବୁଠାରୁ ଅସ୍ଥିର ଫର୍ମାଟ, ଏବଂ ଯେକୌଣସି ଦିନ, ଯେପରି ମୁଁ ଜଣେ ପ୍ରଶିକ୍ଷକ ଭାବରେ ଶିଖିଛି, ଆପଣ ହାରିପାରିବେ।' ପ୍ରକ୍ରିୟାରେ ଲାଗି ରୁହନ୍ତୁ, ଆପଣ ଯାହା କରିପାରିବେ ତାହା କରନ୍ତୁ, ଏବଂ ସର୍ବୋତ୍ତମ ପାଇଁ ଆଶା କରନ୍ତୁ।

ଦ୍ରାବିଡ଼ ଆହୁରି କହିଛନ୍ତି, 'ମୁଁ ଭାରତ ବନାମ ଯେକୌଣସି ଦଳକୁ ନେବି। ଭାରତ ବନାମ ଜିମ୍ବାୱେ ଏହା ଜିମ୍ବାୱେ କ୍ରିକେଟ ପାଇଁ ଏକ ମହାନ ମୁହୂର୍ତ୍ତ ହେବ। ଯଦି ଜିମ୍ବାୱେ ଫାଇନାଲରେ ପହଞ୍ଚିଥାଏ, ତେବେ ଏହା ଆଶ୍ଚର୍ଯ୍ୟଜନକ ହେବ। ମୁଁ ମଧ୍ୟ ଚାହେଁ ଯେ ଭାରତ ସହିତ ଏକ ଛୋଟ ଦଳ ଫାଇନାଲରେ ପହଞ୍ଚିବ। ତାହା ବହୁତ ଭଲ ହେବ।'

ରାହୁଲ ଦ୍ରାବିଡ କହିଛନ୍ତି, 'ମୋ ପାଇଁ, ଏହି ଟି୨୦ ବିଶ୍ୱକପ ବିଷୟରେ ସବୁଠାରୁ ବିଶେଷ କଥା, ଯାହା ବିଷୟରେ ଲୋକମାନେ ବହୁତ କଥା ହେଉଛନ୍ତି, ତାହା ହେଉଛି ଯେ ଅନେକ ସହଯୋଗୀ ଦଳ ଭଲ କ୍ରିକେଟ ଖେଳିଛନ୍ତି। ସହଯୋଗୀ ରାଷ୍ଟ୍ରଗୁଡ଼ିକରେ କେତେ ପ୍ରତିଭା ଉପଲବ୍ଧ ତାହା ଦେଖିବା ଭଲ। ସମସ୍ତ ଦଳ ଭଲ ପ୍ରଦର୍ଶନ କରିଛନ୍ତି। ସେମାନଙ୍କ ମଧ୍ୟରୁ ଅନେକ ସୁପର ୮ ପାଇଁ ଯୋଗ୍ୟତା ଅର୍ଜନ କରି ନାହାନ୍ତି, ଯାହା ଏହି ଫର୍ମାଟରେ ସର୍ବଦା କଷ୍ଟକର, କିନ୍ତୁ ଏହା ସତ୍ତ୍ୱେ, ସେମାନେ ଚମତ୍କାର ଖେଳିଛନ୍ତି ଏବଂ ଦେଖାଇଛନ୍ତି ଯେ ସେମାନଙ୍କ ପାଖରେ ଭଲ ଯୁବ ପ୍ରତିଭା ଅଛି।'

# ଅଲ୍ ଇଣ୍ଡିଆ ରାମଧୂନ କପ୍ ଫୁଟବଲ୍ : ମଙ୍ଗଳା କ୍ଲବ କଟକ ଦଳ ଚାମ୍ପିଅନ

**ସୁବର୍ଣ୍ଣପୁର, ନ୍ୟୁଜ୍‌ବ୍ୟୁରୋ**




ସୁବର୍ଣ୍ଣପୁର ଗାନ୍ଧି ଷ୍ଟାଡିୟମ୍ ଠାରେ ଆୟୋଜିତ ୧୭ତମ ସର୍ବ ଭାରତୀୟ ରାମଧୂନ୍ କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍‌ରେ କଟକ ମଙ୍ଗଳା କ୍ଲବ୍ କଟକ ଓ ଭୁବନେଶ୍ୱର ଜାଗା ୟୁନାଇଟେଡ୍ ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଖେଳ ଶେଷ ସୁଦ୍ଧା ଉଭୟ ଦଳର ୧-୧ ଗୋଲ ସ୍କୋର ହୋଇ ମ୍ୟାଚ୍ ବରାବର ହୋଇଥିଲା। ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ସୁବର୍ଣ୍ଣପୁର ଜିଲ୍ଲାପାଳ ଡ. ନୃପରାଜ ସାହୁ, ସମାଜସେବୀ ଶ୍ରୀବତ୍ସ ମଲ୍ଲିକ, ପ୍ରାକ୍ତନ ଅଧ୍ୟକ୍ଷ କଇରୁ ସ୍ୱାଇଁ, ସମାଜସେବୀ ଶ୍ରୀକାନ୍ତ ମିଶ୍ର, ଜିଲ୍ଲା କ୍ରୀଡ଼ା ସଂଘ ଉପ ସଭାପତି ଚିତ୍ତ ରଞ୍ଜନ ତରାସିଆ, ରାମଧୂନ୍ କ୍ଲବ ଉପଦେଷ୍ଟା ନନ୍ଦ କିଶୋର ତ୍ରିପାଠୀ, କ୍ରୀଡ଼ା ସଂଘ କାର୍ଯ୍ୟକାରିଣୀ ସଦସ୍ୟ ବି. ସତ୍ୟ ନାରାୟଣ ରାଓ ଯୋଗଦେଇ ଆୟୋଜକ କମିଟି ଦର୍ଶକଙ୍କୁ ଉତ୍ସାହିତ କରି ଖେଳାଳିଙ୍କୁ ପୁରସ୍କୃତ କରିଥିଲେ। ମଙ୍ଗଳା କ୍ଲବ କଟକ ଦଳର ଫ୍ରାଞ୍ଚାଇଜ୍ ଫିଟନେସ ଅମ୍ପାୟର ପ୍ରୋପାଇଟର ଦିନେଶ ଦୟାଲ ଓ ଭୁବନେଶ୍ୱର ଜଗା ୟୁନାଇଟେଡ୍ ଦଳର ଫ୍ରାଞ୍ଚାଇଜ୍ ପଶ୍ଚିମ ନ୍ୟୁଜ୍ ଚ୍ୟାନେଲ ଅଧ୍ୟକ୍ଷ ତଥା ସମଲେଶ୍ୱରୀ ନର୍ସିଂ ହୋମ୍‌ର ଏମ୍‌ଡି ସୁଭାଶିଷ ରଥ ସ୍ୱତନ୍ତ୍ର ଅତିଥି ଭାବେ ଯୋଗ ଦେଇଥିବା ବେଳେ ଜିଲ୍ଲାପାଳଙ୍କ ଦ୍ୱାରା ଉଭୟଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଆୟୋଜକ କମିଟି ପକ୍ଷରୁ ଜିଲ୍ଲାପାଳ ଓ ସମସ୍ତ ଅତିଥିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିବା ବେଳେ ୟୁଟୁବର ଅଫିସିଆଲ୍ ଶକ୍ତି ରଞ୍ଜନ, ରୋଷନ ସାହୁ, ବୁଦ୍ଧଦେବ ଶତପଥି, ଶକେଶ କର, ଗଣ ତନ୍ତ୍ର କୁମାର ଓ ଉଦ୍‌ଘୋଷକ ପ୍ରଭୁ ଦାସ କୁମ୍ଭାରଙ୍କୁ ଅତିଥିଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିବା ବେଳେ ରେଫରୀ ସଞ୍ଜୀବ କୁମାର ସାହୁ, ଦେବାଶିଷ ବାଗ , ଜିତୁ ପାତ୍ର, ସଂଜନ୍ କୁଦେଇ, ସୁଶାନ୍ତ ବାଘ, ଅଜୟ ପଧାନ ଭୁକୁଲୁ ବକ୍ସି, ରୋଷନ ମେହେର, ଅଜୟ ପଧାନ, ଗୌରଙ୍ଗ ପାଣ୍ଡେ, ବିଦ୍ୟା ଧର ମିଶ୍ରଙ୍କୁ ମଧ୍ୟ ଅତିଥିଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଛି। ଶେଷ ଦିନ ଯାଏ ଖେଳର ସିଧା ପ୍ରସାରଣ କରିଥିବା ୟୁଟୁବରେ ରାକେଶ ନାଗଙ୍କୁ ଓ ସମସ୍ତ ଦଳର ଫ୍ରାଞ୍ଚାଇଜ୍‌ମାନଙ୍କୁ ମଧ୍ୟ ଜିଲ୍ଲାପାଳଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା। ମ୍ୟାନ ଅଫ ଦି ମ୍ୟାଚ ଭାବେ ବିବେଚିତ ହୋଇଥିବା କଟକ ଦଳର ରାକେଶ ସାହୁଙ୍କୁ ବେଷ୍ଟ ଗୋଲ କିପର ଭାବେ ରବି ଦଳପାତ୍ର, କଟକ, ଏମର୍ଜିଂ ଖେଳାଳି ଜୀତୁ ମୁଦୁଲି କଟକ, ମ୍ୟାନ୍ ଅଫ୍ ଦି ସିରିଜ୍ ଭାବେ ଜୟନ୍ତ ମହତା, ଭୁବନେଶ୍ୱରଙ୍କୁ ଜିଲ୍ଲାପାଳଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଫାଇନାଲ ଖେଳର ଉପବିଜେତା ଦଳ ଜଗା ୟୁନାଇଟେଡ୍ ଭୁବନେଶ୍ୱରକୁ ଟ୍ରଫି ସହ ୩୦ ହଜାର ଟଙ୍କା ନଗଦ ରାଶି ପ୍ରଦାନ କରାଯାଇଥିବା ବେଳେ ଚାମ୍ପିଅନ ଟିମ୍ ମଙ୍ଗଳା କ୍ଲବ କଟକକୁ ବିଜେତା ଟ୍ରଫି ସହ ନଗଦ ୫୦ ହଜାର ଟଙ୍କା ମୁଖ୍ୟ ଅତିଥି ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା। ଦର୍ଶକ ଲଟେରୀର ପ୍ରଥମ ବିଜେତା ଆୟୁଷ୍ମାନ ପଣ୍ଡା, ସୋନପୁର, ଦ୍ୱିତୀୟ ବିଜେତା ବଚିନ ନାଏକ ସୋନପୁର, ଓ ତୃତୀୟ ବିଜେତା ଭାବେ ମୁଲି ପଧାନ ଖଲିଆପାଲିଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଛି। ଫାଇନାଲ ମ୍ୟାଚ୍‌ରେ ମୁଖ୍ୟ ରେଫରି ଭାବେ ସଞ୍ଜୀବ ସାହୁ, ମ୍ୟାଚ୍ କମିଶନର ଭାବେ ଭୁକୁଲୁ ବକ୍ସି ଖେଳ ପରିଚାଳନା ରେ ସହଯୋଗ କରିଥିଲେ। ଶେଷ ଦିନରେ ୧୫ହଜାରରୁ ଉର୍ଦ୍ଧ୍ୱ ଦର୍ଶକ ଖେଳକୁ ଉପଭୋଗ କରିଥିବା ବେଳେ ମନୋରଞ୍ଜନ ତ୍ରିପାଠୀ ଓ ଦିଗାମ୍ବର ଶତପଥି ଅତିଥି ପରିଚୟ ଓ ସଭା ପରିଚାଳନା କରିଥିଲେ। ପ୍ରଭୁଦାସ କୁମ୍ଭାର ଖେଳ ର ପ୍ରତ୍ୟକ୍ଷ ଧାରା ବିବରଣୀ ପ୍ରଦାନ କରିଥିଲେ। କ୍ରୀଡ଼ା ସଂଘ ସଂପାଦକ ପୀୟୂଷ ପଣ୍ଡା, ରାମଧୂନ କ୍ଲବ୍ ସଦସ୍ୟ ବିକାଶ ପଣ୍ଡାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟ କ୍ରମରେ ଶେଷ ଦେବ ମେହେର, ଲଡୁ କିଶୋର ମଲ୍ଲିକ, ସନ୍ତୋଷ ପାଢ଼ୀ, ସୁଭାଷ ବିଶ୍ୱାଳ, ବସିର୍ ମହମ୍ମଦ, ଅନିଲ ସାହୁ, ହୃଷୀକେଶ ପଣ୍ଡା, ରାଜ କୁମାର୍ ନାଏକ, ରାଜୀବ ସାହୁ, ବୁବୁନ ନାଏକ, ଶ୍ରୀତମ୍ ସାହୁ, ବିକାଶ ପାଢ଼ୀ, ପ୍ରିତମ ସରାଫ, ଶ୍ରୀତମ ସରାଫ, ଅମିତ୍ ସାହୁ, ମୁନୁ ମହମ୍ମଦ, ବିଶ୍ୱ, ଚାହଦ, ରିକୁନ ନାଏକ, ସିପୁନ ନାଏକ, ସୁରଜ୍ ସାହୁ, ଚନ୍ଦନ ସାହୁ, ବିଦ୍ୟାଧର ମିଶ୍ର, ସଦା ଶାନ୍ତି ସାହୁ, ଗୁରୁ ଦଳାଇ, ଚନ୍ଦନ ବେହେରା, ଆୟୁଷ ପଣ୍ଡା, ଅଂଶୁମାନ ପଣ୍ଡାଙ୍କ ସମେତ ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

# ଆଜିଠୁ କଳିଙ୍ଗ ଷ୍ଟାଡ଼ିୟମରେ ଓଡ଼ିଶା ଏଫ୍‌ସିର ଆଇଏସ୍‌ଏଲ୍ ଅଭିଯାନ

**ଭୁବନେଶ୍ୱର**

ବହୁଦିନର ଅନିଶ୍ଚିତତା ଏବଂ ଅସ୍ୱାଭାବିକ ସଂଶୟ ଓ ଦ୍ୱନ୍ଦ୍ୱ ପରେ କଳିଙ୍ଗ ଷ୍ଟାଡିୟମ୍‌କୁ ପୁଣି ଥରେ ଆଇଏସ୍‌ଏଲ୍ ଫେରିବାକୁ ଯାଉଛି। ରାଜ୍ୟର ଏକମାତ୍ର ପେସାଦାର ଫୁଟ୍‌ବଲ୍ କ୍ଲବ୍ 'ଓଡ଼ିଶା ଏଫ୍‌ସି' ମଙ୍ଗଳବାରଠାରୁ ତା'ର ଆଇଏସ୍‌ଏଲ୍ ଅଭିଯାନ ଏଠାରେ ଆରମ୍ଭ କରିବ। କଳିଙ୍ଗ ଷ୍ଟାଡିୟମ୍‌ରେ ଖେଳିବାକୁ ଥିବା ପ୍ରଥମ ମ୍ୟାଚ୍‌ରେ ଆଇଲିଗ୍ ବିଜେତା ଇଣ୍ଟର କାଶୀ ଦଳକୁ ଭେଟିବ। ଏହି ପ୍ରତୀକ୍ଷିତ ମୁକାବିଲା ରାତି ୭ଟା ୩୦ରୁ ଆରମ୍ଭ ହେବ। ଯାହା ଘରୋଇ ଫୁଟ୍‌ବଲ୍‌ପ୍ରେମୀଙ୍କ ପାଇଁ ଖୁସିର ଖବର ହୋଇଛି। ଆଇଏସଏଲ୍‌ର ପ୍ରଥମ ସପ୍ତାହରେ ଓଡ଼ିଶା ଏଫ୍‌ସି କୌଣସି ମ୍ୟାଚ୍ ଖେଳି ନଥିଲା।



ଇଣ୍ଟର କାଶୀ ଅନ୍ୟପକ୍ଷରେ ନିଜ ପ୍ରଥମ ସପ୍ତାହର ପ୍ରଥମ ମ୍ୟାଚ୍‌ରେ ସୁପର କପ୍ ବିଜେତା ଏଫ୍‌ସି ଗୋଆକୁ ଭେଟିଥିଲା। ଏହି ମ୍ୟାଚ୍‌ରେ ଦମଦାର ପ୍ରଦର୍ଶନ କରି ୧-୧ରେ ମ୍ୟାଚ୍ ଅମୀମାଂସିତ ରଖିବା ସହ ଏଫ୍‌ସି ଗୋଆକୁ ପଏଣ୍ଟ ବାଣ୍ଟିବାକୁ ବାଧ୍ୟ କରିଥିଲା। ଏଣୁ ମଙ୍ଗଳବାର ମ୍ୟାଚ୍ ତୀବ୍ର ସଂଘର୍ଷପୂର୍ଣ୍ଣ ଓ ଉତ୍କଣ୍ଠାଭରା ରହିବ ବୋଲି ଆଶା କରାଯାଉଛି। ଇଣ୍ଟର କାଶୀ ଅପେକ୍ଷା ଓଡ଼ିଶା ଏଫ୍‌ସି ପାଇଁ କିନ୍ତୁ ଏହି ମ୍ୟାଚ୍ ନୂଆ ପରୀକ୍ଷା ନେଇ ଆସିବ। କାରଣ ଗତ ୧୦ ମାସ ହେବ ଦଳ କୌଣସି ପ୍ରତିଦ୍ୱନ୍ଦ୍ୱିତାପୂର୍ଣ୍ଣ ଫୁଟ୍‌ବଲ୍ ଖେଳି ନଥିଲା ବେଳେ ଏହି ମ୍ୟାଚ୍ ଲାଗି ପ୍ରସ୍ତୁତି କରିବାକୁ ମାତ୍ର ୬ ଦିନର ସମୟ ପାଇଛି। ଓଡ଼ିଶା ଏଫ୍‌ସି ମଧ୍ୟ ଏକମାତ୍ର ଆଇଏସ୍‌ଏଲ୍ ଦଳ ଭାବେ ଏଆଇଏଫ୍‌ଏଫ୍ ସୁପର କପ୍‌ରେ ଅଂଶଗ୍ରହଣ କରି ନଥିଲା।

ଶେଷ ଦଳ ଭାବେ ୨୦୨୫-୨୬ ଋତୁରେ ଅଂଶଗ୍ରହଣ କରିବା ନିଶ୍ଚିତ କରିଥିଲା। ସେହିଭଳି କଳିଙ୍ଗ ଷ୍ଟାଡିୟମ୍‌ରେ ମ୍ୟାଚ୍ ଖେଳିବା ଓ ଅଭ୍ୟାସ କରିବା ଲାଗି ସରକାରୀ ମଞ୍ଜୁରୀ ମଧ୍ୟ ଏହି ଦଳକୁ ଗତ ୧୮ ତାରିଖରେ ହିଁ ମିଳିଥିଲା। ମୁଖ୍ୟ ପ୍ରଶିକ୍ଷକ ସର୍ଗିଓ ଲୋବେରା ଦଳ ଛାଡ଼ି ଦେଇଥିଲା ବେଳେ ୬ଜଣ ବିଦେଶୀ ଖେଳାଳିଙ୍କ ମଧ୍ୟରୁ ୫ଜଣ ଆଉ ଦଳରେ ନାହାନ୍ତି। ଆମି ରନୱାଡେ, ଜେରି ମାୱିଆ, ଜେରି ଶର୍ଲିନଜୁଲାଙ୍କ ଭଳି ଘରୋଇ ଖେଳାଳି ମଧ୍ୟ ଦଳ ଛାଡ଼ି ଦେଇଛନ୍ତି। ଏଣୁ ଦଳୀୟ ଖେଳାଳିଙ୍କ ମଧ୍ୟରେ ତାଳମେଳ ଓ ସମନ୍ୱୟ ମୁଖ୍ୟ ସମସ୍ୟା ହେବାକୁ ଯାଉଛି। ଟିଜି ପୁରୁଷୋତ୍ତମନ ଦଳର ନୂଆ ପ୍ରବନ୍ଧକ ଓ ପ୍ରଶିକ୍ଷକ ନିଯୁକ୍ତ ହୋଇଛନ୍ତି। ଦଳ ମଧ୍ୟ ୭ଜଣ ନୂଆ ବିଦେଶୀ ଖେଳାଳିଙ୍କୁ ଦଳରେ ସାମିଲ କରିଛି। ଦଳରେ ବହୁ ସମସ୍ୟା ଥିବା ସୋମବାର ପ୍ରାକ୍ ମ୍ୟାଚ୍ ସାମ୍ବାଦିକ ସମ୍ମିଳନୀରେ ପୁରୁଷୋତ୍ତମନ ସ୍ୱୀକାର କରିଛନ୍ତି। ତଥାପି ସେମାନେ ଇଣ୍ଟର କାଶୀ ଦଳକୁ କଡ଼ା ଟକ୍କର ଦେବେ ବୋଲି ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ପ୍ରମୁଖ ଖେଳାଳି କାର୍ଲୋସ୍ ଡେଲଗାଡୋ ମଧ୍ୟ ଓଡ଼ିଶା ଏଫ୍‌ସି ବିଜୟରୁ ଅଭିଯାନ ଆରମ୍ଭ କରିବ ବୋଲି ଆଶା ରଖିଛନ୍ତି।

# ବିରାଟ କୋହଲିଙ୍କ ସ୍ଥାନ ପୂରଣ କରିପାରୁନି ଟିମ୍ ଇଣ୍ଡିଆ

**ଅହମଦାବାଦ**

ଟ୍ୱେଣ୍ଟି-୨୦ ବିଶ୍ୱକପ୍ ସୁପର-୮ରେ ଦକ୍ଷିଣ-ଆଫ୍ରିକାଠାରୁ ଶୋଚନୀୟ ପରାଜୟ ବରଣ କରିବା ପରେ ଭାରତୀୟ ଦଳର ବ୍ୟାଟିଂରେ ଥିବା ଦୁର୍ବଳତା ପୁଣି ପଦାରେ ପଡ଼ିଯାଇଛି। ଗ୍ରୁପ୍ ପର୍ଯ୍ୟାୟରେ ଯେଉଁ ଦୁର୍ବଳତା ଦେଖାଦେଇ ଥିଲା ତାହାର ଭରପୁର ସୁଯୋଗ ନେଇଛି ଦକ୍ଷିଣ ଆଫ୍ରିକା। ତେବେ ଭାରତୀୟ ଦଳର ଏହି ଦୁର୍ବଳତା ଆରମ୍ଭ ହୋଇଥିଲା ୨୦୨୪ରେ ବିରାଟ କୋହଲିଙ୍କ ଅବସର ପରେ।

ଆଜିକାଲି ଭାରତୀୟ ବ୍ୟାଟରମାନେ ଏକ ଅତି ଆକ୍ରାମକ ଆଭିମୁଖ୍ୟ ରଖି ଖେଳୁଥିବାବେଳେ ପୂର୍ବରୁ ୩ ନମ୍ବରେ ଆସି ବିରାଟ କୋହଲି ଯେଉଁ 'ସୁରକ୍ଷା ଜାଲ' ପ୍ରଦାନ କରୁଥିଲେ ତାହାର ଅଭାବ ଅନୁଭବ ହେଉଛି। ଓପନରମାନେ ବିଫଳ ହେଲେ ଏହି 'ସୁରକ୍ଷା ଜାଲ' କାମରେ ଆସୁଥିଲା। ବର୍ତ୍ତମାନ ୩ ନମ୍ବରରେ ଆସୁଥିବା ତିଳକ ବର୍ମା ଏହି ଅଭାବ ପୂରଣ ପାଇଁ ଉଦ୍ୟମ କରୁଥିଲେ ବି ସେ ବିରାଟଙ୍କ ପରି ସଫଳ ହୋଇ ପାରୁନାହାନ୍ତି। ଚଳିତ ବିଶ୍ୱକପ୍‌ରେ ଏପର୍ଯ୍ୟନ୍ତ ତିଳକ ବର୍ମାଙ୍କ ସ୍କୋର ହେଉଛି ୨୫,୨୫,୨୫, ୩୧ ଓ ୧। ବିରାଟ ଯେପରି ପରିସ୍ଥିତି ଓ ପିଚ୍‌କୁ ଦେଖି ନିଜର ବ୍ୟାଟିଂ କୌଶଳ ଓ ଅଭିମୁଖ୍ୟରେ ପରିବର୍ତ୍ତନ କରନ୍ତି, ତାହା ଏବେ ଆଉ ନାହିଁ। ଅଧିକାଂଶ ବ୍ୟାଟର କେବଳ ଛକା ଚୌକା ମାରିବାକୁ ଉଦ୍ୟମ କରୁଛନ୍ତି। ପରିସଂଖ୍ୟାନ ଅନୁସାରେ ଟ୍ୱେଣ୍ଟି-୨୦ ବିଶ୍ୱକପ ଇତିହାସରେ ଭାରତ ଏପର୍ଯ୍ୟନ୍ତ ତିନିଥର ୧୬୦ରୁ ଅଧିକ ଲକ୍ଷ୍ୟର ସଫଳ ପଶ୍ଚାତ୍‌ଧାବନ କରିପାରିଛି। ଏହି ତିନୋଟି ସଫଳ ପଶ୍ଚାତ୍‌ଧାବନ ପଛରେ ବିରାଟଙ୍କ ହାତ ରହିଛି।



ଭୁବନେଶ୍ୱର : ଗାଡ଼କଣ ନିକଟସ୍ଥ ଓମ୍ ସାଇ ବିହାରରେ ସାଇବାବା, ମା'ମଙ୍ଗଳା ଓ ନୀଳକଣ୍ଠେଶ୍ୱର ମହାଦେବଙ୍କ ମନ୍ଦିର ପ୍ରତିଷ୍ଠା ନିମନ୍ତେ କଳସ ଶୋଭାଯାତ୍ରା (ସମ୍ବାଦ କଳିକା)

32001/121/2526

GOVERNMENT OF ODISHA
OFFICE OF THE EXECUTIVE ENGINEER
MURAN DAM DIVISION, AT/PO-KHATIGUDA,
DIST-NABARANGPUR, PIN-764085.
Email I.D- eemurandamdivision@gmail.com
e-Procurement Notice

Bid Identification No.: - EEMDD-06(01)/2025-26, Dated: - 19.02.2026

Bid Documents consisting of work, Estimated Cost of bid document, time of completion, Class of Contractors and the set of terms and conditions of contract and other necessary documents can be seen in Govt. Website i.e. www.tendersodisha.gov.in

| | |
|---|---|
| 1. Name of the Work | Civil Works |
| 2. No. of Works | One Number |
| 3. Estimated cost | Rs.78.75 Lakhs |
| 4. Eligibility of the bidders | Ranging from 'B' Class (Odisha P.W.D or equivalent class of other licensing authority) as per Detail Tender Call Notice. |
| 5. Period of completion | Three Calendar Months |
| 6. Date of Clarification | 25.02.2026 to 27.02.2026 Only During Office Hour |
| 7. Time for receipt of bid in the portal | From 25.02.2026 11.00 AM to 11.03.2026 (up to 5:00 P.M) |
| 8. Date & place of opening of the bids on-line | 12.03.2026 (11:30 A.M) O/o The E.E. Muran Dam Division, UIDC Khatiguda. |
| 9. Name and address of the Tender Inviting Authority(TIA) | Executive Engineer Muran Dam Division, At/Po: Khatiguda, District: Nabarangpur |

Further details can be seen from the e-procurement portal http://tendersodisha.gov.in

Sd/- Executive Engineer
Muran Dam, Division, Khatiguda

OIPR-32001/32230/1/25-26/0002

GOVERNMENT OF ODISHA 25001/201/2526
OFFICE OF THE SUPERINTENDING ENGINEER
RURAL WORKS DIVISION, DEOGARH.
E-mail Id – eerw_deogarh@yahoo.co.in
E-Procurement Notice
BID.IDENTIFICATION NO. SERWDGH-Online- 19/2025-26

1. No of Building work :- (03 Nos)
2. Estimated Cost:- Approx. Rs.58.82 Lakhs to Rs.58.83 Lakhs.
3. Mode of submission of tender:-Tender shall be submitted online in www.tendersodisha.gov.in
4. Availability of tender for online bidding:–27.02.2026, 10.00 A.M to 10.03.2026 up to 5.00 P.M
5. Date and time of opening of tender: –11.03.2026, 11.00 A.M
6. Other details can be seen from the website www.tendersodisha.gov.in
7. Corrigendum / Addendum if any shall only be published in the above website.

Sd/- Superintending Engineer
R.W. Division, Deogarh

OIPR-25001/25087/1/25-26/0012

## ପରୋପକାରୀ ମହିଳାଙ୍କ ଦେହାନ୍ତ

**ବ୍ରହ୍ମପୁର, ନ୍ୟୁଜ୍‌ବ୍ୟୁରୋ**

ବ୍ରହ୍ମପୁର ଅନ୍ନପୂର୍ଣ୍ଣା ନଗର ୪ର୍ଥ ଲାଇନ ନିବାସୀ ତଥା ଜଳ ସେଚନ ବିଭାଗର ଅବସର ପ୍ରାପ୍ତ ମୁଖ୍ୟ ଯନ୍ତ୍ରୀ ସଞ୍ଜୀବ କୁମାର ଦାସ ଶର୍ମାଙ୍କ ଧର୍ମପତ୍ନୀ ମନୀଷା ଦାସ ଶର୍ମାଙ୍କ ଶନିବାର ପରଲୋକ ଘଟିଛି। ସେ ଗତ ୬ ମାସ ଧରି ଫୁସ୍‌ଫୁସ୍ ଜନିତ କର୍କଟ ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଥିଲେ। ପୁଣି ନିମୋନିଆରେ ଆକ୍ରାନ୍ତ ହୋଇ ଡାକ୍ତରଙ୍କ ସତ ଚେଷ୍ଟା ସତ୍ତ୍ୱେ ସେ ମୃତ୍ୟୁ ବରଣ କଲେ। ମୃତ୍ୟୁ ବେଳକୁ ତାଙ୍କୁ ୫୭ ବର୍ଷ ହୋଇଥିବା ବେଳେ ମୃତ୍ୟୁ ଶଯ୍ୟା ନିକଟରେ ତାଙ୍କ ପୁତ୍ର ପ୍ରିତିଶ, ଝିଅ ଆକାଂକ୍ଷା ପୁତ୍ର ବଧୂ, ଜ୍ୱାଇଁ ନାତି ନାତୁଣୀ ସମସ୍ତେ ଉପସ୍ଥିତ ରହିଥିଲେ। ସେ ଜଣେ ପରୋପକାରୀ, ମିଷ୍ଟଭାଷୀ ଉଦାର ମହିଳା ଭାବେ ପରିଚିତ ଥିଲେ। ତାଙ୍କର ମୃତ୍ୟୁରେ ଜଳ ସେଚନ ବିଭାଗ ବ୍ରହ୍ମପୁର ବେସିନର ସମସ୍ତ କର୍ମଚାରୀ ପରିବାର ବର୍ଗ ଓ ଅନ୍ନପୂର୍ଣ୍ଣା ନଗର ବାସୀ ଶୋକ ପ୍ରକାଶ କରିଛନ୍ତି।

# ଭାରତ ମସଲା ପରିବାର ପକ୍ଷରୁ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ୍

**ବାରଙ୍ଗ, ନ୍ୟୁଜ୍‌ବ୍ୟୁରୋ**

ଭାରତ ମସଲା ପରିବାର ପ୍ରିମିୟର ଲିଗ ଅନୁଷ୍ଠିତ। ଭାରତ ମସଲା ପକ୍ଷରୁ ଏକ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ୍ ସ୍ଥାନୀୟ ରାମଦାସପୁର ଖେଳ ପଡିଆରେ ଅନୁଷ୍ଠିତ ହୋଇଯାଇଛି। କେବଳ କର୍ମକ୍ଷେତ୍ରରେ ନିଜକୁ ସିମୀତ ନ ରଖି ନିଜ ମଧ୍ୟରେ ଥିବା ପ୍ରତିଭାକୁ ପ୍ରଦର୍ଶିତ କରିବା ହେଉଛି ଭାରତ ମସଲାର ମୁଖ୍ୟ ଉଦ୍ଦେଶ୍ୟ। ପ୍ରତିଭା କେବଳ କୌଣସି ନିର୍ଦ୍ଦିଷ୍ଟ ବ୍ୟକ୍ତି ବିଶେଷ ମଧ୍ୟରେ ନଥାଏ ପ୍ରତିଭା ସମସ୍ତଙ୍କ ମଧ୍ୟରେ ରହିଛି। ଯାହାକୁ ପ୍ରଦର୍ଶିତ କରିବାକୁ ଭାରତ ମସଲା ମ୍ୟାନେଜିଂ ଡାଇରେକ୍ଟର ସୁଶାନ୍ତ ପଣ୍ଡା ପ୍ରୟାସ ଆରମ୍ଭ କରିଛନ୍ତି। ନିଜ କର୍ମଚାରୀଙ୍କୁ ମଧ୍ୟରେ ଥିବା ପ୍ରତିଭା ଓ ସ୍ୱାସ୍ଥ୍ୟ ପାଇଁ ଯତ୍ନବାନ ହେବାକୁ ନିର୍ଦ୍ଦେଶ ଦେଇ ଏକ ନୂତନ ପ୍ରୟାସ ଆରମ୍ଭ କରିଛନ୍ତି। ସ୍ଥାନୀୟ ରାମଦାସପୁର ଖେଳ ପଡ଼ିଆରେ ନିଜ କର୍ମଚାରୀଙ୍କୁ ନେଇ ଏକ କ୍ରିକେଟ ମ୍ୟାଚ୍ ଆୟୋଜିତ ହୋଇଥିଲା। ଯେଉଁଥିରେ ୪ଟି ଦଳ ଅଂଶଗ୍ରହଣ କରିଥିଲେ। କୁଲ ଚ୍ୟାଲେଞ୍ଜର, ଷ୍ଟ୍ରଙ୍ଗ ଷ୍ଟ୍ରାଇକର, ଗୋଲଡେନ ୱାରିଅର, ତିଖା ଟାଇଟନସ୍ ଆଦି ୪ଟି ଟିମକୁ ନେଇ ୬ ଓଭର ବିଶିଷ୍ଟ ଏହି ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଜେତା ହୋଇଥିଲେ ଷ୍ଟ୍ରଙ୍ଗ ଷ୍ଟ୍ରାଇକର ଟିମ୍ ଏବଂ ଉପ ବିଜେତା ହୋଇଥିଲେ ଗୋଲଡେନ ୱାରିଅର। ଉଭୟ ବିଜେତା ଓ ଉପ ବିଜେତା ଦଳକୁ ଭାରତ ମସଲାର ମ୍ୟାନେଜିଂ ଡାଇରେକ୍ଟର ସୁଶାନ୍ତ ପଣ୍ଡା ଓ ଚେୟାରମ୍ୟାନ ସନ୍ତୋଷ ପଣ୍ଡା ପୁରସ୍କାର ପ୍ରଦାନ କରିଥିଲେ। ଆଗାମୀ ବର୍ଷ ମାନଙ୍କରେ ମଧ୍ୟ ଏହିପରି କାର୍ଯ୍ୟକ୍ରମ ଜାରି ରହିବ ବୋଲି କୁହାଯାଇଛି।

# କ୍ୟାପିଟାଲ କପ-୨୦୨୬ର ଚାମ୍ପିଅନ ହେଲା ପ୍ରିଣ୍ଟ ମିଡ଼ିଆ ଟିମ୍

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**



ଓଲ୍ଡ ଟାଉନ ରାମେଶ୍ୱର ସ୍ପୋଟିଙ୍ଗ ଗ୍ରାଉଣ୍ଡରେ ଅନୁଷ୍ଠିତ ହୋଇଯାଇଥିବା କ୍ୟାପିଟାଲ କପ-୨୦୨୬ରେ ଚାମ୍ପିଅନ ହୋଇଛି ପ୍ରିଣ୍ଟ ମିଡ଼ିଆ ଟିମ୍। ଲଗାତର ତିନୋଟି ଟିମ୍‌କୁ ହରାଇ ହୋଇଥିଲା ଚାମ୍ପିଅନ। ଏହି ଟର୍ଣ୍ଣାମେଣ୍ଟରେ ଭାଗ ନେଇଥିଲେ ଓଡ଼ିଶା ପୋଲିସ, କମିଶନରେଟ ପୋଲିସ, ଇଲୋକ୍ଟ୍ରୋନିକ୍ସ ମିଡ଼ିଆର କ୍ରାଇମ ରିପୋର୍ଟର ଟିମ୍, ପ୍ରିଣ୍ଟ ମିଡ଼ିଆର କ୍ରାଇମ ରିପୋର୍ଟର ଟିମ୍, ଅଗ୍ନିଶମ ବିଭାଗ, ଜେଲ୍ ବିଭାଗର ଟିମ୍, ସେଲିବ୍ରେଟି ଟିମ୍, କ୍ରିକେଟ ଆୟୋଜକ ଟିମ୍ ଭାଗ ନେଇଥିଲେ। ଓଡ଼ିଶା ପୋଲିସକୁ ବାଜିମାରୀ ଶେଷରେ ପ୍ରିଣ୍ଟ ମିଡ଼ିଆ ଟିମ୍ ଚାମ୍ପିଅନ ହୋଇଥିଲା। ବହୁ ପ୍ରତୀକ୍ଷିତ କ୍ୟାପିଟାଲ୍ କପ୍-୨୦୨୬ ଉତ୍ସାହ ଓ ଉଦ୍ଦୀପନାର ସହିତ ସଫଳତା ସହ ଆୟୋଜିତ ହୋଇଥିଲା। ଏହି କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ୍ କେବଳ ଖେଳ ମାତ୍ର ନୁହେଁ, ବରଂ ସାଇବର୍ ସୁରକ୍ଷା, ଡିଜିଟାଲ୍ ଦାୟିତ୍ୱବୋଧ ଓ ସାମାଜିକ ସଚେତନତା ପ୍ରଚାରର ଏକ ଗୁରୁତ୍ୱପୂର୍ଣ୍ଣ ମଞ୍ଚ ଭାବେ ପରିଣତ ହୋଇଥିଲା। ଏହି ଟୁର୍ଣ୍ଣାମେଣ୍ଟକୁ ଗରିମାମୟ କରିଥିଲେ ସୁରେଶ୍ ଡିଭି ଦତ୍ତ ସିଂହ, କମିଶନର୍ ଅଫ୍ ଟ୍ୱିନ୍ ସିଟି ପୋଲିସ, ଭୁବନେଶ୍ୱର ଓ କଟକ, ସୁଶାନ୍ତ କୁମାର ନାଥ, ଡିରେକ୍ଟର୍ ଜେନେରାଲ୍ ଅଫ୍ ଓଡ଼ିଶା ପ୍ରିଜନ୍ ଏବଂ ବିରେନ୍ ସାହୁ, ଡିଆଇଜି ପ୍ରିଜନ୍। ତାଙ୍କର ଉପସ୍ଥିତି ଯୁବ ସମାଜ ମଧ୍ୟରେ ସଚେତନତା ସୃଷ୍ଟି ପାଇଁ ଖେଳର ଭୂମିକାକୁ ଗୁରୁତ୍ୱ ପ୍ରଦାନ କରିଥିଲା। ଏହା ସହିତ ଅନୁଷ୍ଠାନକୁ ଶୋଭା ଦେଇଥିଲେ ଜ୍ଞାନରଞ୍ଜନ ମହାନ୍ତି (ଓଡ଼ିଶା ଷ୍ଟେଟ୍ ବାର୍ କାଉନ୍ସିଲ ସଦସ୍ୟ ଓ ଇଙ୍ଖଇ ଅଧ୍ୟକ୍ଷ), ସୁରେଶ୍ କୁମାର ରାଉତରାୟ (ପୂର୍ବତନ କ୍ରୀଡ଼ା ମନ୍ତ୍ରୀ, ଓଡ଼ିଶା), ସର୍ବେଶ୍ୱର ସାହୁ (ସୁପରିଟେଣ୍ଡେଣ୍ଟ୍, ସ୍ପେଶାଲ୍ ଜେଲ୍, ଭୁବନେଶ୍ୱର) ଏବଂ ରବିନ୍ଦ୍ର କୁମାର ମହାରଣା (ଜେନେରାଲ୍ ମ୍ୟାନେଜର, ମିଲ୍କି ମୁଁ)। ଅନୁଷ୍ଠାନରେ ଗଦାଧର ଦାସ (ଆଣ୍ଡାମାନ୍ ଏକ୍ସପ୍ରେସ୍), ଶିବ ପ୍ରସାଦ ବେହେରା (କର୍ପୋରେଟର, ୱାର୍ଡ ୫୪), ଚନ୍ଦ୍ରଶେଖର ମଲ୍ଲିଆ (କର୍ପୋରେଟର, ୱାର୍ଡ ୬୦), ବିରଞ୍ଚି ମହାସୁପକାର (ବିଜେଡି ଯୁବ ଅଧ୍ୟକ୍ଷ), ଦେବବ୍ରତ ନାୟକ (ସିଟୁ), ସ୍ଥାପକ – ଦେବ ଯୁଗଙ୍କ ଉପସ୍ଥିତି ଉଲ୍ଲେଖନୀୟ ଥିଲା। ଅନୁଷ୍ଠାନର ଏକ ବିଶେଷ ଆକର୍ଷଣ ଥିଲେ ଇଣ୍ଡିଆନ୍ ଆଇଡଲ୍ ପ୍ୟାନେଲ୍ ଜଜ୍ ଅଭିଜିତ୍ ମିଶ୍ର, ଯିଏ ଖେଳାଳିମାନଙ୍କୁ ଉତ୍ସାହିତ କରି ଅନୁଷ୍ଠାନର ମାନକୁ ଆହୁରି ବଢ଼ାଇଥିଲେ। ଏହି ଟୁର୍ଣ୍ଣାମେଣ୍ଟର ସଫଳ ଆୟୋଜନ ପାଇଁ ଆୟୋଜକମାନେ ନାରାୟଣ ମହାରଣା (ଟ୍ରଷ୍ଟ ଅଧ୍ୟକ୍ଷ), ଜିତେନ୍ଦ୍ର ସାହୁ (ଉପାଧ୍ୟକ୍ଷ), ଚିନ୍ମୟ ମହାନ୍ତି (ସୁପ୍ରିମ୍ କୋର୍ଟ ଅଧିବକ୍ତା), ରଞ୍ଜୀତ୍ ମହାରଣା (ୱାର୍କିଙ୍ଗ ସେକ୍ରେଟାରୀ, ଅଲ୍ ଓଡ଼ିଶା ଲୟର୍ ଆସୋସିଏସନ୍) ଏବଂ ବିଷ୍ଣୁ କୁମାର ପ୍ରଧାନ ସମସ୍ତ ଅତିଥି, ଖେଳାଳି ଓ ସମର୍ଥକମାନଙ୍କୁ କୃତଜ୍ଞତା ଜଣାଇଥିଲେ। ଆୟୋଜକମାନଙ୍କ କହିବା ଅନୁସାରେ, କ୍ୟାପିଟାଲ୍ କପ୍ ୨୦୨୬ ଖେଳ ସହିତ ସାମାଜିକ ସଚେତନତାକୁ ଯୋଡ଼ିବାର ଏକ ପ୍ରୟାସ, ଯାହା ଯୁବ ପିଢ଼ୀମାନଙ୍କ ମଧ୍ୟରେ ସାଇବର୍ ସୁରକ୍ଷା ଓ ଦାୟିତ୍ୱଶୀଳ ଡିଜିଟାଲ୍ ବ୍ୟବହାର ପ୍ରଚାରରେ ମୂଲ୍ୟବାନ ଭୂମିକା ନେବ। ଏହି ଟୁର୍ଣ୍ଣାମେଣ୍ଟ୍ ଏକତା, ଶିଷ୍ଟାଚାର ଓ ସଚେତନତାର ଉଦ୍ଦୀପକ ଉଦାହରଣ ସୃଷ୍ଟି କରିଛି, ଯାହା ଖେଳକୁ ସାମାଜିକ ପରିବର୍ତ୍ତନର ଶକ୍ତିଶାଳୀ ମାଧ୍ୟମ ଭାବେ ପ୍ରମାଣିତ କରିପାରିଛି।





# ରାଜ୍ୟରେ କମୁଛି ଅପରାଧ, ଅପରାଧିକ ଗ୍ରାଫ ତଳ ମୁହାଁ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ରାଜ୍ୟରେ କମୁଛି ଅପରାଧ, ଅପରାଧିକ ଗ୍ରାଫ ତଳ ମୁହାଁ । ଫେବ୍ରୁଆରୀ ୨୦୨୩ ରୁ ଜୁନ ୨୦୨୪ ତୁଳନାରେ ଜୁଲାଇ ୨୦୨୪ ରୁ ଡିସେମ୍ବର ୨୦୨୫ ମଧ୍ୟରେ ରାଜ୍ୟରେ କମିଛି ଅପରାଧ। ଦୁଷ୍କର୍ମ ମାମଲା ୩.୫ ପ୍ରତିଶତ ହ୍ରାସ, ଅସଦାଚରଣ ମାମଲା ୨.୨ ପ୍ରତିଶତ ହ୍ରାସ, ସର୍ବସାଧାରଣ ସ୍ଥାନରେ ମହିଳାଙ୍କୁ ଦୁର୍ବ୍ୟବହାର ୨୬.୮ ପ୍ରତିଶତ ହ୍ରାସ, ଯୌତୁକ ଜନିତ ହତ୍ୟା ମାମଲା ୮.୩ ପ୍ରତିଶତ ହ୍ରାସ ପାଇଛି । ସେହିପରି ମହିଳାଙ୍କ ଉପରେ ଏସିଡ୍ ମାଡ଼ ୭୩.୩ ପ୍ରତିଶତ ହ୍ରାସ, ଅଣ ଯୌତୁକ ନିର୍ଯ୍ୟାତନା ମାମଲା ୧.୬ ପ୍ରତିଶତ ହ୍ରାସ, ହତ୍ୟା ମାମଲା ୭.୪ ପ୍ରତିଶତ ହ୍ରାସ ପାଇଛି । ସେହିପରି ମହିଳା ହିଂସା ମାମଲା ସାମଗ୍ରିକ ଭାବେ ପ୍ରାୟତଃ ସ୍ଥିର ରହିଛି ।

୨୦୨୫ ମସିହାର ମହିଳା ହିଂସା ତଥ୍ୟ । ଦୁଷ୍କର୍ମ ୨୯୯୪, ଦୁଷ୍କର୍ମ ଉଦ୍ୟମ ୧୧୫, ମହିଳା ଅପହରଣ ୭୩୭୮, ମହିଳା ଚାଲାଣ ୪୪୦, ଅସଦାଚରଣ ୭୩୮୨, ଯୌନ ନିର୍ଯ୍ୟାତନା ୧୧୮୩, ସର୍ବସାଧାରଣ ସ୍ଥାନରେ ମହିଳାଙ୍କୁ ଦୁର୍ବ୍ୟବହାର ୧୪୪୮, ଖରାପ ଉଦ୍ଦେଶ୍ୟ ରଖି ମହିଳାଙ୍କୁ ପିଛା କରିବା ୪୮୫, ଏସିଡ ଆକ୍ରମଣ ଉଦ୍ୟମ ୧ ରହିଛି । ମହିଳା ଚାଲାଣ ୧୧୧, ଅଶୀଳ ଇଙ୍ଗିତ ୭୫୭, ଯୌତୁକ ଜନିତ ନିଆଁ ପୋଡ଼ି ୧୪୫, ଯୌତୁକ ଜନିତ ଆତ୍ମହତ୍ୟା ୭୭, ଯୌତୁକ ଜନିତ ନିର୍ଯ୍ୟାତନା ୪୩୬୧ ଓ ବଧୂ ନିର୍ଯ୍ୟାତନା ୫୪୧୯ ରହିଛି ।

ସେହିପରି ୨୦୨୫ ବର୍ଷ ରେ ମୋଟ ୧୩୦୪ ଟି ହତ୍ୟାକାଣ୍ଡ ଘଟିଛି । ଭାରତୀୟ ନ୍ୟାୟ ସଂହିତା ଅନୁଯାୟୀ ୨୦୨୫ ମସିହାରେ ୭୩ ହଜାର ୧୪୮ ମାମଲା ରୁଜୁ ହୋଇଥିବା ବେଳେ ସେଥିମଧ୍ୟରୁ ୨୭ ହଜାର ୭୧୩ ମାମଲା ଫଇସଲା ହୋଇଛି । ଏନେଇ ବିଧାନସଭାରେ ଲିଖିତ ଉତ୍ତର ରଖିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ମାଝୀ ।

# ଓସିଏର ସ୍ୱତନ୍ତ୍ର ସାଧାରଣ ବୈଠକ ଏବଂ ମୁଖ୍ୟମନ୍ତ୍ରୀଙ୍କ ସହ ସୌଜନ୍ୟମୂଳକ ସାକ୍ଷାତ

**କଟକ, ନ୍ୟୁଜ ବ୍ୟୁରୋ**

ଓଡ଼ିଶା କ୍ରିକେଟ୍ ଆସୋସିଏସନ୍ (ଓସିଏ) କଟକର ବାରବାଟୀ ଷ୍ଟାଡିୟମରେ ଥିବା ଓସିଏ ସମ୍ମିଳନୀ ହଲରେ ଏହାର ସ୍ୱତନ୍ତ୍ର ସାଧାରଣ ବୈଠକ କରିଥିଲା । ଏହି ବୈଠକରେ ଗୃହରେ ଉପସ୍ଥିତ ସଦସ୍ୟମାନେ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କୁ ତାଙ୍କର ପୂର୍ଣ୍ଣ ସମର୍ଥନ ଏବଂ କଟକର ବାରବାଟୀ ଷ୍ଟାଡିୟମରେ ଟି-୨୦ ଆନ୍ତର୍ଜାତୀୟ କ୍ରିକେଟ୍ ମ୍ୟାଚ୍ (ଭାରତ ବନାମ ଦକ୍ଷିଣ ଆଫ୍ରିକା) ସୁଗମ ସମାପ୍ତି ପାଇଁ ଧନ୍ୟବାଦ ଜଣାଇବା ପାଇଁ ସର୍ବସମ୍ମତ ପ୍ରସ୍ତାବ ଗ୍ରହଣ କରିଥିଲେ। ବୈଠକର ପରିଣାମ ସ୍ୱରୂପ, ଓସିଏ ସଚିବ ଶ୍ରୀ ସଞ୍ଜୟ ବେହେରା ଏବଂ ଓସିଏ ଆପେକ୍ସ ପରିଷଦ ସଦସ୍ୟ ଶ୍ରୀ ପ୍ରତାପ ଚନ୍ଦ୍ର ପ୍ରଧାନ, ଓସିଏର ବିଭିନ୍ନ ଅନୁବନ୍ଧିତ ୟୁନିଟର ସଚିବମାନଙ୍କ ସହିତ, ଓଡିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କୁ ଭେଟିଥିଲେ। ପ୍ରତିନିଧି ଦଳ ମୁଖ୍ୟମନ୍ତ୍ରୀଙ୍କୁ ୯ ଡିସେମ୍ବର ୨୦୨୫ରେ ଭାରତ ଏବଂ ଦକ୍ଷିଣ ଆଫ୍ରିକା ମଧ୍ୟରେ ହୋଇଥିବା ଆନ୍ତର୍ଜାତୀୟ ମ୍ୟାଚ୍ ର ସଫଳ ପରିଚାଳନା ପାଇଁ ପ୍ରଥମ ପ୍ରସ୍ତୁତି ବୈଠକ ଡାକିଥିବା ପାଇଁ ଓସିଏ ର ଆନ୍ତରିକ କୃତଜ୍ଞତା ଏବଂ ପ୍ରଶଂସା ଜଣାଇଥିଲେ। ଆସୋସିଏସନ୍ ମୁଖ୍ୟମନ୍ତ୍ରୀ, ଓଡ଼ିଶା ସରକାର ଏବଂ ସମସ୍ତ ସମ୍ପୃକ୍ତ ବିଭାଗକୁ ସେମାନଙ୍କର ପୂର୍ଣ୍ଣ ସମର୍ଥନ ଏବଂ ଶୂନ୍ୟ-ସହିଷ୍ଣୁତା ଆଭିମୁଖ୍ୟ ସହିତ ଆନ୍ତର୍ଜାତୀୟ ମ୍ୟାଚ୍ ସୁଗମ ପରିଚାଳନା ସୁନିଶ୍ଚିତ କରିବା ପାଇଁ ଧନ୍ୟବାଦ ଜଣାଇଛି। ପ୍ରତିନିଧି ଦଳ ଓଡ଼ିଶାର ସମସ୍ତ ଜିଲ୍ଲାରେ କ୍ରିକେଟ ର ବିକାଶ, ବିଭିନ୍ନ ସ୍ତରରେ ଭିତ୍ତିଭୂମି ବୃଦ୍ଧି ଏବଂ ରାଜ୍ୟରେ କ୍ରିକେଟର ସାମଗ୍ରିକ ଅଭିବୃଦ୍ଧି



ଏବଂ ପ୍ରୋତ୍ସାହନ ବିଷୟରେ ଆଲୋଚନା କରିଥିଲେ ଏବଂ ରାଜ୍ୟ ସରକାର ଏଥିରେ ପୂର୍ଣ୍ଣ ସହଯୋଗ କରିବେ ବୋଲି ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ କହିଥିଲେ ।

# ଆଜି ଚାଷୀ ସମସ୍ୟା ନେଇ ବିଜେଡି କରିବ ବିକ୍ଷୋଭ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ମଙ୍ଗଳବାର ରାଜଧାନୀରେ ଗର୍ଜିବେ ନବୀନ ଓ ତାଙ୍କ ଟିମ୍ । ପ୍ରତିବାଦ, ବିକ୍ଷୋଭ ପ୍ରଦର୍ଶନ କରିବେ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ । ମୋହନ ସରକାରଙ୍କ ବାହାସ୍ଫଟ ବିରୋଧରେ ପ୍ରଖର ଓ ଶାଣିତ ସ୍ୱର ଉଠାଇବେ ବିଜେଡି ସୁପ୍ରିମୋ । ଚାଷୀ, ଆଇନ ଶୃଙ୍ଖଳା ଭଳି କିଛି ବୃହତ୍ ସମସ୍ୟା ନେଇ ମଙ୍ଗଳବାର ଭୁବନେଶ୍ୱର ରାଜରାସ୍ତାରେ ଆନ୍ଦୋଳନକୁ ଓହ୍ଲାଇବେ ନବୀନ ଓ ତାଙ୍କ ବିଜେଡି ଟିମ୍। ଚାଷୀ, ଆଇନ ଶୃଙ୍ଖଳା ବିପର୍ଯ୍ୟୟ ଭଳି ସଙ୍ଗୀନ ସମସ୍ୟାକୁ ଅଣଦେଖା କରୁଥିବା ଯୋଗୁଁ ବିଜେଡି ରାଜ୍ୟବ୍ୟାପୀ ଆନ୍ଦୋଳନ କରିବା ପାଇଁ ନିଷ୍ପତ୍ତି ନେଇଛି। ଶଙ୍ଖ ଭବନରେ ଆୟୋଜିତ



ହୋଇଥିବା ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଲେ ବରିଷ୍ଠ ନେତା ପ୍ରସନ୍ନ ଆଚାର୍ଯ୍ୟ, ଦେବୀ ମିଶ୍ର ଓ ସଞ୍ଜୟ ଦାସ ବର୍ମା । ମୋହନ ସରକାର ଚାଷୀ ସହିତ ବିଧାନସଭାକୁ ଭ୍ରମିତ କରୁଥିବା ଅଭିଯୋଗ ଆଣିଛି ବିଜେଡି । ମଣ୍ଡିରେ ଚାଷୀ ମାଡ଼ ମରାଯାଉଛି। ନିର୍ଯାତନା ଦିଆଯାଉଛି । ଦେଢ଼ ଲକ୍ଷ ଚାଷୀଙ୍କ ନା ଚଞ୍ଚକତା କରି ରେଜିଷ୍ଟ୍ରେସନ ଲିଷ୍ଟରୁ ମୋହନ ସରକାର ନା କାଟିଥିବା ବିଜେଡି ଅଭିଯୋଗ କରିଛି।

ଖରିଫ ଋତୁ ଚାଷ ପାଇଁ ରେଜିଷ୍ଟ୍ରେସନ୍ କରିଥିବା ଚାଷୀଙ୍କ ଲିଷ୍ଟକୁ ଏପଟ ସେପଟ କରିଛନ୍ତି ସରକାର । ସରକାରୀ ବିଜ୍ଞପ୍ତି ସତ୍ତ୍ୱେ ଧାନ ନେଉ ନାହାଁନ୍ତି ସରକାର। ଚାଷୀଙ୍କ ଧୋକା ଓ ପ୍ରତାରଣା କରିଛି ବିଜେପି। ତେଣୁ ଭୁବନେଶ୍ୱର ରାଜରାସ୍ତାରେ ବିକ୍ଷୋଭ ପ୍ରଦର୍ଶନ କରିବ ବିଜେଡି। କେବଳ ଚାଷୀ ନୁହେଁ କେନ୍ଦ୍ରାପଡା ରାଜନଗର ରେ ଆଇନ ଶୃଙ୍ଖଳା ମଧ୍ୟ ବିପର୍ଯ୍ୟସ୍ତ ହୋଇପଡିଛି । ତେଣୁ ଚାଷୀ, ଆଇନ ଶୃଙ୍ଖଳା ଭଳି ଅନେକ ଗୁରୁତର ସମସ୍ୟାକୁ ନେଇ ରାଜରାସ୍ତାକୁ ଓହ୍ଲାଇବ ବିଜେଡି ବୋଲି ବିଜେଡି ପକ୍ଷରୁ କୁହାଯାଇଛି।

# ରୋଗୀ ପରିବହନ ସେବା ପାଇଁ

# ଏନ୍‌ଟିପିସି ସ୍ୱାମୀ ବିବେକାନନ୍ଦ ଜାତୀୟ ପୁନର୍ବାସ ତାଲିମ କେନ୍ଦ୍ରକୁ ଦୁଇଟି ଏସି ବସ୍ ପ୍ରଦାନ





**କଟକ, ନ୍ୟୁଜ ବ୍ୟୁରୋ**

ସମାବେଶୀ ସ୍ୱାସ୍ଥ୍ୟସେବା ଏବଂ ପୁନର୍ବାସ ସେବାକୁ ସୁଦୃଢ଼ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ, ଏନ୍‌ଟିପିସି ଲିମିଟେଡ୍ ଏହାର କର୍ପୋରେଟ୍ ସାମାଜିକ ଦାୟିତ୍ୱ (ସିଏସ୍‌ଆର୍) ପଦକ୍ଷେପ ଅଧୀନରେ କଟକର ସ୍ୱାମୀ ବିବେକାନନ୍ଦ ଜାତୀୟ ପୁନର୍ବାସ ତାଲିମ ଏବଂ ଗବେଷଣା ପ୍ରତିଷ୍ଠାନକୁ ୯୮.୩୦ ଲକ୍ଷ ମୂଲ୍ୟର ଦୁଇଟି ଡିଜେଲ୍ ଏସି ବସ୍ ଦାନ କରିଛି । ଏହି ବସଗୁଡ଼ିକ କ୍ୟାମ୍ପସ ମଧ୍ୟରେ ରୋଗୀ ପରିବହନ ସେବା ସହିତ ଆଖପାଖ ଅଞ୍ଚଳରେ ପ୍ରସାର କାର୍ଯ୍ୟକ୍ରମକୁ ସମର୍ଥନ କରିବ।

୨୨.୦୨.୨୦୨୬ରେ ପ୍ରତିଷ୍ଠାନର ୫୧ତମ ପ୍ରତିଷ୍ଠା ଦିବସ ଅବସରରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଏନ୍‌ଟିପିସିର ଆଞ୍ଚଳିକ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ER-II ଏବଂ SR) ଅରିନ୍ଦମ ସିହ୍ନା, ସ୍ୱାମୀ ବିବେକାନନ୍ଦ ଜାତୀୟ ପୁନର୍ବାସ ତାଲିମ ଏବଂ ଗବେଷଣା ପ୍ରତିଷ୍ଠାନର ନିର୍ଦ୍ଦେଶକ ପ୍ରଫେସର (ଡକ୍ଟର) ପି. ପି. ମହାନ୍ତିଙ୍କୁ ଆନୁଷ୍ଠାନିକ ଭାବରେ ବସ୍ ଗୁଡ଼ିକ ହସ୍ତାନ୍ତର କରିଥିଲେ।

ଏହି ପଦକ୍ଷେପର ଲକ୍ଷ୍ୟ ହେଉଛି ଭିନ୍ନକ୍ଷମ ବ୍ୟକ୍ତିମାନଙ୍କ ପାଇଁ, ବିଶେଷକରି ଗ୍ରାମାଞ୍ଚଳ ଏବଂ ଦୂରଦୂରାନ୍ତ ଅଞ୍ଚଳରେ ରହୁଥିବା ବ୍ୟକ୍ତିଙ୍କ ପାଇଁ ସ୍ୱତନ୍ତ୍ର ପୁନର୍ବାସ ଏବଂ ସ୍ୱାସ୍ଥ୍ୟସେବା ସେବାର ଉପଲବ୍ଧତା ବୃଦ୍ଧି କରିବା। ସହାୟକ ଉପକରଣ ବଣ୍ଟନ, ଚିକିତ୍ସା ଏବଂ ଶଲ୍ୟଚିକିତ୍ସା ଶିବିର ଆୟୋଜନ ଏବଂ ଅବହେଳିତ ସମ୍ପ୍ରଦାୟକୁ ପୁନର୍ବାସ ସହାୟତା ପ୍ରଦାନ କରିବା ସମେତ ମୋବାଇଲ୍ ଆଉଟରିଚ୍ କାର୍ଯ୍ୟକଳାପ ପାଇଁ ମଧ୍ୟ ବସ୍ ବ୍ୟବହାର କରାଯିବ।

ଏହି ଅବସରରେ, ଅଧିକାରୀମାନେ ଉଲ୍ଲେଖ କରିଥିଲେ ଯେ ଏହି ବସ୍‌ଗୁଡ଼ିକର ଯୋଡିବା ଦ୍ୱାରା ସ୍ୱାମୀ ବିବେକାନନ୍ଦ ଜାତୀୟ ପୁନର୍ବାସ ତାଲିମ କେନ୍ଦ୍ରର ପରିବହନ ଏବଂ ଆଉଟ୍‌ରିଚ୍ କ୍ଷମତାକୁ ଉଲ୍ଲେଖନୀୟ ଭାବରେ ସୁଦୃଢ଼ କରାଯିବ, ଯାହା ଚିକିତ୍ସା ଏବଂ ପୁନର୍ବାସ ଦଳଗୁଡ଼ିକୁ ସମୟୋଚିତ, ସୁଗମ ଏବଂ ରୋଗୀ-କୈନ୍ଦ୍ରିକ ସେବା ପ୍ରଦାନ କରିବାରେ ସକ୍ଷମ କରିବ।

ଏହି ଅବଦାନ ସାମାଜିକ ବିକାଶ ଏବଂ ଅନ୍ତର୍ଭୁକ୍ତିକୃତ ଅଭିବୃଦ୍ଧି ପ୍ରତି ଏନ୍‌ଟିପିସିର ପ୍ରତିବଦ୍ଧତାକୁ ପୁନଃନିର୍ମାଣ କରେ। ପୁନର୍ବାସ ଭିତ୍ତିଭୂମିକୁ ସମର୍ଥନ କରି, ଏନ୍‌ଟିପିସି ଭିନ୍ନକ୍ଷମ ବ୍ୟକ୍ତିମାନଙ୍କୁ ସଶକ୍ତ କରିବା ଏବଂ ସେମାନଙ୍କର ଗତିଶୀଳତା, ମର୍ଯ୍ୟାଦା ଏବଂ ଜୀବନର ଗୁଣବତ୍ତା ବୃଦ୍ଧି କରିବାରେ ଏକ ଅର୍ଥପୂର୍ଣ୍ଣ ଭୂମିକା ଗ୍ରହଣ କରିଆସୁଛି। ଭାରତ ସରକାରଙ୍କ ସାମାଜିକ ନ୍ୟାୟ ଏବଂ ସଶକ୍ତିକରଣ ମନ୍ତ୍ରଣାଳୟ ଅଧୀନରେ ଏକ ସ୍ୱୟଂଶାସିତ ପ୍ରତିଷ୍ଠାନ ଏସ୍‌ଭିଏନ୍‌ଆଇଆର୍‌ଟିଏଆର, ଏହାର ଉତ୍ସର୍ଗୀକୃତ ପୁନର୍ବାସ ସେବା, ଗବେଷଣା ଏବଂ ତାଲିମ କାର୍ଯ୍ୟକ୍ରମ ମାଧ୍ୟମରେ ପାଞ୍ଚ ଦଶନ୍ଧିରୁ ଅଧିକ ସମୟ ଧରି ଭିନ୍ନକ୍ଷମ ବ୍ୟକ୍ତିମାନଙ୍କୁ ସେବା ପ୍ରଦାନ କରିଆସୁଛି।

# ଜଣେ ବି ଯୋଗ୍ୟ ଚାଷୀ ଧାନ ବିକ୍ରିରୁ ବଞ୍ଚିତ ହେବେନି :ରାଜସ୍ୱ ମନ୍ତ୍ରୀ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଇନ ପୁଟ ସବସିଡି ବଢିବା କାରଣରୁ ଚାଷୀ ଅଧିକ ଧାନ ଚାଷ କରୁଛନ୍ତି। କିନ୍ତୁ ଭିତ୍ତିଭୂମି ନଥିଲା। ଚାଷୀଙ୍କ ପାଇଁ କୌଣସି ସୁବିଧା ନଥିଲା। କ୍ୱାଲିଟି ଟେଷ୍ଟ ପାଇଁ ବି ବ୍ୟବସ୍ଥା ନଥିଲା। ମଡେଲ ମଣ୍ଡି ନଥିଲା। ବିରୋଧୀଙ୍କୁ ଟାର୍ଗେଟ୍ କରି ଏହା କହିଛନ୍ତି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ।

ସାମ୍ବାଦିକ ସମ୍ମିଳନୀରେ ମନ୍ତ୍ରୀ କହିଛନ୍ତି, ଭିତ୍ତିଭୂମି ପ୍ରସ୍ତୁତ କରିବାକୁ ସରକାର ନିଷ୍ପତ୍ତି ନେଉଥିଲେ। ସମସ୍ୟା ସୁଧାରିବାକୁ ଉଦ୍ୟମ କଲାବେଳେ ଛୋଟ ସମସ୍ୟା ଆସେ। ରାତାରାତି ସମସ୍ୟା ସୁଧୁରୁବନି। । ୧୦୦ ଟି ମଡେଲ ମଣ୍ଡି ପାଇଁ ସରକାର ପ୍ଲାନ ପ୍ରସ୍ତୁତ କରିସାରିଛନ୍ତି । ୫ ଲକ୍ଷ ମେଟ୍ରିକ ଟନ ବିଶିଷ୍ଟ ଗୋଦାମ ନିର୍ମାଣ କରାଯାଉଛି। ଆଲୋଚନା ହେଲେ ପୂର୍ବ ସରକାରର ଦୋଷ ଦୁର୍ବଳତା ସାମ୍ନାକୁ ଆସିଯିବ।

ଡିବେଟ ହେଲେ ପୂର୍ବ ସରକାର କଣ କରୁଛନ୍ତି ତଥ୍ୟ ସାମ୍ନାକୁ ଆସିଯିବ।ତେଣୁ ସମୟ ଗଡାଇବା ପାଇଁ କଉ ଯୋଜନା କରୁଛି ବିଜେଡି। ଚାଷ ଜମି ବଢୁଛି, ଧାନ ଚାଷୀ ବଢୁଛନ୍ତୁ, କିନ୍ତୁ ଉତ୍ତରାଧିକାରୀ ସୂତ୍ରରେ ମିଳିଛି ସମସ୍ୟା। ଅଧିକ ଧାନ ଆସୁଥିବାରୁ ସମସ୍ୟା ହେଉଛି। ପ୍ରତ୍ୟକ୍ଷ ଆଲୋଚନା ପାଇଁ ସରକାର ପ୍ରସ୍ତୁତ। ସର୍ବଦଳୀୟ ବୈଠକ ବି ଫେଲ ମାରିଲା ବୋଲି ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି।

ସୂଚନାଯୋଗ୍ୟ, ଚାଷୀ ଏବଂ ମଣ୍ଡି ସମସ୍ୟାକୁ ନେଇ ବିଧାନସଭାର ବଜେଟ୍ ଅଧିବେଶନରେ ରାଜ୍ୟର



ବିଜେପି ସରକାରଙ୍କୁ ଘେରିଛନ୍ତି ବିରୋଧୀ ବିଜେଡି ଓ କଂଗ୍ରେସ। ଏହି ପ୍ରସଙ୍ଗକୁ ନେଇ ଗୃହରେ ପ୍ରବଳ ହଟ୍ଟଗୋଳ ହେବା ସହ ବାରମ୍ବାର ମୁଲତବୀ ହେଉଛି। ଏହି ପରିପ୍ରେକ୍ଷୀରେ ସାମ୍ବାଦିକ ସମ୍ମିଳନୀରେ ବିରୋଧୀଙ୍କ ଉପରେ ବର୍ଷିଛନ୍ତି ରାଜସ୍ୱ ମନ୍ତ୍ରୀ।

# ଚାରି ରେଳ କର୍ମଚାରୀ ପୂର୍ବତଟ ରେଳପଥ ଦ୍ୱାରା ସମ୍ମାନିତ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ପୂର୍ବତଟ ରେଳପଥର ମହାପ୍ରବନ୍ଧକ ଶ୍ରୀ ପରମେଶ୍ୱର ଫୁଙ୍କୱାଲ ସୁରକ୍ଷା ସମ୍ଭାବ୍ୟ ବିପଦକୁ ପୂର୍ବରୁ ଚିହ୍ନଟ କରି ତାହାକୁ ରୋକିବା ସହିତ ସୁରକ୍ଷିତ ଓ ନିର୍ବିଘ୍ନ ଟ୍ରେନ୍ ପରିଚାଳନା ସୁନିଶ୍ଚିତ କରିବା ସହିତ ଅସାଧାରଣ ସତର୍କତା, କର୍ତବ୍ୟନିଷ୍ଠା ଏବଂ ସମୟୋପଯୋଗୀ ପଦକ୍ଷେପ ପାଇଁ ଚାରି ଜଣ ରେଳ କର୍ମଚାରୀଙ୍କୁ ସମ୍ମାନିତ କରିଥିଲେ।

ସମ୍ମାନିତ କର୍ମଚାରୀମାନେ ହେଲେ: ଶଶି ପ୍ରକାଶ, ଷ୍ଟେସନ ମାଷ୍ଟର, ଆରଙ୍ଗ ମହାନଦୀ, ସମ୍ବଲପୁର ମଣ୍ଡଳ, ମହେଶ୍ୱର ନାୟକ, ଷ୍ଟେସନ ସୁପରିଟେଣ୍ଡେଂଟ, ଗୁରୁଡିଝାଟିଆ, ଖୋର୍ଦ୍ଧା ରୋଡ୍ ଡିଭିଜନ , ରାଜେଶ କୁମାର ସାହୁ, ଟ୍ରାକ୍ ମେଂଟେନର -୩, ରତଙ୍ଗ, ଖୋର୍ଦ୍ଧା ରୋଡ୍ ଡିଭିଜନ, ଭଗବାନ, ଟ୍ରାକ୍ ମେଂଟେନର-୨, ମାଲିଗୁଡା, ୱାଲଟେୟାର ଡିଭିଜନ ।

୨୫ ଜାନୁଆରୀ ୨୦୨୬ରେ, ଶଶି ପ୍ରକାଶ ଏକ ମାଲବାହୀ ଟ୍ରେନ୍ ର ୱାଗନ୍ ଚକରୁ ଧୂଆଁ ଚିହ୍ନଟ କରିଥିଲେ ଏବଂ ତୁରନ୍ତ ଟ୍ରେନ୍ କୁ ଅଟକାଇଥିଲେ, ଯାହା ଫଳରେ ଏକ ଗରମ ଆକ୍ସଲ୍



ଚିହ୍ନଟ ହୋଇଥିଲା ଏବଂ ତ୍ରୁଟିପୂର୍ଣ୍ଣ ୱାଗନ୍ କୁ ଅଲଗା କରାଯାଇଥିଲା। ୧୯ ଜାନୁଆରୀ ୨୦୨୬ ତାରିଖରେ, ମହେଶ୍ୱର ନାୟକ ଏକ ଚାଲୁଥିବା ମାଲବାହୀ ଟ୍ରେନରେ ହଟ୍ ଏକ୍ସେଲ୍ ଦେଖିଥିଲେ ଏବଂ ସମୟୋଚିତ ସମନ୍ୱୟ କରି ଟ୍ରେନକୁ ସୁରକ୍ଷିତ ଭାବେ ଅଟକାଇବାକୁ ସହଯୋଗ କରିଥିଲେ, ଯାହା ଦ୍ୱାରା ସମ୍ଭାବ୍ୟ ବିପଦକୁ ରୋକାଯାଇଥିଲା। ସେହି ରାତିରେ, ରାଜେଶ କୁମାର ସାହୁ ପାଟ୍ରୋଲିଂ ଡ୍ୟୁଟିରେ ଥିବା ସମୟରେ ଏସଇଜେ ଟଙ୍ଗ ରେଲରେ ଏକ ଫ୍ରାକ୍ଚର ଚିହ୍ନଟ କରିଥିଲେ ଏବଂ ଟ୍ରାକ୍ କୁ ସୁରକ୍ଷା ଦେବା ପରେ ସୀମିତ ବେଗରେ ଟ୍ରେନଗୁଡ଼ିକର ନିରାପଦ ପଥ ନିଶ୍ଚିତ କରିଥିଲେ। ୧୮ ଜାନୁଆରୀ ୨୦୨୬ରେ, ଭଗବାନ ମାଲିଗୁଡା ୟାର୍ଡରେ ଟ୍ରାକ୍ ରେ ଏକ ୱେଲ୍ଡ ବିଫଳତା ଚିହ୍ନଟ କରିଥିଲେ ଏବଂ ତୁରନ୍ତ ଟ୍ରେନ୍ ପରିଚାଳନାକୁ ସୁରକ୍ଷିତ ରଖିବା ପାଇଁ ଜରୁରୀ ଅବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲେ ଯାହା ଫଳରେ ଏକ ବହୁତ ବଡ ସମ୍ଭାବ୍ୟ ବିପଦକୁ ଏଡାଯାଇପାରିଥିଲା । ଉକ୍ତ କର୍ମଚାରୀ ମାନଙ୍କୁ ସମ୍ବର୍ଦ୍ଧିତ କରିବା ସମୟରେ ରେଳପଥର ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ କର୍ମଚାରୀ ମାନଙ୍କର ପ୍ରତିବଦ୍ଧତା ଏବଂ କଠିନ ପରିଶ୍ରମକୁ ପ୍ରଶଂସା କରିଥିଲେ । ବିଶେଷକରି ରେଳ କର୍ମଚାରୀମାନେ ପ୍ରାୟତଃ କଷ୍ଟକର ପରିସ୍ଥିତିରେ କାମ କରନ୍ତି । ରେଳ ସେବାର ନିରାପତ୍ତା ଏବଂ ବିଶ୍ୱସନୀୟତା ବଜାୟ ରଖିବାରେ ଟ୍ରାକ୍, ସିଗନାଲ ଏବଂ ଓଏଚଇ ମେଂଟେନର୍ସ, ଲୋକୋ ପାଇଲଟ୍, ଟେକ୍ନିସିଆନ୍ ଏବଂ ଷ୍ଟେସନ ମାଷ୍ଟର ମାନଙ୍କ ସହ ସମସ୍ତ ଆଗଧାଡ଼ିର କର୍ମଚାରୀମାନଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ସେ ଗୁରୁତ୍ୱାରୋପ କରିଥିଲେ।

# ବୈଜୟନ୍ତ ପଣ୍ଡାଙ୍କ ବଡ଼ ସଫଳତା : ବିଜେପିରେ ଯୋଗଦେଲେ ଭୂପେନ ବୋରା

ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ

ଆସାମ ପ୍ରଦେଶର ପୂର୍ବତନ କଂଗ୍ରେସ ରାଜ୍ୟ ସଭାପତି ଭୂପେନ ବୋରା ଆନୁଷ୍ଠାନିକ ଭାବେ ବିଜେପିରେ ଯୋଗଦେଇଛନ୍ତି । ଗୌହାଟୀ ଠାରେ ଭାରତୀୟ ଜନତା ପାର୍ଟିର ରାଜ୍ୟ ମୁଖ୍ୟାଳୟରେ ଆୟୋଜିତ ମିଶ୍ରଣ ପର୍ବରେ ଶ୍ରୀ ବୋରା ରାଜ୍ୟ ନିର୍ବାଚନ ପ୍ରଭାରୀ ଶ୍ରୀ ବୈଜୟନ୍ତ ପଣ୍ଡାଙ୍କ ଉପସ୍ଥିତିରେ ଦଳର ପ୍ରାଥମିକ ସଦସ୍ୟତା ଗ୍ରହଣ କରିଛନ୍ତି । ଏହି ଅବସରରେ ଶ୍ରୀ ପଣ୍ଡା କହିଛନ୍ତି, ଏକଦା ଯେଉଁମାନେ ସଂଗଠନର ନେତୃତ୍ୱ ନେଇଥିଲେ ସେମାନେ ଦୂରେଇ ଯାଉଛନ୍ତି । ଏହା କଂଗ୍ରେସର ଆଭ୍ୟନ୍ତରୀଣ ସମନ୍ୱୟର ଗଭୀର କ୍ଷୟର ସଙ୍କେତ ଦେଉଛି । ଗୌହାଟୀର ରାଜ୍ୟ ମୁଖ୍ୟାଳୟରେ ଆମେ ଆସାମ କଂଗ୍ରେସର ପୂର୍ବତନ ସଭାପତି ଶ୍ରୀ ବୋରଙ୍କୁ ବିଶ୍ୱର ସର୍ବବୃହତ ରାଜନୈତିକ ଦଳରେ ସ୍ୱାଗତ କରୁଛୁ । ତାଙ୍କର ନିଷ୍ପତ୍ତି ଏକ ବୃହତ ରାଜନୈତିକ ପରିବର୍ତ୍ତନକୁ ସୂଚିତ କରେ: ଗୋଟିଏ ଶିବିରରେ ଦ୍ୱନ୍ଦ୍ୱ ଗଭୀର ହେବା ସହିତ ଉଦ୍ଦେଶ୍ୟର ସ୍ୱଚ୍ଛତା ଏବଂ ନିର୍ଣ୍ଣାୟକ ନେତୃତ୍ୱ ପ୍ରତିବଦ୍ଧ ନେତାମାନଙ୍କୁ ଅଧିକ ସ୍ଥିର ଏବଂ ଆଗକୁ ନେଉଥିବା ପ୍ଲାଟଫର୍ମ ଆଡକୁ ଟାଣିବାରେ ଲାଗିଛି।

ଏହି ମିଶ୍ରଣ ପର୍ବରେ ଶ୍ରୀ ପଣ୍ଡାଙ୍କ ସମେତ ପ୍ରଦାନ ବରୁଆ, ଜୟନ୍ତ ମାଲବରୁଆ, ଦିଲ୍ଲୀପ ସାଇକିଆ ଓ ହରିଶ ଦ୍ୱିବେଦୀ ପ୍ରମୁଖ ଉପସ୍ଥିତ ଥିଲେ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ହଟ୍ଟଗୋଳ ଭିତରେ ...

ସହ ଉଚ୍ଚ ସ୍ୱରରେ ନାରାବାଜି ଜାରି ରଖିବାରୁ ଅଚଳାବସ୍ଥା ସୃଷ୍ଟି ହୋଇଥିଲା। ବାଚସ୍ପତି ଶାନ୍ତିଶୃଙ୍ଖଳାର ସହ ଗୃହ ଚଳାଇବା ପାଇଁ ସହଯୋଗ କରିବାକୁ ବିରୋଧୀ ଦଳର ସମସ୍ତ ବିଧାୟକମାନଙ୍କୁ ବାରମ୍ବାର ନିବେଦନ କରି ବିଫଳ ହୋଇଥିଲେ। ଏହାପରେ ବାଚସ୍ପତି ଶ୍ରୀମତୀ ପାଢୀ ଗୃହର ସୁପରିଚାଳନା ନିମନ୍ତେ ସର୍ବଦଳୀୟ ବୈଠକ ଡକାଇବା ସହ ଏଥିରେ ଯୋଗଦେବା ପାଇଁ ବିରୋଧୀ ଦଳ ଉପନେତା, ଉପମୁଖ୍ୟମନ୍ତ୍ରୀ କେ.ଭି ସିଂହଦେଓ, ସଂସଦୀୟ ବ୍ୟାପାର ମନ୍ତ୍ରୀ, ଆଇନ୍‌ମନ୍ତ୍ରୀ, ସରକାରୀ ଦଳ ମୁଖ୍ୟ ସଚେତକ, ବିରୋଧୀ ଦଳ ମୁଖ୍ୟ ସଚେତକ, କଂଗ୍ରେସ ବିଧାୟକ ଦଳ ନେତା, ସିପିଆଇଏମ୍ ବିଧାୟକଦଳ ନେତା, ବିଜେଡ଼ି ବିଧାୟକ ପ୍ରତାପ ଦେବ, ବିଜେପି ବିଧାୟକ ଜୟନାରାୟଣ ମିଶ୍ର ପ୍ରମୁଖଙ୍କୁ ତାଙ୍କ ଚାମ୍ବରକୁ ଆସିବା ପାଇଁ ଅନୁରୋଧ ଜଣାଇ ଗୃହକୁ ୩୦ ମିନିଟ୍ ପାଇଁ ମୁଲତବୀ କରିଥିଲେ। ଏହା ପରେ ଉପବାଚସ୍ପତି ଲଗାତାର ଦୁଇ ଥରରେ ଗୃହକୁ ଅପରାହ୍ନ ୪ଟା ଯାଏଁ ମୁଲତବୀ କରିଥିଲେ। ଦ୍ୱିତୀୟାର୍ଦ୍ଧ ବୈଠକ ୪ଟାରେ ଆରମ୍ଭ ହେବା ପରେ ମଧ୍ୟ ଗୃହରେ ପୂର୍ବ ଭଳି ପରିସ୍ଥିତି ଲାଗିରହିଥିଲା। ହଟ୍ଟଗୋଳ ଭିତରେ ବାଚସ୍ପତି ବିରୋଧୀ ଦଳ ସଦସ୍ୟମାନଙ୍କୁ ଗୃହ କାର୍ଯ୍ୟରେ ସହଯୋଗ କରିବାକୁ ଏବଂ ୨୦୨୬-୨୭ ଓଡ଼ିଶା ସରକାରଙ୍କ ବଜେଟ୍ ଉପରେ ସାଧାରଣ ଆଲୋଚନାରେ ଭାଗ ନେବାକୁ ନିବେଦନ କରିଥିଲେ। ଗୃହ ମଧ୍ୟରେ ବିରୋଧୀ ଦଳର ବିଧାୟକମାନେ ରହି ସେମାନଙ୍କ ପ୍ରତିବାଦ ଜାରି ରଖିଥିବାରୁ ସେମାନେ ବଜେଟ୍ ଆଲୋଚନାକୁ ଯାଇନଥିଲେ। ଏହା ପରେ ବାଚସ୍ପତି ବାଧ୍ୟ ହୋଇ କେବଳ ଶାସକ ଦଳର ବିଧାୟକଙ୍କ ନାମ ଆଲୋଚନା ପାଇଁ ଡାକିଥିଲେ। ତଦନୁସାରେ ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀ, ମାନସ କୁମାର ଦତ୍ତ, ସୀମାରାଣୀ ନାୟକ, ଦୁଷ୍ମନ୍ତ ସ୍ୱାଇଁ, ବିଭୂତି ଭୂଷଣ ପ୍ରଧାନ ପ୍ରମୁଖ ବଜେଟ୍ ଉପରେ ସାଧାରଣ ଆଲୋଚନାରେ ଭାଗ ନେଇଥିଲେ ଏବଂ ମୋହନ ମାଝୀଙ୍କ ନେତୃତ୍ୱାଧୀନ ରାଜ୍ୟ ସରକାରଙ୍କ ବଜେଟ୍‌କୁ ଐତିହାସିକ ଓ ଯୁଗାନ୍ତକାରୀ ବୋଲି ବର୍ଣ୍ଣନା କରିଥିଲେ। ସେମାନେ ମୁଖ୍ୟତଃ ଦର୍ଶାଇଥିଲେ ଯେ, ୨୦୨୬-୨୭ ଆର୍ଥିକ ବଜେଟ୍‌ର ଦୃଷ୍ଟିକୋଣ ସୁଦୂର ପ୍ରସାରୀ, ଉନ୍ନତିମୁଖୀ, ଲୋକାଭିମୁଖୀ, ଭବିଷ୍ୟତମୁଖୀ ଏଥିରେ ଗ୍ରାମୀଣ ବିକାଶ, ଭିତ୍ତିଭୂମି ବିକାଶ ସହିତ କୃଷି, ଶିଳ୍ପ, ଶିକ୍ଷା, ସ୍ୱାସ୍ଥ୍ୟ, ଦକ୍ଷତା ବିକାଶ, ପର୍ଯ୍ୟଟନ ଆଦି କ୍ଷେତ୍ରକୁ ଯଥେଷ୍ଟ ପ୍ରାଥମିକତା ଦିଆଯାଇଛି। ଗତ ଦୁଇ ବର୍ଷ ଭିତରେ ରାଜ୍ୟ ସରକାର ଯେଉଁ ପ୍ରକାର ଓଡ଼ିଶାର ଉନ୍ନତି ପାଇଁ କାର୍ଯ୍ୟ କରିଛନ୍ତି ତାହାକୁ ବିରୋଧୀ ଦଳ ସହ୍ୟ କରିପାରୁ ନାହାନ୍ତି ବୋଲି କହି ବିରୋଧୀ ଦଳର ଆଭିମୁଖ୍ୟକୁ ନିନ୍ଦା କରିଥିଲେ। ହଟ୍ଟଗୋଳ ମଧ୍ୟରେ ବଜେଟ୍ ଉପରେ ସାଧାରଣ ଆଲୋଚନା ମଧ୍ୟରେ ବାଚସ୍ପତି ବିରୋଧୀ ଦଳ ବିଧାୟକମାନଙ୍କୁ ବାରମ୍ବାର ନିବେଦନ କରି ଗୃହ କାର୍ଯ୍ୟରେ ସହଯୋଗ କରିବାକୁ ପରାମର୍ଶ ଦେଇଥିଲେ। ଗୃହର ମଧ୍ୟ ଭାଗରେ ଥିବା ରିପୋର୍ଟରଙ୍କ ଟେବୁଲ ଉପରେ ଠିଆ ହୋଇ ବିରୋଧୀ ଦଳ ବିଧାୟକମାନେ ଯେଉଁ ବ୍ୟାନର ପ୍ରଦର୍ଶନ କରିଥିଲେ ସେଥିରୁ ନିବୃତ୍ତ ରହିବାକୁ ପରାମର୍ଶ ଦେଇଥିଲେ। ହଟ୍ଟଗୋଳ ଭିତରେ ବିଜେପିର ୫ଜଣ ବିଧାୟକ ଆଲୋଚନାରେ ଭାଗ ନେବା ପରେ ବାଚସ୍ପତି ଶ୍ରୀମତୀ ପାଢୀ ବଜେଟ୍ ଉପରେ ସାଧାରଣ ଆଲୋଚନା ଅସମାପ୍ତ ରହିଲା ବୋଲି ଉଲ୍ଲେଖ କରିବା ସହ ଗୃହକୁ ଅପରାହ୍ନ ୫ଟା ୨୯ ସମୟରେ ମଙ୍ଗଳବାର ପୂର୍ବାହ୍ନ ୧୦ଟା ୩୦ ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରିଥିଲେ। ଏହା ପୂର୍ବରୁ ବାଚସ୍ପତି ଏକ ରୁଲିଂ ପ୍ରଦାନ କରି କଂଗ୍ରେସ ବିଧାୟକ ଦଳ ନେତା ବକ୍ତବ୍ୟ ରଖିଲା ବେଳେ ଗୃହରେ ଉପସ୍ଥିତ ନଥିବା କିଛି ନେତାଙ୍କ ନାମ ଉଲ୍ଲେଖ କରିଥିବାରୁ ତାହାକୁ ବିବରଣରୁ ବାଦ ଦେବା ପାଇଁ ନିର୍ଦ୍ଦେଶ ଦେଇଥିଲେ।

## ରାଜ୍ୟରେ ୪୦ ...

ଏସଆରଇ ଯୋଜନା ଅନୁଯାୟୀ କେବଳ କନ୍ଧମାଳ ଜିଲ୍ଲାକୁ 'ଅନ୍ୟ ଏଲଡବ୍ଲୁଇ ପ୍ରଭାବିତ ଜିଲ୍ଲା' ବର୍ଗରେ ରଖାଯାଇଅଛି ଏବଂ ଅନ୍ୟ ୮ଟି ଜିଲ୍ଲା ଯଥା ମାଲକାନଗିରି, କୋରାପୁଟ, ନୂଆପଡା, ନବରଙ୍ଗପୁର, କଳାହାଣ୍ଡି, ରାୟଗଡା, ବୌଦ୍ଧ ଏବଂ ବଲାଙ୍ଗିର ଜିଲ୍ଲାକୁ 'ଲିଗାସୀ ଆଣ୍ଡ ଥ୍ରଷ୍ଟ' ଜିଲ୍ଲା ବର୍ଗରେ ରଖାଯାଇଅଛି।

# 'ଅପରେସନ ସାଇବର କବଚ': ୩୬୨୫ଟି ମ୍ୟୁଲ୍ (ବେନାମୀ) ବ୍ୟାଙ୍କ ଆକାଉଣ୍ଟ ଯାଞ୍ଚ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ସାଇବର ଅପରାଧ ଉପରେ ଲଗାମ ଲଗାଇବା ପାଇଁ ଓଡ଼ିଶା ପୋଲିସ ପକ୍ଷରୁ ଆରମ୍ଭ ହୋଇଥିବା ସ୍ୱତନ୍ତ୍ର ଅଭିଯାନ 'ଅପରେସନ ସାଇବର କବଚ' ଦଶମ ଦିନରେ ଜୋରଦାର ଭାବେ ଜାରି ରହିଛି। ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଶ୍ରୀ ଯୋଗେଶ ବାହାଦୁର ଖୁରାନିଆଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲା ଏସ୍.ପି. ଓ ଡି.ସି.ପି.ମାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଜିଲ୍ଲା ସାଇବର କ୍ରାଇମ୍ ୟୁନିଟ୍‌ମାନଙ୍କ ଦ୍ୱାରା ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି। ସାଇବର କ୍ରାଇମ୍ ୟୁନିଟ୍, ସିଆଇଡି କ୍ରାଇମ୍ ବ୍ରାଂଚ ଏହି ସମଗ୍ର ଅପରେସନର ସମନ୍ୱୟ ରକ୍ଷା କରୁଛନ୍ତି । ସାଇବର ଅପରାଧୀଙ୍କ ଆର୍ଥିକ ଭିତ୍ତିଭୂମିକୁ ଦୁର୍ବଳ କରିବା ଏହି ଅଭିଯାନର ମୁଖ୍ୟ ଲକ୍ଷ୍ୟ। ଏପର୍ଯ୍ୟନ୍ତ 'ଅପରେସନ ସାଇବର କବଚ' ଅଧୀନରେ ସମଗ୍ର ରାଜ୍ୟରେ ମୋଟ ୩,୬୨୫ଟି ମ୍ୟୁଲ୍ (ବେନାମୀ) ବ୍ୟାଙ୍କ ଆକାଉଂଟ ଯାଂଚ କରାଯାଇଛି। ମୋଟ ୨୭୫ଟି ମ୍ୟୁଲ୍ ଆକାଉଂଟ ସମ୍ପର୍କିତ ମାମଲା, ୮ଟି ଚେକ୍ ଉଠାଣ ମାମଲା ଏବଂ ୭ଟି ନକଲି ସିମ୍ ଚକ୍ରାନ୍ତ ଯାଂଚ ସମ୍ପର୍କିତ ମାମଲା ରୁଜୁ ହୋଇଛି। ଏହି ପ୍ରକ୍ରିୟାରେ ବର୍ତ୍ତମାନ ସୁଦ୍ଧା ୧୮୭ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିବା ବେଳେ ୧,୦୭୫ଜଣ ସନ୍ଦିଗ୍ଧ ସହାୟକ ଓ ଆକାଉଂଟଧାରୀଙ୍କୁ (ନୂତନ ମାମଲା ଓ ୮୪ଟି ପୁରୁଣା ଏଫ୍.ଆଇ.ଆର୍) ଆଇନଗତ ନୋଟିସ୍ ଜାରି କରାଯାଇଛି। ଏହି ଅଭିଯାନ ସମୟରେ ଜଗତସିଂହପୁର ଜିଲ୍ଲା ପୋଲିସ ୨୦ଟି ବେନାମୀ ଆକାଉଂଟ ଯାଂଚ କରି ୧ଟି ସାଇବର ମାମଲା ରୁଜୁ କରିଛି। ସେହିପରି ଯାଜପୁର ଜିଲ୍ଲା ପୋଲିସ ୪୪ଟି ଆକାଉଂଟ ଯାଂଚ କରି ୪ଟି ମାମଲା ରୁଜୁ କରି ୪୭ଜଣଙ୍କୁ ନୋଟିସ୍ ଜାରି କରିଛି।


GOVT OF ODISHA
OFFICE OF THE SUPERINTENDING ENGINEER
RURAL WORKS DIVISION PATNAGARH
E-mail: eerw_ptng@yahoo.in
Phone No – 06658-222121

e Procurement Notice

25001/229/2526

IFB IDENTIFICATION NO. EEPTNG- Online -22/2025-26

| | | | |
|---|---|---|---|
| 1. | Name of work | : | Construction of Building works |
| 2. | Total no of work | : | 01 (One ) No works |
| 3. | Time for completion | : | 06 (Six) Calendar month |
| 4. | Approximate estimated cost | | 45.61 lakh |
| 5. | Mode of Submission of tender | : | Tender should be submitted online in www.tendersorissa.gov.in |
| 6. | Other details are as follow | | |

| Procurement Officer | Bid Identification No. | Availability of Tender online for bidding From | Availability of Tender online for bidding To | Last date and time of seeking tender clarification | Date & time of opening of tender |
|---|---|---|---|---|---|
| Executive Engineer, R.W.Divn., Patnagarh | EEPTNG-Online-22/2025-26 | 24.02.2026 at 11.00 AM | 10.03.2026 upto 5.00 P.M | 09.03.2026 upto 5.00 PM | 11.03.2026 at 11.000 A.M |

- Further details can be seen from the website www.tendersorissa.gov.in
- Any Corrigendum/Addendum will be displayed in the above e tender website only.

-Sd-
Executive Engineer
R.W.Division, Patnagarh

OIPR-25001/25154/1/25-26/0003

ଭୁବନେଶ୍ୱର, ୨୪ ଫେବୃୟାରୀ, ମଙ୍ଗଳବାର, ୨୦୨୬

RNI Regd. No. : 52640/94
Postal Regd. No. : BN/60/25-27

# ଧିରେ ଧିରେ ବଢ଼ୁଛି ତାତି ! ଏବେଠୁ ଶ୍ରୀମନ୍ଦିର ନାଟମଣ୍ଡପରେ ଗରମ-ଗୁଳୁଗୁଳିରେ ଅସ୍ତବ୍ୟସ୍ତ ଶ୍ରଦ୍ଧାଳୁ

ପୁରୀ, ୨୩/୦୨ ନ୍ୟୁଜ ବ୍ୟୁରୋ

ଧିରେ ଧିରେ ତାପମାତ୍ରା ବୃଦ୍ଧି ପାଉଥିବା ବେଳେ ଶ୍ରୀଜଗନ୍ନାଥ ମନ୍ଦିରରେ ଦର୍ଶନ ପାଇଁ ଆସୁଥିବା ଶ୍ରଦ୍ଧାଳୁମାନେ ପ୍ରବଳ ଗରମ ଓ ଗୁଳୁଗୁଳିରେ ହନ୍ତସନ୍ତ ହେଉଛନ୍ତି। ବିଶେଷକରି ନାଟମଣ୍ଡପରେ ପର୍ଯ୍ୟାପ୍ତ ବାୟୁ ଚଳାଚଳ ବ୍ୟବସ୍ଥା ନଥିବାରୁ ଭକ୍ତମାନେ ଅଣନିଃଶ୍ୱାସୀ ହୋଇ ପଡୁଛନ୍ତି। ଶ୍ରୀମନ୍ଦିର ପ୍ରଶାସନର ପୂର୍ବ ନିଷ୍ପତ୍ତି ଅନୁସାରେ ଖରାଦିନ ପୂର୍ବରୁ ନାଟମଣ୍ଡପରେ ଶୀତତାପ ନିୟନ୍ତ୍ରଣ ବ୍ୟବସ୍ଥା କାର୍ଯ୍ୟକାରୀ କରାଯିବାକୁ କୁହାଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ସେହି କାମ ଆରମ୍ଭ ହୋଇନାହିଁ । ଫଳରେ ଭିଡ଼ ଓ ଗରମରେ ଅନେକ ଭକ୍ତ ଅସୁସ୍ଥ ହେଉଥିବା ସହ କେତେକ ସମୟରେ ବାନ୍ତି କରୁଥିବାରୁ ମହାପ୍ରଭୁଙ୍କ ନୀତିରେ ମଧ୍ୟ ବାଧା ସୃଷ୍ଟି ହେଉଛି।

ଏହି ପରିପ୍ରେକ୍ଷୀରେ ଜଗନ୍ନାଥ ପ୍ରେମୀ ମନୋଜ କୁମାର ରଥ କହିଛନ୍ତି, "ଶୀତ ଦିନ ଶେଷ ହୋଇ ଗଲାଣି, ଗ୍ରୀଷ୍ମ ତୀବ୍ର ହେଉଛି ।



ଏପରି ପରିସ୍ଥିତିରେ ନାଟମଣ୍ଡପରେ ଶୀତତାପ ନିୟନ୍ତ୍ରିତ ବ୍ୟବସ୍ଥା ନିହାତି ଆବଶ୍ୟକ । ବାରମ୍ବାର ଟେଣ୍ଡର ହେଉଥିଲେ ମଧ୍ୟ ଚୂଡ଼ାନ୍ତ ନିଷ୍ପତ୍ତି ହେଉନାହିଁ । ତେଣୁ ଆଉ ବିଳମ୍ବ ନକରି ପ୍ରଶାସନ ତ୍ୱରିତ ପଦକ୍ଷେପ ନିଅନ୍ତୁ। ସେପଟେ ଶ୍ରୀମନ୍ଦିର ସେବାୟତ ବିନାୟକ ଦାସ ମହାପାତ୍ର କହିଛନ୍ତି, ନାଟମଣ୍ଡପରେ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ଼ ହେଉଥିବାରୁ ଶୀତତାପ ନିୟନ୍ତ୍ରିତ ବ୍ୟବସ୍ଥା ଯୁଦ୍ଧକାଳୀନ ଭିତ୍ତିରେ କାର୍ଯ୍ୟକାରୀ କରାଯିବା ଦରକାର। ଗତ ଡିସେମ୍ବରରେ ଟେଣ୍ଡର୍ ଆହ୍ୱାନ କରାଯାଇଥିଲେ ମଧ୍ୟ କେଉଁ ସଂସ୍ଥାକୁ ଦାୟିତ୍ୱ ଦିଆଯିବ ସେନେଇ ଚୂଡ଼ାନ୍ତ ନିଷ୍ପତ୍ତି ବର୍ତ୍ତମାନ ସୁଦ୍ଧା ହୋଇପାରିନାହିଁ। ଆଗକୁ ଚନ୍ଦନ ଯାତ୍ରା ଓ ରଥଯାତ୍ରା ଭଳି ବଡ଼ ପର୍ବ ଥିବାରୁ ଶୀଘ୍ର ଏନେଇ ବ୍ୟବସ୍ଥା ନ ହେଲେ ପରବର୍ତ୍ତୀ ସମୟରେ ପରିସ୍ଥିତି ଜଟିଳ ହେବା ଆଶଙ୍କା କରାଯାଉଛି ।

ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ ଜଗନ୍ନାଥ ପୂଜାପଣ୍ଡା କହିଛନ୍ତି ଯେ, ରଥଯାତ୍ରା ପୂର୍ବରୁ ନାଟମଣ୍ଡପକୁ ସମ୍ପୂର୍ଣ୍ଣ ଶୀତତାପ ନିୟନ୍ତ୍ରିତ କରିବାକୁ ପ୍ରୟାସ ଜାରି ରହିଛି । ଏଥିସହ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଶ୍ରୀମନ୍ଦିର ବ୍ୟାରିକେଡ୍ ନିକଟରେ କୁଲର୍ ଓ ପାନୀୟ ଜଳର ବ୍ୟବସ୍ଥା କରାଯିବ ବୋଲି ସେ ସୂଚନା ଦେଇଛନ୍ତି । କେବଳ ସେତିକି ନୁହେଁ, ଶ୍ରୀମନ୍ଦିର ଭିତରେ ମଧ୍ୟ ଶ୍ରଦ୍ଧାଳୁଙ୍କୁ ଗ୍ରୀଷ୍ମ ଦାଉରୁ ରକ୍ଷା କରିବା ପାଇଁ ଆନୁସଙ୍ଗିକ ବ୍ୟବସ୍ଥା କରାଯିବ ବୋଲି ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ ଶ୍ରୀଜଗନ୍ନାଥ ପୂଜାପଣ୍ଡା ସୂଚନା ଦେଇଛନ୍ତି ।



ଭୁବନେଶ୍ୱର : ପୂର୍ବତନ କେନ୍ଦ୍ର ମନ୍ତ୍ରୀ ସ୍ୱର୍ଗତ କାହ୍ନୁ ଚରଣ ଲେଙ୍କାଙ୍କ ଏକାଦଶାହ ଅବସରରେ ହଂସପାଳଠାରେ ଆୟୋଜିତ ସ୍ମୃତିସଭାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସ୍ୱର୍ଗତ ଲେଙ୍କାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛନ୍ତି । (ଫଟୋ : ସମ୍ବାଦ କଳିକା)

# ଦ୍ୱିତୀୟ ଶ୍ରୀକ୍ଷେତ୍ରରେ ମହାପ୍ରଭୁଙ୍କୁ ପୂଜାର୍ଚ୍ଚନା କଲେ ରାଜ୍ୟପାଳ

ବାରିପଦା, ୨୩/୦୨
ନ୍ୟୁଜ ବ୍ୟୁରୋ

ଦିନିକିଆ ବାରିପଦା ଗସ୍ତରେ ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି ଆସି ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଛନ୍ତି। ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ରିଜର୍ଭ ପୁଲିସ ପଡ଼ିଆସ୍ଥିତ ହ୍ୟାଲିପେଡ୍‌ରେ ଅବତରଣ କରିବା ପରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ଏବଂ ସାର୍ବଜନୀନ ଉଦ୍ୟୋଗ ବିଭାଗ ମନ୍ତ୍ରୀ ଡ଼. କୃଷ୍ଣଚନ୍ଦ୍ର ମହାପାତ୍ର, ରାଇରଙ୍ଗପୁର ବିଧାୟକ ଜଲେନ ନାଏକ, ଜିଲ୍ଲାପାଳ ହେମକାନ୍ତ ସୟ, ଆରକ୍ଷୀ ଅଧିକ୍ଷକ ବରୁଣ ଗୁଣ୍ଟୁପାଲୀ ପ୍ରମୁଖ ଉପସ୍ଥିତ ରହି ରାଜ୍ୟପାଳଙ୍କୁ ସ୍ୱାଗତ କରିଥିଲେ । ରାଜ୍ୟପାଳ ପ୍ରଥମେ ଦ୍ୱିତୀୟ ଶ୍ରୀକ୍ଷେତ୍ର କୁହାଯାଉଥିବା ବାରିପଦାସ୍ଥିତ ଜଗନ୍ନାଥ ମନ୍ଦିରରେ ମହାପ୍ରଭୁ



ଶ୍ରୀଜଗନ୍ନାଥଙ୍କ ଦର୍ଶନ କରିଛନ୍ତି। ଏହି ଅବସରରେ ରାଜ୍ୟବାସୀଙ୍କ ଶାନ୍ତି ଓ ସମୃଦ୍ଧି କାମନା କରି ରାଜ୍ୟପାଳ ପୂଜାର୍ଚ୍ଚନା କରିଥିଲେ। ଏହାପରେ କଲେଜ ପଡିଆ ଠାରେ ଅନୁଷ୍ଠିତ ହେଉଥିବା ସାର୍ବଜନୀନ ସାମାଜିକ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଛନ୍ତି। ଏହି ଅବସରରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ଏବଂ ସାର୍ବଜନୀନ ଉଦ୍ୟୋଗ ବିଭାଗ ମନ୍ତ୍ରୀ ଡ଼. ମହାପାତ୍ରଙ୍କ ପୁତ୍ର ଆୟୁଷ୍ମାନ ଆସ୍ତିକ ମହାପାତ୍ରଙ୍କ ବ୍ରତପୋନୟନ କାର୍ଯ୍ୟକ୍ରମରେ ଯୋଗଦେଇ ଆଶୀର୍ବାଦ ପ୍ରଦାନ କରିଥିଲେ। ପାରମ୍ପରିକ ମୂଲ୍ୟବୋଧ ଓ ସାଂସ୍କୃତିକ ପରମ୍ପରାର ସୁରକ୍ଷା ପ୍ରତି ଗୁରୁତ୍ୱାରୋପ କରିବା ସହ ସେଗୁଡ଼ିକୁ ବଜାୟ ରଖିବା ପାଇଁ ଆହ୍ୱାନ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଜନପ୍ରତିନିଧିଙ୍କ ସମେତ ବିଭିନ୍ନ ବର୍ଗରେ ପ୍ରତିଷ୍ଠିତ ବ୍ୟକ୍ତି ଓ ବହୁ ସଂଖ୍ୟାରେ ସ୍ଥାନୀୟ ଅଞ୍ଚଳବାସୀ ଉପସ୍ଥିତ ଥିଲେ। ଜିଲ୍ଲା ପ୍ରଶାସନ ପକ୍ଷରୁ ରାଜ୍ୟପାଳଙ୍କ ଗସ୍ତ କାର୍ଯ୍ୟକ୍ରମକୁ ଦୃଷ୍ଟିରେ ରଖି ବ୍ୟାପକ ପ୍ରସ୍ତୁତି କରାଯାଇଥିବାବେଳେ ସୁଚାରୁ ରୂପେ ସମସ୍ତ କାର୍ଯ୍ୟକ୍ରମ ସମ୍ପନ୍ନ ହୋଇଥିଲା।

# ରାଷ୍ଟ୍ରପତି ଭବନରେ ସି.ରାଜଗୋପାଳଚାରୀଙ୍କ ପ୍ରତିମୂର୍ତ୍ତୀ ଲୋକାର୍ପଣ କଲେ ଦ୍ରୌପଦୀ ମୁର୍ମୁ

ନୂଆଦିଲ୍ଲୀ ୨୩।୨

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସୋମବାର ରାଷ୍ଟ୍ରପତି ଭବନ ସାଂସ୍କୃତିକ କେନ୍ଦ୍ରରେ ପ୍ରଥମ ଭାରତୀୟ ଗଭର୍ଣ୍ଣର ଜେନେରାଲ ଚକ୍ରବର୍ତ୍ତୀ ରାଜଗୋପାଳଚାରୀଙ୍କ ପ୍ରତିମା ଅନାବରଣ କରିଛନ୍ତି। ଏନେଇ ରାଷ୍ଟ୍ରପତିଙ୍କ ଅଧିକାରୀକ ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ଏକ ପୋଷ୍ଟ କରାଯାଇଛି। ଏଥିରେ ଅଶୋକ ମଣ୍ଡପ ନିକଟସ୍ଥ ଗ୍ରାଣ୍ଡ ଓପନ ସିଡ଼ିରେ ରାଜଗୋପାଳଚାରୀଙ୍କ ମୂର୍ତ୍ତି ଓଡ୍‌ୱିନ ଲୁଟିୟନସଙ୍କ ମୂର୍ତ୍ତିର ସ୍ଥାନ ନେଇଥିବା ଉଲ୍ଲେଖ କରିଛନ୍ତି।

ରାଷ୍ଟ୍ରପତି କହିଛନ୍ତି ଯେ ଏହି ପଦକ୍ଷେପ ଔପନିବେଶିକ କାଳର ଐତିହ୍ୟରୁ ଆଗକୁ ବଢିବାକୁ ଓ ଦେଶର ଇତିହାସକୁ ଆକାର ଦେବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିବା ମହାନ ଭାରତୀୟ ନେତାମାନଙ୍କୁ ମାନ୍ୟତା ଦେବାର ବ୍ୟାପକ ରାଷ୍ଟ୍ରୀୟ



ପ୍ରୟାସର ପ୍ରତୀକ। ରାଷ୍ଟ୍ରପତି କହିଛନ୍ତି ଯେ ରାଜଗୋପାଳଚାରୀ ଜଣେ ପ୍ରମୁଖ ସ୍ୱାଧୀନତା ସଂଗ୍ରାମୀ, ରାଜନେତା ଓ ବିଦ୍ୱାନ ଥିଲେ। ସେ ୧୯୪୮ରୁ ୧୯୫୦ ମସିହା ପର୍ଯ୍ୟନ୍ତ ଭାରତର ଶେଷ ଗଭର୍ଣ୍ଣର ଜେନେରାଲ ରୂପେ କାର୍ଯ୍ୟ କରିଥିଲେ। ଏହି କାର୍ଯ୍ୟକ୍ରମ ଅବସରରେ ଉପରାଷ୍ଟ୍ରପତି ସି.ପି.ରାଧାକୃଷ୍ଣନ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ରସାୟନ ଓ ସାର ମନ୍ତ୍ରୀ ଜେ.ପି.ନଡ୍ଡା, ବୈଦେଶିକ ମନ୍ତ୍ରୀ ଡ.ସୁବ୍ରମଣିୟମ ଜୟଶଙ୍କର, ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଗଜେନ୍ଦ୍ର ସିଂହ ଶେଖାୱତ, ସୂଚନା ଓ ପ୍ରସାରଣ ରାଜ୍ୟମନ୍ତ୍ରୀ ଡ.ଏଲ.ମୁରୁଗାନ ଓ ରାଜାଜୀଙ୍କ ପରିବାର ସଦସ୍ୟ ଉପସ୍ଥିତ ଥିଲେ। ଏହି ପଦକ୍ଷେପ ଔପନିବେଶିକ ମାନସିକତାର ଅବଶେଷକୁ ସମାପ୍ତ କରିବା ଓ ଭାରତର ସମୃଦ୍ଧ ସଂସ୍କୃତି, ଐତିହ୍ୟ, ଶାଶ୍ୱତ ପରମ୍ପରାକୁ ଗର୍ବର ସହ ଆପଣେଇବା ତଥା ଭାରତ ମାତାଙ୍କ ସେବାରେ ଅସାଧାରଣ ଯୋଗଦାନ କରିଥିବା ବ୍ୟକ୍ତିତ୍ୱଙ୍କୁ ସମ୍ମାନୀତ କରିବା ଦିଗରେ ପ୍ରୟାସର ଅଂଶବିଶେଷ।

ଉପରାଷ୍ଟ୍ରପତି ସି.ପି. ରାଧାକୃଷ୍ଣନ ତାଙ୍କ ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ଉଲ୍ଲେଖ କରିଛନ୍ତି ଯେ ରାଷ୍ଟ୍ରପତି ଭବନରେ ଅନୁଷ୍ଠିତ ରାଜାଜୀ ଉତ୍ସବରେ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଭାରତର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏଡୱିନ ଲୁଟିୟନସଙ୍କ ସ୍ଥାନରେ ସି.ରାଜଗୋପାଳଚାରୀଙ୍କ ପ୍ରତିମାର ଲୋକାର୍ପଣ କରିଛନ୍ତି। ଯାହା ଔପନିବେଶିକ ଐତିହ୍ୟରୁ ମୁକ୍ତିଲାଗି ଆମ ଯାତ୍ରାରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ବୋଲି ସେ କହିଛନ୍ତି।

## ଶ୍ରୀମନ୍ଦିର ହୁଣ୍ଡିରୁ ସଂଗ୍ରହ

ତାରିଖ :-୨୩/୦୨/୨୦୨୬
୫,୦୧,୮୨୩ ଟଙ୍କା
ସୁନା:-୦୧ ଗ୍ରାମ୍ ୬୦୦ ମିଲିଗ୍ରାମ
ରୂପା:-୧୮ ଗ୍ରାମ୍ ୦୦୦ ମିଲିଗ୍ରାମ୍

# ରାଜ୍ୟ ବଜେଟରେ ସର୍ବସମାବେଶୀ ବିକାଶ

ଭୁବନେଶ୍ୱର, ୨୩/୦୨
ନ୍ୟୁଜ ବ୍ୟୁରୋ



ଓଡ଼ିଶା ବଜେଟ୍ ୨୦୨୬-୨୭ ହେଉଛି ଓଡ଼ିଶା ପାଇଁ ଏକ ପ୍ରଗତିଶୀଳ ଏବଂ ବିକାଶମୁଖୀ ରୂପରେଖ। ପୁଞ୍ଜିଗତ ବ୍ୟୟ, କୃଷି, ଗ୍ରାମ୍ୟ ଉନ୍ନୟନ, ସ୍ୱାସ୍ଥ୍ୟସେବା, ଶିକ୍ଷା ଏବଂ ଭିତ୍ତିଭୂମି ଉପରେ ଦୃଢ଼ ଗୁରୁତ୍ୱ ସହିତ ୩.୧୦ ଲକ୍ଷ କୋଟି ଟଙ୍କାର ବ୍ୟୟବରାଦ ସର୍ବସମାବେଶୀ ବିକାଶ ସହିତ ଆର୍ଥିକ ଶୃଙ୍ଖଳାକୁ ପ୍ରତିଫଳିତ କରୁଛି। ଆମେ କ୍ରୀଡା ଭିତ୍ତିଭୂମି ଏବଂ ବିକାଶ ଉପରେ ଜାରି ରହିଥିବା ଗୁରୁତ୍ୱକୁ ମଧ୍ୟ ସ୍ୱାଗତ କରୁଛୁ, ଯାହା ଓଡ଼ିଶାକୁ ଏକ ଜାତୀୟ କ୍ରୀଡା ହବ ଭାବରେ ପ୍ରତିଷ୍ଠିତ କରିପାରିଛି। ସେହିଭଳି ଜଳସେଚନ, ଶିଳ୍ପ ଭିତ୍ତିଭୂମି, ଦକ୍ଷତା ବିକାଶ, ସ୍ୱାସ୍ଥ୍ୟସେବା ସମ୍ପ୍ରସାରଣ ଏବଂ ମହିଳା ସଶକ୍ତୀକରଣ ଉପରେ ଦିଆଯାଇଥିବା ଧ୍ୟାନ ଉଭୟ ତୃଣମୂଳ ସ୍ତରର ସମୃଦ୍ଧି ଏବଂ ନିବେଶକଙ୍କ ଆସ୍ଥାକୁ ସୁଦୃଢ଼ କରିବ ବୋଲି ଆସୋଚାମ ଓଡ଼ିଶା ରାଜ୍ୟ ବିକାଶ ପରିଷଦ ଅଧ୍ୟକ୍ଷ ପଙ୍କଜ ଲୋଚନ ମହାନ୍ତି କହିଛନ୍ତି।

# ଏମ୍ସ ଭୁବନେଶ୍ୱରରେ ଆରମ୍ଭ ହେଲା ଲିଭର ଟ୍ରାନ୍ସପ୍ଲାଣ୍ଟ ଓ ରୋବୋଟିକ୍ ସର୍ଜରୀ

ଭୁବନେଶ୍ୱର, ୨୩।୨
ନ୍ୟୁଜ ବ୍ୟୁରୋ

ଏମ୍ସ ଭୁବନେଶ୍ୱର ଏକ ଅତ୍ୟାଧୁନିକ ଯକୃତ ପ୍ରତିରୋପଣ (ଲିଭର ଟ୍ରାନ୍ସପ୍ଲାଣ୍ଟ) ୟୁନିଟ ଏବଂ ଅତ୍ୟାଧୁନିକ ରୋବୋଟିକ୍ ସର୍ଜରୀ ବ୍ୟବସ୍ଥା ଆରମ୍ଭ ହୋଇଛି। କେନ୍ଦ୍ର ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରୀ ଜଗତ ପ୍ରକାଶ ନଡ୍ଡା ଭର୍ଚ୍ୟୁଆଲ୍ ଭାବରେ ଯୋଗ ଦେଇ ଏହାକୁ ଉଦ୍‌ଘାଟନ କରିଛନ୍ତି । ଏହି ଅବସରରେ ଶ୍ରୀ ନଡ୍ଡା କହିଛନ୍ତି ଯେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ଏବଂ ଐତିହାସିକ ଅବସର। ଏମ୍ସ ଭୁବନେଶ୍ୱରର ଗୌରବମୟ ଦଶନ୍ଧିରୁ ଊର୍ଦ୍ଧ୍ୱ ଯାତ୍ରାରେ ଆଉ ଏକ ମାଇଲଖୁଣ୍ଟ ତିଆରି ହୋଇଛି। ଏହି ନୂତନ ବ୍ୟବସ୍ଥାଗୁଡ଼ିକ ସ୍ୱାସ୍ଥ୍ୟସେବା ଭିତ୍ତିଭୂମିକୁ ମଜବୁତ କରିବ ଏବଂ ଗୁଣବତ୍ତା ବୃଦ୍ଧି କରିବ ବୋଲି ଆଶା ରହିଛି ଯାହା ରୋଗୀଙ୍କୁ ଉନ୍ନତ ଚିକିତ୍ସା ସୁବିଧା ପ୍ରଦାନ କରିବ। ପୂର୍ବରୁ ସଫଳତାର ସହିତ ବୃକକ୍ ଏବଂ ଅସ୍ଥି ମଜ୍ଜା ପ୍ରତିରୋପଣ କରିଆସୁଥିବା ବେଳେ ଲିଭର ଟ୍ରାନ୍ସପ୍ଲାଣ୍ଟ କାର୍ଯ୍ୟକ୍ରମର ଆରମ୍ଭ ଏକ ଗୁରୁତ୍ୱପୂର୍ଣ୍ଣ ନୂତନ ଅଧ୍ୟାୟ ।



ସର୍ଜିକାଲ୍ ରୋବୋଟିକ୍ ସିଷ୍ଟମ୍ ଆରମ୍ଭ ହେବା ସମ୍ପର୍କରେ ମନ୍ତ୍ରୀ କହିଛନ୍ତି ଯେ ଏମ୍ସ ଭୁବନେଶ୍ୱର ଓଡ଼ିଶାର ପ୍ରଥମ ସରକାରୀ ଚିକିତ୍ସା ପ୍ରତିଷ୍ଠାନ ଯାହା ରୋବୋଟିକ୍ ସର୍ଜରୀ କାର୍ଯ୍ୟକ୍ରମକୁ କାର୍ଯ୍ୟକାରୀ କରିଛି। ରୋବୋଟିକ୍ ପ୍ଲାଟଫର୍ମ ସୁଲଭ, ପ୍ରଯୁକ୍ତିବିଦ୍ୟା-ଚାଳିତ ଏବଂ ସର୍ବନିମ୍ନ ଆକ୍ରମଣାତ୍ମକ ଶଲ୍ୟଚିକିତ୍ସା ପ୍ରଦାନକୁ ସକ୍ଷମ କରିବ। ଯାହା ସ୍ୱାସ୍ଥ୍ୟସେବା ପ୍ରଣାଳୀ ପାଇଁ ଏକ ନୂତନ ମାନଦଣ୍ଡ ସ୍ଥାପନ କରିବ।

ଏହି ଅବସରରେ ଭୁବନେଶ୍ୱର ଲୋକସଭା ସାଂସଦ ଅପରାଜିତା ଷଡ଼ଙ୍ଗୀ କହିଥିଲେ ଯେ ଏମ୍ସ ଭୁବନେଶ୍ୱର ଅନ୍ୟାନ୍ୟ ଏମ୍ସ ପ୍ରତିଷ୍ଠାନ ପାଇଁ ଏକ ଆଦର୍ଶ ଭାବରେ ଉଭା ହୋଇଛି। ସ୍ୱାସ୍ଥ୍ୟସେବା ପ୍ରଦାନ, ଚିକିତ୍ସା ଶିକ୍ଷା ଏବଂ ଗବେଷଣାରେ ନିରନ୍ତର ନୂତନ ମାଇଲଖୁଣ୍ଟ ହାସଲ କରିଛି। ଏହି ଉଦ୍‌ଘାଟନ ବେଳେ କେନ୍ଦ୍ର ସ୍ୱାସ୍ଥ୍ୟ ସଚିବ ପୁଣ୍ୟ ସଲିଳା ଶ୍ରୀବାସ୍ତବ, ଏମ୍ସ ଭୁବନେଶ୍ୱର ଅଧ୍ୟକ୍ଷା ଡ. ଅନୀତା ସକ୍ସେନା, ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ଯୁଗ୍ମ ସଚିବ ଅଙ୍କିତା ମିଶ୍ର ଏବଂ ମନ୍ତ୍ରଣାଳୟର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

ଏମ୍ସ ଭୁବନେଶ୍ୱର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ଆଶୁତୋଷ ବିଶ୍ୱାସ ଏହି ଅବସରରେ ନିଜର ଯକୃତ ପ୍ରଦାନ କରିଥିବା ଦୁଇ ଦାତାଙ୍କୁ ସମ୍ମାନିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଡିନ୍ ଡ. ପି ଆର୍ ମହାପାତ୍ର, ଡ. ସତ୍ୟଜିତ ମିଶ୍ର, ଡ. ସୌଭାଗ୍ୟ କୁମାର ଜେନା, ମେଡିକାଲ ଅଧୀକ୍ଷକ ଡ. ପ୍ରଭାସ ରଂଜନ ତ୍ରିପାଠୀ, ଡିଡିଏ ଲେଫ୍ଟନାଣ୍ଟ୍ କର୍ଣ୍ଣେଲ୍ ଅଭିଜିତ ସରକାର ପ୍ରମୁଖ ଉପସ୍ଥିତ ଥିଲେ। ଏମ୍ସ ଭୁବନେଶ୍ୱରରେ ଦଶ ଶଯ୍ୟା ବିଶିଷ୍ଟ, ଅତ୍ୟନ୍ତ ଉନ୍ନତ ଲିଭର ଟ୍ରାନ୍ସପ୍ଲାଣ୍ଟ ଇଣ୍ଟେନ୍ସିଭ୍ କେୟାର ୟୁନିଟ୍ (ଆଇସିୟୁ) ଏବଂ ଏକ ସ୍ୱତନ୍ତ୍ର ମଡ୍ୟୁଲାର୍ ଓଟି ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ। ରୋବୋଟିକ୍ ସର୍ଜରୀ କାର୍ଯ୍ୟକ୍ରମ ପ୍ରାରମ୍ଭରେ ୟୁରୋଲୋଜି (ଜଟିଳ ଅଙ୍କୋଲୋଜିକାଲ୍ ଏବଂ ପୁନଃନିର୍ମାଣ ପ୍ରକ୍ରିୟା ସମେତ), ଜେନେରାଲ ସର୍ଜରୀ, ସ୍ତ୍ରୀ ରୋଗ, ଶିଶୁ ରୋଗ ଶଲ୍ୟଚିକିତ୍ସା ପାଇଁ ସେବା ଯୋଗାଇବା ନେଇ ଡ. ବିଶ୍ୱାସ ସୂଚନା ଦେଇଛନ୍ତି।

# ଭୟଙ୍କର ଦୁର୍ଘଟଣା : ମହିଳାଙ୍କ ମୁଣ୍ଡ ଉପରେ ଚଢିଗଲା କାର୍

ଭୁବନେଶ୍ୱର, ୨୩/୦୨
ନ୍ୟୁଜ ବ୍ୟୁରୋ

ସୋମବାର ସକାଳୁ ରାଜଧାନୀରେ ଭୟଙ୍କର ଦୁର୍ଘଟଣା ଘଟିଛି। ଭୁବନେଶ୍ୱର କୋର୍ଟ ସାମ୍ନାରେ ଘଟିଛି ହିଟ୍ ଆଣ୍ଡ ରନ୍ । ମହିଳାଙ୍କ ମୁଣ୍ଡ ଉପରେ ମାଡ଼ିଗଲା ଇନୋଭା କାର୍। ଗୁରୁତର ଅବସ୍ଥାରେ ମହିଳାଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲେବି, ଚିକିତ୍ସିତ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ସୂଚନା ଅନୁଯାୟୀ, ସୋମବାର ଦିନ ପ୍ରାୟ ୧୨ଟାବେଳେ ମହିଳା ତାଙ୍କ ସ୍ୱାମୀ ଓ ଛୋଟ ପିଲାଙ୍କ ସହ ବାଇକରେ ଯାଉଥିଲେ । ଏହି ସମୟରେ ପଛ ପଟୁ ଏକ ଇନୋଭା କାର୍ ଦ୍ରୁତ ଗତିରେ ଆସି ଧକ୍କା ଦେଇଥିଲା । ଫଳରେ ମହିଳା ଜଣଙ୍କ ତଳେ ପଡ଼ିଯାଇଥିଲେ। ଯାହାପରେ ଇନୋଭା କାର୍‌ଟି ମହିଳାଙ୍କ ମୁଣ୍ଡ ଉପରେ ଚଢାଇ ଦେଇ ଦ୍ରୁତଗତିରେ ଘଟଣାସ୍ଥଳରୁ ଫେରାର ମାରିଥିଲା। ପରେ ମହିଳାଙ୍କୁ ଗୁରୁତର ଅବସ୍ଥାରେ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ମାତ୍ର ସେଠାରେ ତାଙ୍କର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ତେବେ ପୋଲିସ ଘଟଣାରେ ମାମଲା ରୁଜୁ କରି ତଦନ୍ତ କରୁଛି। ଦୁର୍ଘଟଣା ଘଟାଇଥିବା ଇନୋଭାର ଖୋଜ୍ ଚାଲିଛି।

ଦୁର୍ଘଟଣା ପରେ ଘଟଣାସ୍ଥଳରେ ଉତ୍ତେଜନା ଦେଖାଦେଇଥିଲା । ଏପିରିକି କିଛି ସମୟ ପାଇଁ ରାସ୍ତାରେ ଜାମ୍ ଲାଗି ରହିଥିଲା । ଯାହାଫଳରେ ଗାଡ଼ି ଯିବା ଆସିବାରେ ନାନା ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିଥିଲା ।



# ଚୌଦ୍ୱାର ଜେଲ୍‌କୁ ଫେରିଲା କଏଦୀ ମଧୁକାନ୍ତ ରଣା : ପୁଣି ରିମାଣ୍ଡରେ ଆସିପାରେ

କଟକ, ୨୩/୦୨
ନ୍ୟୁଜ ବ୍ୟୁରୋ

ଚୌଦ୍ୱାର ଜେଲ୍‌ରୁ କଏଦୀ ଫେରାର ଘଟଣା। ସରିଲା ଅଭିଯୁକ୍ତ ମଧୁକାନ୍ତ ରଣାର ରିମାଣ୍ଡ ଅବଧି। କୋର୍ଟରେ ହାଜର ପରେ ଜେଲ୍ ଫେରିଲା ମଧୁକାନ୍ତ ରଣା। ଜେଲ୍‌ରୁ ଫେରାର ଘଟଣାରେ ଅଭିଯୁକ୍ତ ବୃନ୍ଦାବନରୁ ଗିରଫ ହୋଇଥିଲା। ମଧୁକାନ୍ତ ରଣାକୁ ବାନ୍ଧିଥିଲା ସ୍ପେଶାଲ ସ୍କ୍ୱାର୍ଡ। ତାକୁ ୬ ଦିନିଆ ରିମାଣ୍ଡରେ ନେଇଥିଲା ପୁଲିସ। ତେବେ ଫେରାର ବେଳର ଏହି ସବୁ ଦୃଶ୍ୟକୁ ରିକ୍ରିଏଟ୍ କରିବା ପାଇଁ ତଦନ୍ତକାରୀ ଟିମ୍ ଚାହୁଁଥିଲା। ଏନେଇ ଜେଲ୍ ଅନୁମତି ମଧ୍ୟ ମଗାଯାଇଥିଲା । ହେଲେ ସୁରକ୍ଷା ଦୃଷ୍ଟିରୁ ଜେଲ୍ ପକ୍ଷରୁ ଅନୁମତି ଦିଆଗଲାନି। ଦୁର୍ଗାପୂଜା ଜେଲ୍ ଭିତରେ ଧୂମ୍‌ଧାମରେ ପାଳନ ହୁଏ । ତେଣୁ ଏହି ଦିନ ଜେଲରୁ ଖସିବାକୁ ପ୍ରାୟ ୧୫ ଦିନ ପୂର୍ବରୁ ତାରିଖ ସ୍ଥିର କରିଥିଲା। ସେହି ଅନୁସାରେ ଦଶହରା ଦିନ ଅର୍ଥାତ୍ ଅକ୍ଟୋବର ୨ ତାରିଖ ରାତି ପ୍ରାୟ ସାଢ଼େ ୧ଟା ବେଳେ ସେଲ୍ କାଟି ରାଜା ବାହାରି ଆସିଥିଲା। ପରେ ମଧୁକାନ୍ତକୁ ତା'ର ସେଲ୍ ଭିତରୁ ବାହାର କଲା । ମଧୁକାନ୍ତ ରହୁଥିବା ସେଲ୍‌ର ଅଧା କଟା ରଡ୍‌କୁ ରାଜା ମୋଡ଼ି ବଙ୍କା କଲା ଓ ଭିତରୁ ମଧୁକାନ୍ତ ବାହାରିଲା । ଏହି ସମୟରେ ଜେଲ୍‌ର ସବୁ ୱାର୍ଡର-କର୍ମଚାରୀ ନିଘୋଡ଼୍ ନିଦରେ ଶୋଇଥିଲେ । ସେହି ରାତିରେ ଚିରିଥିବା କମ୍ବଳ, କିଛି ପ୍ୟାଣ୍ଟକୁ ଦୁହେଁ ଅଣ୍ଟାରେ ଗୁଡ଼ାଇ କାନ୍ଥ କଡ଼ରେ ଚାଲିଚାଲି ପ୍ରଥମ ବା ଇନର୍ ପାଚେରି ପାଖରେ ପହଞ୍ଚିଲେ। ଏହାର ଉଚ୍ଚତା କମ୍ ଥିବାରୁ ସହଜରେ ତାକୁ ଡେଇଁଗଲେ । ଏହା ପରେ ବାହାର ପାଚେରି ଉପରକୁ କମ୍ବଳ-ପ୍ୟାଣ୍ଟରେ ତିଆରି ଦଉଡ଼ି ପକାଇ ପ୍ରଥମେ ମଧୁକାନ୍ତ ଓ ପରେ ରାଜା ଆରପଟକୁ ଡେଇଁଥିଲେ । ଏହି ସମୟରେ ପାଚେରିରେ ଲାଗିଥିବା ତାର ଜାଲିରେ ରାଜାର ପାଦ ଓ ଜଂଘ କଟିଯାଇଥିଲା। ପୁଲିସ ରିମାଣ୍ଡରେ ଥିବା ବେଳେ ଏଭଳି କିଛି ତଥ୍ୟ ଓଗାଳିଛି ବିହାରୀ ଅପରାଧୀ ମଧୁକାନ୍ତ କୁମାର ରାଣା । ରବିବାର ଜେରା ସହ ମଧୁକାନ୍ତର ରିମାଣ୍ଡ ଶେଷ ହୋଇଛି ଓ ସୋମବାର ତାକୁ କୋର୍ଟରେ ହାଜର କରାଯାଇଥିଲା। ଏବେ ମଧୁକାନ୍ତ ରଣା ଚୌଦ୍ୱାର ଜେଲ୍‌କୁ ଫେରିଛି। ମଧୁକାନ୍ତକୁ ଜେରା ବେଳେ ମିଳିଥିବା ତଥ୍ୟ



ଅନୁଯାଇ, ଜେଲରେ ପ୍ରତିଦିନ ସକାଳ ୮ରୁ ୯ଟା ଯାଏ ସବୁ ବିଚାରାଧୀନ ବନ୍ଦୀ ସେଲରୁ ବାହାରକୁ ଆସିଥାନ୍ତି । ଏହି ସମୟରେ ରାଜା ଓ ମଧୁକାନ୍ତ ନିଜ ଭିତରେ କଥା ହୋଇ ଖସିବାର ପ୍ଲାନ୍ କରୁଥିଲେ । ଜଣେ କର୍ମଚାରୀଠାରୁ ପାଇଥିବା ଆରିକୁ ଉଭୟ ପରସ୍ପର ଭିତରେ ବଦଳାଇ ସେଲ୍ କାଟୁଥିଲେ । କଟୁଥିବା ଲୁହା ରଡର କଟାଚିହ୍ନକୁ ଲୁଚାଇବାକୁ ଦୁହେଁ ଜଳୁଥିବା ମଶାବତିର ଗୁଣ୍ଡ ଓ କିଛି ଚିନିକୁ ପାଣିକରି ଏକ ଅଠା ଭଳି କରି ସେଠାରେ ମାରୁଥିଲେ । ଏହା ଦ୍ୱାରା ଉକ୍ତ ରଡର କଟା ଅଂଶ ବାହରକୁ ଦେଖାଯାଉନଥିଲା । ସେଲ୍ ସମ୍ମୁଖ ସିସିଟିଭିକୁ ମଧୁକାନ୍ତ ଫେରାର୍ ହେବାର ପ୍ରାୟ ସପ୍ତାହେ ପୂର୍ବରୁ କାନ୍ଥ ଉପରକୁ ମୋଡ଼ିଦେଇଥିଲା । ଜେଲ୍ ଭିତରେ କିଛି ୱାର୍ଡର ରାଜା ଓ ମଧୁକାନ୍ତକୁ ହଇରାଣ କରୁଥିଲେ । କିଛି ୱାର୍ଡର ଡ୍ୟୁଟିରେ ଢ଼ିଲା ମାରୁଥିଲେ। ତେଣୁ ହଇରାଣ କରୁଥିବା ୱାର୍ଡରଙ୍କ ଡ୍ୟୁଟି ସମୟରେ ଖସିବେ ବୋଲି ପ୍ଲାନ୍ କରିଥିଲେ। ମାତ୍ର ପ୍ଲାନ୍ ମୁତାବକ ତାହା ସମ୍ଭବ ହେଲାନି । ଭିନ୍ନ ୱାର୍ଡରଙ୍କ ଡ୍ୟୁଟି ସମୟରେ ଦୁହେଁ ଖସିଲେ । ତେବେ ଫେରାର ବେଳର ଏହି ସବୁ ଦୃଶ୍ୟକୁ ରିକ୍ରିଏଟ୍ କରିବା ପାଇଁ ତଦନ୍ତକାରୀ ଟିମ୍ ଚାହୁଁଥିଲା। ଏନେଇ ଜେଲ୍ ଅନୁମତି ମଧ୍ୟ ମଗାଯାଇଥିଲା। ହେଲେ ସୁରକ୍ଷା ଦୃଷ୍ଟିରୁ ଜେଲ୍ ପକ୍ଷରୁ ଅନୁମତି ଦିଆଗଲାନି । ରବିବାର ଥିଲା ରିମାଣ୍ଡର ଶେଷ ବା ଷଷ୍ଠ ଦିନ। ଏହା ମଧ୍ୟରେ ମଧୁକାନ୍ତଠାରୁ ଜେଲ୍‌ରୁ ଖସିବା, ରାଜ୍ୟ ବାହରକୁ ଯିବା, ବାହାରେ ବୁଲିବା, ରାଜାର ହରକତ, ଗ୍ୟାଙ୍ଗର କାରନାମା ଓ ସହଯୋଗ କରିଥିବା ବ୍ୟକ୍ତିଙ୍କ ବିଷୟରେ ପୁଲିସ ଟିମ୍ ଅନେକ ତଥ୍ୟ ପାଇଛି । ସିନ୍ ରିକ୍ରିଏସନରୁ ବି ଫେରାର ଏକ ତଥ୍ୟ ପୁଲିସ ପାଇପାରିଛି। ଏସବୁ ତଥ୍ୟକୁ ଏକାଠି ପାଇ ପୁଲିସ ଫେରାର ଥିବା ଅନ୍ୟତମ ଅପରାଧୀ ରାଜାକୁ ଧରିବା ପାଇଁ ପ୍ଲାନ୍ ପ୍ରସ୍ତୁତ କରୁଛି । ରାଜ୍ୟ ବାହାରୁ ଆସୁଥିବା ଗୁଇନ୍ଦା ତଥ୍ୟକୁ ମଧ୍ୟ ପୁଲିସ କାମରେ ଲଗାଉଛି । ଚଳିତ ସପ୍ତାହରେ ରାଜାକୁ ଧରିବା ପାଇଁ ପୁଲିସ ପକ୍ଷରୁ ଆଉ ଏକ ଅଭିଯାନ ଆରମ୍ଭ ହେବ ବୋଲି କୁହାଯାଉଛି। ସମ୍ଭବତଃ ଏଥିରେ ମଧୁକାନ୍ତଠାରୁ ଆଉ କିଛି ତଥ୍ୟ 'ରିଏଲ୍ ଟାଇମ୍'ରେ ଆବଶ୍ୟକ ପଡ଼ିବ। ତେଣୁ ମଧୁକାନ୍ତକୁ ଜେଲ୍ ଫେରାଇବା ପରେ ପୁନଶ୍ଚ ରିମାଣ୍ଡ ପାଇଁ କୋର୍ଟଙ୍କ ପାଖରେ ଆବେଦନ ହେବ । ମାତ୍ର ମଧୁକାନ୍ତକୁ ଜେଲ୍‌ରୁ ଅଣାଯିବନି । ଯେଉଁଦିନ ଆବଶ୍ୟକ ପଡ଼ିବ ସେହିଦିନ ରିମାଣ୍ଡରେ ଆଣି ପୁଲିସ ଜେରା କରିବ ବୋଲି ସୂଚନା ମିଳିଛି । ଅନ୍ୟପଟେ ଚୌଦ୍ୱାର ସର୍କଲ୍ ଜେଲ୍ ଅଧୀକ୍ଷକ ସୁଜିତ ରାଉଳ ଓ ପୂର୍ବତନ ଜେଲର ସନ୍ତୋଷିନୀ ଦାଶ ପରସ୍ପର ବିରୋଧରେ ଦେଇଥିବା ଏତଲା ଆଧାରରେ ପୁଲିସ ଉଭୟ ପକ୍ଷଙ୍କୁ ନୋଟିସ୍ ଦେଇଥିଲା। ଉଭୟଙ୍କୁ କିଛି ତଥ୍ୟ ପ୍ରଦାନ କରିବାକୁ ପୁଲିସ କହିଥିଲା। ମାତ୍ର ଏଯାବତ କେହି କିଛି ତଥ୍ୟ ପ୍ରମାଣ ଦେଇନାହାନ୍ତି ବୋଲି ଚୌଦ୍ୱାର ଥାନା ପକ୍ଷରୁ ସୂଚନା ଦିଆଯାଇଛି।

### ଓକିଲଙ୍କୁ ଚେତାବନୀ ଦେଲେ ସୁପ୍ରିମକୋର୍ଟ ସିଜେଆଇ

# କୋର୍ଟରେ ଏଭଳି ଆଚରଣ ବରଦାସ୍ତ କରାଯିବନି



ନୂଆଦିଲ୍ଲୀ, ୨୩।୨

ସୋମବାର ଏକ ଶୁଣାଣି ସମୟରେ ଜଣେ ଓକିଲଙ୍କ ମନ୍ତବ୍ୟରେ ଭାରତର ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟକାନ୍ତ ଏତେ ରାଗିଗଲେ ଯେ, ସେ ତାଙ୍କୁ ପ୍ରାୟ କଡା ଭର୍ତ୍ସନା କରିଥିଲେ। ଏହା ସହ ତାଙ୍କୁ ଚେତାବନୀ ଦେଲେ ଯେ ତାଙ୍କ କୋର୍ଟରେ ଏପରି ଖରାପ ଆଚରଣକୁ ବରଦାସ୍ତ କରାଯିବ ନାହିଁ। ଯଦି ଏପରି ଆଚରଣ ଜାରି ରହେ, ତେବେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

ଭାରତର ପ୍ରଧାନ ବିଚାରପତି (ସିଜେଆଇ) ସୂର୍ଯ୍ୟକାନ୍ତ ସୁପ୍ରିମକୋର୍ଟରେ ଶୁଣାଣି ବେଳେ ଅସନ୍ତୋଷ ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ ଯେ, ଏହାର କାରଣ ହେଉଛି ଓକିଲଙ୍କ ପକ୍ଷରୁ ଆଗତ କରାଯାଇଥିବା ଦଲିଲ୍, ଯେଉଁଥିରେ ସେ କୋର୍ଟଙ୍କ ଉପରେ ଶୁଣାଣି ନକରିବାର ଅଭିଯୋଗ କରିଥିଲେ। ସ୍ଥିତି ଏପରି ହୋଇଯାଇଥିଲା ଯେ, ସିଜେଆଇ ନିଜେ ଓକିଲଙ୍କୁ କଡା ଚେତାବନୀ ଦେଇଥିଲେ। ବରିଷ୍ଠ ଓକିଲ ମାଥ୍ୟୁସ୍ ନେଦୁମ୍ପାରା ବିଚାରପତି ନିଯୁକ୍ତି ପାଇଁ କଲେଜିୟମ୍ ବ୍ୟବସ୍ଥାକୁ ଚ୍ୟାଲେଞ୍ଜ କରି ଏବଂ ଜାତୀୟ ନ୍ୟାୟିକ ନିଯୁକ୍ତି କମିଶନର ପୁନଃସ୍ଥାପନ ପାଇଁ ଏକ ଆବେଦନ ଉଠାଇବାକୁ ଚେଷ୍ଟା କରିଥିଲେ। ସିଜେଆଇ ସ୍ପଷ୍ଟ କରିଥିଲେ ଯେ ଏପରି କୌଣସି ଆବେଦନ ରେଜିଷ୍ଟ୍ରି ସମ୍ମୁଖରେ ତାଲିକାଭୁକ୍ତ ହୋଇନାହିଁ।

ଏହି ଘଟଣା ସୋମବାରର। ସୁପ୍ରିମକୋର୍ଟରେ ଶୁଣାଣି ଚାଲିଥିଲା। ସେତେବେଳେ ଆଇନଜୀବୀ ମାଥ୍ୟୁସ୍ ନେଦୁମ୍ପାରାଙ୍କ କଥାରେ ସିଜେଆଇ ଆପତ୍ତି ପ୍ରକାଶ କରିଥିଲେ। ଲାଇଭ ଲ' ଅନୁସାରେ, ଆଡଭୋକେଟ୍ ନେଦୁମ୍ପାରା କହିଥିଲେ, ଆଦାନୀ ଓ ଅମ୍ବାନୀଙ୍କ ପାଇଁ ବେଞ୍ଚ ଗଠନ କରାଯାଉଛି। କିନ୍ତୁ ସାଧାରଣ ଲୋକଙ୍କ ସହ ଜଡିତ ପ୍ରସଙ୍ଗଗୁଡ଼ିକ ଶୁଣାଯାଉନି। ଏହି ମନ୍ତବ୍ୟ ସିଜେଆଇଙ୍କ ଖଣ୍ଡପୀଠକୁ ଅସନ୍ତୁଷ୍ଟ କରିଥିଲା। ସିଜେଆଇ ତାଙ୍କୁ ଜୋରଦାର ଭର୍ତ୍ସନା କରିବା ସହ ଚେତାବନୀ ଦେଇଛନ୍ତି।

ସିଜେଆଇ ସୂର୍ଯ୍ୟକାନ୍ତ କଠୋର ଭାବରେ କହିଥିଲେ, ମିଷ୍ଟର ନେଦୁମ୍ପାରା, ମୋ କୋର୍ଟରେ କଥା କହିବା ସମୟରେ ସତର୍କ ରୁହନ୍ତୁ। ଆପଣ ମୋତେ ଚଣ୍ଡିଗଡ଼ ଏବଂ ଦିଲ୍ଲୀରେ ଦେଖିଛନ୍ତି... ମୁଁ ଆପଣଙ୍କୁ ଚେତାବନୀ ଦେଉଛି। ଅନ୍ୟ ବେଞ୍ଚରେ ଯେପରି ଆପଣ କରନ୍ତି, ସେହିପରି ଆପଣ ଏଠାରେ ଖରାପ ଆଚରଣ କରିପାରିବେନି। ଏହି ଘଟଣା ଏପରି ଏକ ସମୟରେ ଆସିଛି ଯେତେବେଳେ ନେଦୁମ୍ପାରା ପୂର୍ବରୁ କଲେଜିୟମ୍ ସିଷ୍ଟମକୁ ଚ୍ୟାଲେଞ୍ଜ କରି ପିଟିସନ୍ ଦାଖଲ କରିବାକୁ ଚେଷ୍ଟା କରିଥିଲେ। ୨୦୨୪ ରେ ସୁପ୍ରିମକୋର୍ଟ ରେଜିଷ୍ଟ୍ରି ତାଙ୍କର ନୂତନ ରିଟ୍ ପିଟିସନ୍ ଗ୍ରହଣ କରିବାକୁ ମନା କରିଦେଇଥିଲେ, କହିଥିଲେ ଯେ ୨୦୧୫ର ଏକ ରାୟରେ ଏହି ସମସ୍ୟାର ସମାଧାନ ହୋଇ ସାରିଛି।